

“ଭାରତ ଟିକାକଣରେ ରେକର୍ଡ କରିଛି, ଦେଶ ଖୁବଶୀଘ୍ର ଟିକା ଉତ୍ପାଦନର ପ୍ରମୁଖ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି।”

ସାକ୍ଷାତକାର : କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ

ପୃଷ୍ଠା – ୨୨-୨୫

ବର୍ଷ 2, ସଂଖ୍ୟା ୪

ଅକ୍ଟୋବର 16-31, 2021

ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

# ନ୍ୟୁ ଇଣ୍ଡିଆ ସମାଚାର



## ଟିକାକରଣ ପାଲଟିଛି

# ଦେଶର ସୁରକ୍ଷା କବଚ

କୋଭିଡ ମହାମାରୀ ବିରୋଧରେ ଟିକାକରଣ ଅଭିଯାନରେ ଭାରତ ଏକ ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି, ୧୦୦% ଯୋଗ୍ୟ ହିତାଧିକାରୀଙ୍କ ଦ୍ରୁତ ଟିକାକରଣ ଦିଗରେ ଦେଶ ଆଗେଇ ଚାଲିଛି



# "ଛୋଟ ଉଦ୍ୟମ ବେଳେ ବେଳେ ବଡ଼ ପରିବର୍ତ୍ତନ ଆଣିଥାଏ"

**ଛୋଟ ଛୋଟ ଉଦ୍ୟମ ଭାରତରେ ପରିବର୍ତ୍ତନର ଯାତ୍ରାକୁ ଆଗେଇ ନେଉଛନ୍ତି- କୋଭିଡ ମହାମାରୀ ବିରୋଧରେ ଟିମ୍ ଇଣ୍ଡିଆର ସଂକଳ୍ପ ହେଉ କିମ୍ବା ସ୍ଥାନୀୟ ଉତ୍ପାଦ ପ୍ରତି ଆଗ୍ରହ, ସ୍ୱଛତାକୁ ଏକ ଅଭ୍ୟାସରେ ପରିବର୍ତ୍ତନ କରିବା କିମ୍ବା ନଦୀ ପୁନରୁଦ୍ଧାର ପାଇଁ ଉଦ୍ୟମ ଅଥବା ଅପରିଚିତ ନାୟକମାନଙ୍କର ବୀରଗାଥା ସମ୍ପର୍କରେ ସୂଚନା ଦେଇ ନାଗରିକମାନଙ୍କୁ ଅନୁପ୍ରାଣିତ କରିବା ହେଉ ପ୍ରତ୍ୟେକ କ୍ଷେତ୍ରରେ ଭାରତ ଦ୍ରୁତ ଗତିରେ ଅଗ୍ରସର ହେଉଛି। ଏସବୁ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର 'ମନ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କଥା ହୋଇଥିଲେ। ଏହାର କିୟଦଂଶ :**

- **ସ୍ୱଛତା ଏକ ଅଭ୍ୟାସ ପାଲଟିଛି :** ସ୍ୱଛତା ପୂଜନୀୟ ବାପୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଆଜି ବହୁ ଦଶନ୍ଧି ପରେ ସ୍ୱଛତା ଆନ୍ଦୋଳନ ପୁଣିଥରେ ସାରା ଦେଶକୁ ଏକ ନୂତନ ଭାରତର ସ୍ୱପ୍ନରେ ବାନ୍ଧି ପାରିଛି। ପିଢ଼ି ପରେ ପିଢ଼ି ଲୋକଙ୍କ ମଧ୍ୟରେ ସ୍ୱଛତାର ଉତ୍ତରଦାୟିତ୍ୱ ଏକ ସଂସ୍କାର ଭାବେ ରହିଆସିଛି। ସ୍ୱଛତା ଅଭିଯାନ ଗୋଟିଏ ପିଢ଼ି ପରେ ଆଉ ଗୋଟିଏ ପିଢ଼ି ପର୍ଯ୍ୟନ୍ତ ଲାଗି ରହିଲେ ସମାଜ ଏହି ଗୁଣକୁ ଖୁବଶୀଘ୍ର ନିଜ ଭିତରେ ଆତ୍ମସ୍ଥ କରି ନେଇଥାଏ।

- **ଆର୍ଥିକ ସ୍ୱଛତା :** ଏହା ସତ୍ୟ ଯେ ଆର୍ଥିକ ସ୍ୱଛତା ହାସଲ ପାଇଁ ପ୍ରଯୁକ୍ତି ସହାୟକ ହୋଇପାରିବ। ଏହା ଆମ ସମସ୍ତଙ୍କ ପାଇଁ ଏକ ଖୁସିର ବିଷୟ ଯେ ସାଧାରଣ ଜନତା ଫିନଟେକ ୟୁପିଆଇଗୁଡ଼ିକ ମାଧ୍ୟମରେ ଡିଜିଟାଲ ଅର୍ଥ କାରବାର ମାର୍ଗ ସହିତ ଯୋଡ଼ି ହେଉଛନ୍ତି। ଏହାର ପ୍ରଚଳନ ଦିନକୁ ଦିନ ବୃଦ୍ଧି ପାଉଛି। ଆପଣମାନେ ଏହି ଅଭିଯାନ ସମ୍ପର୍କରେ ଅବଗତ ଥିବେ ଯେ ଜନଧନ ଆକାଉଣ୍ଟକୁ ଦେଶ ଏବେ ମାନ୍ୟତା ପ୍ରଦାନ କରିଛି କାରଣ ଏହା ମାଧ୍ୟମରେ ଗରିବଙ୍କ ପ୍ରାପ୍ୟ ଟଙ୍କା ସିଧାସଳଖ ସେମାନଙ୍କ ଆକାଉଣ୍ଟରେ ଜମା ହୋଇପାରୁଛି। ଶୌଚାଳୟ ନିର୍ମାଣ ମାଧ୍ୟମରେ ଗରିବଙ୍କ ସମ୍ମାନ ବୃଦ୍ଧି ପାଇଛି, ଅନୁରୂପ ଭାବେ ଆର୍ଥିକ ସ୍ୱଛତା ଗରିବଙ୍କ ଅଧିକାର ସୁନିଶ୍ଚିତ କରୁଛି, ସେମାନଙ୍କ ଜୀବନକୁ ସୁଖମୟ କରିଛି।

- **ଦୀନଦୟାଲ ଉପାଧ୍ୟାୟଜୀଙ୍କ ଆର୍ଥିକ ଦୂରଦୃଷ୍ଟି :** ଦୀନ ଦୟାଲ ଜୀ ବିଗତ ଶତାବ୍ଦୀର ମହାନ ଚିନ୍ତାନାୟକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ତାଙ୍କର ଅର୍ଥନୈତିକ ଦର୍ଶନ ଓ ନୀତି ସମାଜର ସଶକ୍ତିକରଣ ପ୍ରତି ଉଦ୍ଦିଷ୍ଟ ଥିଲା। ତାଙ୍କ ଦ୍ୱାରା ପ୍ରଦର୍ଶିତ ଅନ୍ତ୍ୟୋଦୟର ମାର୍ଗ ବର୍ତ୍ତମାନ ପରିପ୍ରେକ୍ଷୀରେ ମଧ୍ୟ ଶିକ୍ଷଣୀୟ ଏବଂ ପ୍ରେରଣାଦାୟୀ। ଦୀନ ଦୟାଲଙ୍କ ଜୀବନରୁ ଆମକୁ ନିରନ୍ତର ଚେଷ୍ଟା କରିବାର ପ୍ରେରଣା ମିଳିଥାଏ। ପ୍ରତିକୂଳ ରାଜନୈତିକ ଏବଂ ଆଦର୍ଶଗତ ପରିସ୍ଥିତି ସତ୍ତ୍ୱେ, ସେ ଭାରତର ବିକାଶ ଲାଗି ସ୍ୱଦେଶୀ ତଥା ଦେଶରେ ବିକଶିତ ମଡେଲ ପାଇଁ ତାଙ୍କର ସଂକଳ୍ପରୁ ବିଚ୍ୟୁତ ହୋଇନଥିଲେ।

- **ଭୋକାଲ ଫର ଲୋକାଲ :** ଆଜି ସ୍ୱାଧୀନତାର ୭୫ତମ ବର୍ଷରେ ଆମେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛୁ। ଆମେ ଆଜି ସନ୍ତୋଷର ସହ କହିପାରିବା ଯେ ଆମର ଯୁବପିଢ଼ି ଖଦୀକୁ ସେହି ଗୌରବଶାଳୀ ସ୍ଥାନ ଦେଇପାରିଛନ୍ତି ଯାହା ଦିନେ ସ୍ୱାଧୀନତା ସଂଗ୍ରାମ ସମୟରେ ଖଦୀକୁ ମିଳିଥିଲା। ଆଗକୁ ଦୀପାବଳୀ ଆସୁଛି... ପାର୍ବଣ ଋତୁ ପାଇଁ ଆପଣଙ୍କ ଦ୍ୱାରା ପ୍ରତ୍ୟେକ ଖଦୀ, ହସ୍ତତନ୍ତ, କୁଟୀରଶିଳ୍ପ ଉତ୍ପାଦ କ୍ରୟ 'ଭୋକାଲ ଫର ଲୋକାଲ' ଅଭିଯାନକୁ ସୁଦୃଢ଼ କରିବା ଉଚିତ୍ ଏବଂ ଏହା ସମସ୍ତ ରେକର୍ଡ ଭାଙ୍ଗିବା ଉଚିତ୍।

- **ଅପରିଚିତ ନାୟକଙ୍କ ସହିତ ଯୋଡ଼ି ହୋଇଛନ୍ତି ଯୁବ ପିଢ଼ି :** ଅମୃତ ମହୋତ୍ସବର ଏହି କାଳରେ, ସ୍ୱାଧୀନତା ସଂଗ୍ରାମ ଇତିହାସର ଅନାଲୋଚିତ ଅଧ୍ୟାୟ ସମ୍ପର୍କରେ ପ୍ରତ୍ୟେକଙ୍କୁ ପରିଚିତ କରାଇବାର ଉଦ୍ୟମ ଜାରି ରହିଛି। ଏଥିପାଇଁ ପ୍ରତିଭାସମ୍ପନ୍ନ ଲେଖକ, ଦେଶ ଓ ବିଶ୍ୱର ଯୁବପିଢ଼ିମାନଙ୍କୁ ଆହ୍ୱାନ କରାଯାଉଛି। ଏଥିପାଇଁ ବର୍ତ୍ତମାନ ସୁଦ୍ଧା ୧୩ ହଜାରରୁ ଅଧିକ ଲୋକ ପଞ୍ଜିକରଣ କରିଛନ୍ତି ଏବଂ ତାହା ପୁଣି ୧୪ଟି ଭିନ୍ନ ଭିନ୍ନ ଭାଷାରେ। ପାଖାପାଖି ୫ ହଜାରରୁ ଅଧିକ ପ୍ରତିଭାବାନ ଲେଖକ ଆମ ସ୍ୱାଧୀନତା ସଂଗ୍ରାମର କାହାଣୀ ଖୋଜିବାରେ ଲାଗି ପଡିଛନ୍ତି।

- **ନଦୀ ପୁନରୁଦ୍ଧାର :** ମୋର ନିବେଦନ ହେଉଛି ଭାରତର ପ୍ରତ୍ୟେକ କୋଣରେ ବର୍ଷକୁ ଅତିକମରେ ଥରେ ଏକ ନଦୀ ପର୍ବ ପାଳନ କରାଯିବା ଉଚିତ୍। ଆମ ପାଇଁ, ନଦୀ କେବଳ ଭୌତିକ ବସ୍ତୁ ନୁହେଁ; ନଦୀ ଆମ ପାଇଁ ଏକ ପ୍ରାଣଶକ୍ତି। ମୌସୁମୀ ସମୟରେ ବର୍ଷା ଜଳ ସଂରକ୍ଷଣ ପାଇଁ 'କ୍ୟାଚ୍ ଦ ରେନ୍' ଅଭିଯାନ ଆରମ୍ଭ କରାଯାଇଥିଲା। ତାମିଲନାଡୁରେ ଯେଉଁ ନାଗନାନ୍ଧୀ ବହୁ ବର୍ଷ ଧରି ଶୁଖିଲା ପଡ଼ିଥିଲା, ସ୍ଥାନୀୟ ମହିଳାମାନଙ୍କର ଉଦ୍ୟମରେ ତାହାର ପୁନରୁଦ୍ଧାର ହୋଇପାରିଛି।

- **ଉପହାରର ଇ-ନିଲାମୀ :** ବର୍ତ୍ତମାନ ସମୟରେ, ଏକ ବିଶେଷ ଧରଣର ଇ ନିଲାମୀ କରାଯାଉଛି। ମୋତେ ଲୋକମାନେ ବିଭିନ୍ନ ସମୟରେ ଦେଉଥିବା ସାମଗ୍ରୀକୁ ଇଲେକ୍ଟ୍ରୋନିକ ମାଧ୍ୟମରେ ନିଲାମୀ କରାଯାଉଛି। ଏହି ଇ-ନିଲାମୀ ମାଧ୍ୟମରେ ଆଦାୟ ହେଉଥିବା ଅର୍ଥ ସମ୍ପୂର୍ଣ୍ଣ ନମାମି ଗଙ୍ଗେ ଅଭିଯାନରେ ଖର୍ଚ୍ଚ କରାଯିବ।

- **ଦିବ୍ୟାଙ୍ଗମାନଙ୍କର ଉଚ୍ଚ ଭାବନା :** ଆମ ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କର "ଆମେ ପାରିବୁ ସଂସ୍କୃତି", "ଆମେ ପାରିବୁ ସଂକଳ୍ପବଦ୍ଧତା" ଏବଂ "ଆମେ କରିପାରିବୁ ମନୋଭାବ" ବାସ୍ତବରେ ପ୍ରେରଣାଦାୟୀ। କିଛିଦିନ ପୂର୍ବରୁ, ୮ ଜଣ ଦିବ୍ୟାଙ୍ଗ ବ୍ୟକ୍ତି ଯେପରି ଭାବେ ଅପହଞ୍ଚ ଅଞ୍ଚଳ ସିଆଚୀନରେ ପହଞ୍ଚିବାର ସଫଳ ହେଲେ ତାହା ପ୍ରତ୍ୟେକ ଦେଶବାସୀଙ୍କ ପାଇଁ ଗର୍ବର ବିଷୟ। ଭାରତୀୟ ସେନା ସ୍ୱତନ୍ତ୍ର ବାହିନୀର ଉଦ୍ୟମ ଯୋଗୁ ଏହି ଅପରେସନ ସଫଳ ହୋଇଥିଲା।

କ୍ୟୁଆର କୋଡ୍ ସ୍କାନ କରି ମନ୍ କୀ ବାତ୍ ଶୁଣନ୍ତୁ

ନ୍ୟୁ ଇଣ୍ଡିଆ
# ସମାଚାର

ବର୍ଷ 2, ସଂଖ୍ୟା 08 ଅକ୍ଟୋବର 16-31, 2021

**ସମ୍ପାଦକ**
**ଜୟଦୀପ ଭଟନାଗର**
ପ୍ରମୁଖ ମହାନିର୍ଦ୍ଦେଶକ,
ପତ୍ର ସୂଚନା କାର୍ଯ୍ୟାଳୟ,
ନୂଆଦିଲ୍ଲୀ

**ଉପଦେଷ୍ଟା ସମ୍ପାଦକ**
**ସନ୍ତୋଷ କୁମାର**

**ସମ୍ପାଦକୀୟ ସହଯୋଗୀ**
ବିଭୋର ଶର୍ମା, ଚନ୍ଦନ କୁମାର ଚୌଧରୀ, ସୁମୀତ କୁମାର (ଇଂରାଜୀ), ଅନୀଲ ପଟେଲ (ଗୁଜରାଟୀ), କୋଟେରୁ ଶ୍ରାବଣୀ (ତେଲୁଗୁ), ନଦୀମ ଅହମ୍ମଦ (ଉର୍ଦ୍ଦୁ), ସୋନିତ କୁମାର ଗୋସ୍ୱାମୀ (ଅହମୀୟା), ବିନୟ ପି.ଏସ.(ମାଲାୟଲମ)

**ଅଳଙ୍କରଣ**
ଶ୍ୟାମ ଶଙ୍କର ତିୱାରୀ
ରବୀନ୍ଦ୍ର କୁମାର ଶର୍ମା
ଦିବ୍ୟା ତଲୱାର
ଅଭୟ କୁମାର ଗୁପ୍ତା

**ପ୍ରକାଶିତ ଓ ମୁଦ୍ରିତ**
**ସତ୍ୟେନ୍ଦ୍ର ପ୍ରକାଶ**
ପ୍ରମୁଖ ମହାନିର୍ଦ୍ଦେଶକ, ବିଓସି
ବ୍ୟୁରୋ ଅଫ୍ ଆଉଟ୍‌ରିଚ୍ ଆଣ୍ଡ କମ୍ୟୁନିକେସନ

**Printed at**
**Infinity Advertising services Pvt.Ltd.**
**FBD-One Corporate Park, 10th floor,**
**New Delhi-Faridabad border, NH-1,**
**Faridabad-121003**



**Communication Address & E-mail:**

Room No–278, Bureau of
Outreach and Communication,
2nd Floor, Soochna Bhawan,
New Delhi -110003

response-nis@pib.gov.in



RNI No. : DELODI/2020/78831


# ଭିତର ପୃଷ୍ଠାଗୁଡ଼ିକରେ

## 'ଟିକା ସେବା' ସ୍ୱାସ୍ଥ୍ୟର ସୁରକ୍ଷା କବଚ




**ପ୍ରଚ୍ଛଦ ପ୍ରସଙ୍ଗ** କରୋନା ଟିକାକରଣରେ ଭାରତ ନୂଆ ରେକର୍ଡ ପ୍ରତିଷ୍ଠା କରୁଛି ଯାହାକି ନିଜର ବିଜ୍ଞ ଯୋଜନା ଏବଂ ଦୂରଦର୍ଶିତା ବଳରେ ସର୍ବବୃହତ ଟିକାକରଣ ଅଭିଯାନ କାର୍ଯ୍ୟକାରୀ କରି ସାରା ବିଶ୍ୱରେ ପ୍ରଶଂସନୀୟ ହୋଇପାରିଛି। ପୃଷ୍ଠା 10-21

ସର୍ଦ୍ଦାର ବଲ୍ଲଭଭାଇ ପଟେଲ : ଅଖଣ୍ଡ ଭାରତ ନିର୍ମାଣ କରିଥିବା ଲୌହପୁରୁଷ
**ସର୍ଦ୍ଦାର ପଟେଲ ନିଜର ଶକ୍ତିଶାଳୀ ସଂକଳ୍ପ ବଳରେ ଆଜିର ଭାରତ ପାଇଁ କେବଳ ଭିତ୍ତିଭୂମି ସ୍ଥାପନ କରିନଥିଲେ ବରଂ ଦୃଢ଼ତା ଏବଂ ସମର୍ପଣ ଭାବନା ସହିତ ଭବିଷ୍ୟତ ପାଇଁ ମାର୍ଗ ପ୍ରଦର୍ଶନ କରିଥିଲେ।**



ପୃଷ୍ଠା 06-07

ଉଡ଼ାନ



**ଉଡ଼ାନ ଯୋଜନା ସାଧାରଣ ଲୋକଙ୍କ ପାଇଁ ବିମାନ ଯାତ୍ରାକୁ ଶସ୍ତା କରି ଦେଇଛି** ପୃଷ୍ଠା 38-40

ସଂକ୍ଷିପ୍ତ ସମାଚାର ପୃଷ୍ଠା 04-05

ନୂତନ ପ୍ରତିରକ୍ଷା କାର୍ଯ୍ୟାଳୟ ପରିସର
**ଦୃଢ଼ ସେନା-ଆତ୍ମନିର୍ଭରତା ଦିଗରେ ହେଉଛି ଅଗ୍ରସର** ପୃଷ୍ଠା 08-09

ସାକ୍ଷାତକାର
**କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ** ପୃଷ୍ଠା 22-25

ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ
**-ଭାରତର ନୂତନ ସ୍ୱାସ୍ଥ୍ୟ ମଡେଲ** ପୃଷ୍ଠା 26-27

କ୍ୟାବିନେଟ ନିଷ୍ପତ୍ତି
**ବର୍ତ୍ତମାନ ଅଟୋମୋବାଇଲ – ଡ୍ରୋନ ଉଦ୍ୟୋଗକୁ ଉତ୍ପାଦନ ପାଇଁ ମିଳିବ 'ପ୍ରୋତ୍ସାହନ'** ପୃଷ୍ଠା 28

ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ
**ଭାରତର ବିକାଶ ସହିତ ବିଶ୍ୱର ବିକାଶ ଯୋଡ଼ି ହୋଇ ରହିଛି** ପୃଷ୍ଠା 29-32

କୃଷି
**କୃଷି ପ୍ରଗତି ପାଇଁ ବିଜ୍ଞାନର ପ୍ରୟୋଗ** ପୃଷ୍ଠା 36-37



**ଯାହାଙ୍କ ପାଇଁ ମାତୃଭୂମିର ହିତ ଥିଲା ଶ୍ରେଷ୍ଠ ଲକ୍ଷ୍ୟ**
**ବିନା ବାଛବିଚାରରେ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ରାଷ୍ଟ୍ରର ହିତକୁ ସର୍ବୋଚ୍ଚ ସ୍ଥାନରେ ରଖିଥିବା ମହାନାୟକମାନଙ୍କ ଉପରେ ସ୍ୱତନ୍ତ୍ର ପ୍ରସଙ୍ଗ** ପୃଷ୍ଠା 36-37

# ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

*ସଂକଳ୍ପ ନେଇ ଆଗକୁ ବଢ଼ନ୍ତୁ*
*ସମସ୍ତ ବାଧା ଦୂରେଇ ଦେଇ*
*ଅନ୍ଧକାର ଦୂର କରିବା ଲାଗି*
*କାରଣ ବର୍ତ୍ତମାନ ସୂର୍ଯ୍ୟ ଉଦୟ ହୋଇସାରିଛନ୍ତି...*

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କବି ହୃଦୟରୁ ନିସୃତ ଏହି ବାଣୀରେ ନୂତନ ଭାରତର ସଂକଳ୍ପ ପ୍ରତିଫଳିତ ହୋଇଛି। ସେହି ନୂତନ ଭାରତ ଏବଂ ବିକାଶର ନୂଆ ଉପଲବ୍ଧି ହାସଲ କରୁଛି। ଦେଶ ଯେତେବେଳେ କୋଭିଡ ପ୍ରଭାବିତ ହେଲା, ବିଶାଳ ଜନସଂଖ୍ୟା କାରଣରୁ ଏହି ସଙ୍କଟର ମୁକାବିଲା ପାଇଁ ଭାରତର ସାମର୍ଥ୍ୟ ଉପରେ ବିଶ୍ୱବ୍ୟାପୀ ସନ୍ଦେହ ପ୍ରକାଶ କରାଯାଇଥିଲା। କିନ୍ତୁ କେନ୍ଦ୍ର ସରକାର ଏହି ଜନସଂଖ୍ୟାକୁ ଏକ ମୂଲ୍ୟବାନ ମାନବ ସମ୍ବଳରେ ପରିଣତ କଲେ। ଫଳରେ ଭାରତ କେବଳ କୋଭିଡ ମହାମାରୀର ସଫଳ ମୁକାବିଲା କଲା ନାହିଁ ବରଂ ପ୍ରତ୍ୟେକ କ୍ଷେତ୍ରରେ ଦ୍ରୁତ ପ୍ରଗତି ହାସଲ କଲା। ବର୍ତ୍ତମାନ, ଭାରତ କୋଭିଡ ଟିକାକରଣ କ୍ଷେତ୍ରରେ ନୂଆ ରେକର୍ଡ ହାସଲ କରୁଛି। ଉଲ୍ଲେଖଯୋଗ୍ୟ ଯେ, ସେପ୍ଟେମ୍ବର ୧୭ ତାରିଖ ଗୋଟିଏ ଦିନରେ ଅଢ଼େଇ କୋଟି କୋଭିଡ ଟିକା ଦେଇ ଭାରତ ଏକ ନୂଆ ରେକର୍ଡ କଲା।

୧୦୦ କୋଟି ଡୋଜ୍ କରୋନା ଟିକା ଦେବାର ରେକର୍ଡ ସୃଷ୍ଟି କରିବାରେ ଭାରତ ମାତ୍ର ଆଉ ଅଳ୍ପ କେଇପାଦ ଦୂରରେ ରହିଛି। ଅନୁରୂପ ଭାବେ ଦେଶ ନିଜର ଶତପ୍ରତିଶତ ଯୋଗ୍ୟ ଜନସଂଖ୍ୟାର ଟିକାକରଣ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି। ତେବେ ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ରାଷ୍ଟ୍ରରେ ଏହି ମାଇଲଖୁଣ୍ଟ ହାସଲ କରିବାର ରାସ୍ତା ସହଜ ନଥିଲା। ଦୁଇଟି ସ୍ୱଦେଶୀ ଟିକା ବିକଶିତ କରିବା ଏବଂ ବ୍ୟାପକ ଟିକାକରଣ ଅଭିଯାନ ମାଧ୍ୟମରେ ଆମର ନାଗରିକମାନଙ୍କ ନିକଟରେ ପହଞ୍ଚିବା, ବାସ୍ତବରେ ଏକ ଉଲ୍ଲେଖନୀୟ ଘଟଣା।

ମାନବ ଇତିହାସରେ ଏତେ ବ୍ୟାପକ ଟିକାକରଣ ଦେଖିବାକୁ ମିଳିବା ବିରଳ। ୨୦୧୪ ପରଠାରୁ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ନିରନ୍ତର ଭାବେ ଉଦ୍ୟମ କରି ଆସୁଛନ୍ତି। ଭାରତର ବୈଜ୍ଞାନିକ ଏବଂ ଚିକିତ୍ସା ବ୍ୟବସ୍ଥା ବିଶ୍ୱସ୍ତରରେ ଭରସାଯୋଗ୍ୟ ହୋଇପାରିଛି। ଦେଶର ନେତୃତ୍ୱ ଏବଂ ଜନସାଧାରଣ ନିଜ ଉପରେ ଭରସା ରଖିପାରିଲେ ଏପରି ସ୍ୱପ୍ନ ସାକାର ହୋଇଥାଏ। କୋଭିଡ ମହାମାରୀ ସମୟରେ ନାଗରିକମାନଙ୍କ ଜୀବନ ଓ ଜୀବିକାକୁ ସୁରକ୍ଷିତ ରଖିବାରେ ସରକାର ସଫଳ ହୋଇଛନ୍ତି। ଅବିଶ୍ୱସନୀୟ ଗତିରେ ଚାଲୁଥିବା ଭାରତର ଅସାଧାରଣ ଟିକାକରଣ ଅଭିଯାନକୁ ଚଳିତ ସଂସ୍କରଣର ପ୍ରଚ୍ଛଦ ପ୍ରସଙ୍ଗ ଭାବେ ସ୍ଥାନିତ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁଦୃଢ଼ କରିବା ନିମନ୍ତେ କ୍ୟାବିନେଟ ନିଷ୍ପତ୍ତି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ସାକ୍ଷାତକାର ଚଳିତ ସଂସ୍କରଣର ଅନ୍ୟ ଆକର୍ଷଣୀୟ ପ୍ରସଙ୍ଗ ମଧ୍ୟରେ ସ୍ଥାନ ପାଇଛି।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ତାଙ୍କ ଜୟନ୍ତୀରେ କୃତଜ୍ଞ ରାଷ୍ଟ୍ର ସ୍ମରଣ କରୁଛି। ଅଖଣ୍ଡ ଭାରତ ନିର୍ମାଣ କରିଥିବା ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଅନ୍ତର୍ଜାତୀୟ ସ୍ତରରେ ଭାରତର ବୃଦ୍ଧି ପାଉଥିବା ସମ୍ମାନ, କୋଭିଡ ମହାମାରୀ ସମୟରେ ମିଳିତ ଜାତିସଂଘରେ ପ୍ରଧାନମନ୍ତ୍ରୀଙ୍କର ଅଭିଭାଷଣ ଆଦି ଆକର୍ଷଣୀୟ ପ୍ରସଙ୍ଗ ମଧ୍ୟ ଏହି ସଂସ୍କରଣରେ ରହିଛି। ଆହୁରି, ସାଧାରଣ ଜନତାଙ୍କ ପାଇଁ ବିମାନ ଯାତ୍ରାକୁ ସୁଲଭ କରିଥିବା ଉଡ଼ାନ ଯୋଜନା ଏବଂ ସଂସଦୀୟ ଗଣତନ୍ତ୍ର ଉପରେ ଭରସାଯୋଗ୍ୟ ସୂଚନା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ସଂସଦ ଟିଭି ବିଷୟରେ ମଧ୍ୟ ଆପଣ ଏହି ସଂସ୍କରଣରେ ପଢ଼ିପାରିବେ। ଅମୃତ ମହୋତ୍ସବ ବିଭାଗରେ ମହାନ ସ୍ୱାଧୀନତା ସଂଗ୍ରାମୀ- ଯତୀନ୍ଦ୍ର ନାଥ ଦାସ, ଅଶଫାଖଉଲ୍ଲା ଖାଁ, କିତ୍ତୁରର ରାଣୀ ଚିନ୍ନାମା, ନିର୍ମଲା ଦେଶପାଣ୍ଡେ, ଭଗିନୀ ନିବେଦିତା, ଆଚାର୍ଯ୍ୟ ନରେନ୍ଦ୍ର ଦେବ ଏବଂ ଶ୍ରୀକ୍ରିଷ୍ଣା ସିଂହଙ୍କ ଜୀବନୀ ମଧ୍ୟ ପାଠକମାନଙ୍କୁ ଅନୁପ୍ରାଣିତ କରିବ।

ପାର୍ବଣ ଋତୁରେ ବିଶେଷ ଭାବେ କୋଭିଡ ନିୟମ ପାଳନ କରନ୍ତୁ ଏବଂ ଆମକୁ ନିଜର ମତାମତ ଲେଖନ୍ତୁ

ଠିକଣା : ରୁମ ନମ୍ବର-୨୭୮, ବ୍ୟୁରୋ ଅଫ ଆଉଟରିଚ୍
ଆଣ୍ଡ କମ୍ୟୁନିକେସନ, ଦ୍ୱିତୀୟ ମହଲା
ସୂଚନା ଭବନ, ନୂଆଦିଲ୍ଲୀ-୧୧୦୦୦୩
ଇ-ମେଲ୍ : response-nis@pib.gov.in

(ଜୟଦୀପ ଭଟନାଗର)

# ଚିଠି ବାକ୍ସ




ନ୍ୟୁ ଇଣ୍ଡିଆ ସମାଚାର ଏକ ଶ୍ରେଷ୍ଠ ମାଧ୍ୟମ ଯାହା ପାଠକମାନଙ୍କୁ ସୂଚନା, ପ୍ରେରଣା ଏବଂ ସୃଜନଶୀଳ ବିଚାରର ସମ୍ପତ୍ତି ଯୋଗାଇ ଦେଇଥାଏ। ସୁବିଧାଜନକ, ଇଣ୍ଟରଆକ୍ଟିଭ ଏବଂ ସହଜରେ ଉପଲବ୍ଧ ଏହି ପତ୍ରିକାର ଏକ ନିୟମିତ ପାଠକ ହୋଇଥିବାରୁ ମୁଁ କୃତଜ୍ଞ। ଜ୍ଞାନ ଓ ପ୍ରେରଣାରେ ପରିପୂର୍ଣ୍ଣ ଏହି ଇଣ୍ଟରଆକ୍ଟିଭ ପତ୍ରିକା ପ୍ରକାଶ କରିଥିବାରୁ ମୁଁ ପ୍ରଧାନମନ୍ତ୍ରୀ ଏବଂ ନ୍ୟୁ ଇଣ୍ଡିଆ ସମାଚାର ଟିମ ପ୍ରତି କୃତଜ୍ଞତା ପ୍ରକାଶ କରୁଛି।

**ପର୍ଥ ୱାସନ୍**
**paarth26wassan@gmail.com**

ମୋ ଇ-ମେଲରେ ନ୍ୟୁ ଇଣ୍ଡିଆ ସମାଚାର ପାଇଲେ, ମୁଁ ଖୁସି ହୋଇଥାଏ। ଏହି ପତ୍ରିକା ଅତ୍ୟନ୍ତ ସୂଚନାଧର୍ମୀ ଏବଂ ପ୍ରେରଣାଦାୟୀ। ଏହା ମୋ ଦେଶ ଏବଂ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନୂଆ ଯୋଜନା ସହିତ ମୋତେ ଯୋଡ଼ିଥାଏ। ଆମ ସ୍ୱାଧୀନତା ସଂଗ୍ରାମର ଅପରିଚିତ ନାୟକମାନଙ୍କ ବିଷୟରେ ସ୍ତମ୍ଭ ଅତ୍ୟନ୍ତ ପ୍ରେରଣାଦାୟୀ। ଏହି ପତ୍ରିକା ପଢ଼ିବା ବାସ୍ତବରେ ଏକ ସୁଖଦ ଅନୁଭୂତି ପ୍ରଦାନ କରିଥାଏ।

**ସିଏ. ସଞ୍ଜିତ କୁମାର**
**casanjeetkumar@gmail.com**

“ନ୍ୟୁ ଇଣ୍ଡିଆ ସମାଚାର”ର ମୁଁ ଜଣେ ନିୟମିତ ପାଠକ। ଏହି ପତ୍ରିକା ପାଠକମାନଙ୍କୁ ଅତ୍ୟନ୍ତ ସୂଚନାପ୍ରଦ, ଉପଯୋଗୀ ଏବଂ ଆକର୍ଷଣୀୟ ସ୍ତମ୍ଭ ପଢ଼ିବା ଲାଗି ସୁଯୋଗ ଦେଉଥିବାରୁ ମୁଁ ବିଶେଷ ଭାବେ କୃତଜ୍ଞତା ବ୍ୟକ୍ତ କରୁଛି। ଦୈନନ୍ଦିନ ଜୀବନରେ ଦେଶର ସାଧାରଣ ଜନତା ସମ୍ମୁଖିନ ହେଉଥିବା ସମସ୍ୟା ଏହି ପତ୍ରିକା ମାଧ୍ୟମରେ ପ୍ରକାଶ ପାଇଲେ ସରକାର ଯଥା ସମୟରେ ସେଗୁଡ଼ିକର ସମାଧାନ କରି ଲୋକମାନଙ୍କ ଜୀବନରେ ଉନ୍ନତି ଆଣିପାରନ୍ତେ।

**ଚୌଧୁରୀ ଶକ୍ତି ସିଂହ**
**shaktisinghadv@gmail.com**

ଆରମ୍ଭ ହେବା ଦିନ ଠାରୁ ମୁଁ ନ୍ୟୁ ଇଣ୍ଡିଆ ସମାଚାର ପଢ଼ିଆସୁଛି। ସୂଚନା ପ୍ରଦାନ କରିବା କ୍ଷେତ୍ରରେ ଏହି ପତ୍ରିକା ମୋତେ ସବୁବେଳେ ସନ୍ତୋଷ ପ୍ରଦାନ କରିଛି। ଏହି ପତ୍ରିକା ପଛରେ ରହିଥିବା ସମସ୍ତଙ୍କୁ ମୁଁ ଅଶେଷ ଧନ୍ୟବାଦ ଜଣାଉଛି।

**ଅଜୟ ମଜୁମଦାର**
**Ajaymajumder675@gmail.cm**

ୟୁପିଏସସି, ରାଜ୍ୟ ପିଏସସି ଭଳି ଅନ୍ୟ ନିମ୍ନସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମୁଁ ପ୍ରସ୍ତୁତି କରୁଛି। ତେଣୁ, ବାସ୍ତବରେ, ଏହି ପତ୍ରିକା ନିଜର ମୁଖ୍ୟ ଉଦ୍ଦେଶ୍ୟରେ ସଫଳ ହୋଇଛି। ଆପଣ ମୋତେ ଏହାର ଏକ ଛାପା ସଂସ୍କରଣ ପଠାଇପାରିବେ କି?

**ନାଜିର ଖାଁ**
**nazir@ddn.amarujala.com**

## ଆପଣଙ୍କ ମତାମତ ପଠାନ୍ତୁ


**ଯୋଗାଯୋଗ ଠିକଣା ଏବଂ ଇ-ମେଲ:**
Room No–278, Bureau of Outreach and Communication, 2nd Floor, Soochna Bhawan, New Delhi -110003
response-nis@pib.gov.in

**ସଂକ୍ଷିପ୍ତ ସମାଚାର**



# ମାର୍ଚ୍ଚ ୨୦୨୩ ସୁଦ୍ଧା ଦେଶର ଦୀର୍ଘତମ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ପ୍ରସ୍ତୁତ ହେବ

ନୂତନ ଭାରତ କେବଳ ଆର୍ଥିକ ପ୍ରଗତି, ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେଉନାହିଁ ବରଂ ବିଶ୍ୱସ୍ତରର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛି। ୯୮ ହଜାର କୋଟି ଟଙ୍କା ବ୍ୟୟରେ ଦେଶର ସବୁଠୁ ଲମ୍ବା ୧୩୮୦ କିଲୋମିଟର ବିଶିଷ୍ଟ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ନିର୍ମାଣ କରାଯାଉଛି। ଭାରତମାଳା ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଅଂଶବିଶେଷ ସ୍ୱରୂପ ଏହି ଏକ୍ସପ୍ରେସୱେ ନିର୍ମାଣ କରାଯାଉଛି। ଏହା ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ମହାରାଷ୍ଟ୍ର ଆଦି ୬ଟି ରାଜ୍ୟ ଦେଇ ଅତିକ୍ରମ କରିବ। ଏହି ଏକ୍ସପ୍ରେସୱେ ନିର୍ମାଣ ହେବା ପରେ ସଡ଼କପଥରେ ଦିଲ୍ଲୀ ଓ ମୁମ୍ବାଇ ମଧ୍ୟରେ ଦୂରତା ୧୩୦ କିମି ହ୍ରାସ ପାଇବ। ଏକ୍ସପ୍ରେସୱେର ଉଭୟ ପାର୍ଶ୍ୱରେ ଶିଳ୍ପ କରିଡର ନିର୍ମାଣ କରିବା ଲାଗି ମଧ୍ୟ ଯୋଜନା ରହିଛି। ଏହା ନୂତନ ନିଯୁକ୍ତି ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରିବ। ଏକ୍ସପ୍ରେସୱେ ସମ୍ପୂର୍ଣ୍ଣ ହେବା ପରେ ଏହା ୩୨୦ ନିୟୁତ ଲିଟର ଇନ୍ଧନ ସଞ୍ଚୟ କରିବ। ସେହିପରି CO2 ଗ୍ୟାସ ନିର୍ଗମନ ୮୫୦ ନିୟୁତ ଟନ ହ୍ରାସ ପାଇବ, ଏହା ୪୦ ନିୟୁତ ବୃକ୍ଷ ରୋପଣ କରିବା ସହିତ ସମାନ। ଏହା ପରିବେଶ ପାଇଁ ମଧ୍ୟ ଲାଭଦାୟକ ହେବ। ଏହି ରାଜପଥର ପ୍ରତ୍ୟେକ ୫୦୦ ମିଟର ବ୍ୟବଧାନରେ ବର୍ଷା ଜଳ ପରିଚାଳନା ସୁବିଧା ରହିବ। ଏକ୍ସପ୍ରେସୱେର ଉଭୟ ପାର୍ଶ୍ୱରେ ୪୦ ଲକ୍ଷ ବୃକ୍ଷରୋପଣ ନିମନ୍ତେ ଯୋଜନା ରହିଛି। ଏହି ରାଜପଥ ଯାଇଥିବା ମାର୍ଗରେ ବନ୍ୟପ୍ରାଣୀ ଅଭୟାରଣ୍ୟ ପଡୁଥିବାରୁ ବନ୍ୟପ୍ରାଣୀଙ୍କ ଯାତାୟାତ ଲାଗି ଏହି ରାଜପଥ ଅଣ୍ଡରପାସ ନିର୍ମାଣ କରାଯିବ। ସେମାନଙ୍କ ସୁରକ୍ଷିତ ଯାତାୟାତ ପାଇଁ ପାଞ୍ଚଟି ଷ୍ଟ୍ରକ୍ଚର୍ ଯୋଜନା କରାଯାଇଛି।

**ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେର ସମୟ ଅବଧି**

**214** କିମି ଦିଲ୍ଲୀରୁ ଦୌସା (ମାର୍ଚ୍ଚ ୨୦୨୨)

**100** କିମି ଭଦୋଦରାରୁ ଅଙ୍କଲେଶ୍ୱର (ମାର୍ଚ୍ଚ, ୨୦୨୨)

**250** କିମି କୋଟାରୁ ରତଲମ (ନଭେମ୍ବର, ୨୦୨୨)

ଏକ୍ସପ୍ରେସୱେର ଅବଶିଷ୍ଟ ଭାଗ ମାର୍ଚ୍ଚ ୨୦୨୩ ସୁଦ୍ଧା ଶେଷ ହେବ

# କରୋନା କାଳରେ ନିଯୁକ୍ତି କ୍ଷେତ୍ରରେ ସୁଖବର; ଜୁଲାଇରେ ଇପିଏଫଓରେ ଯୋଡ଼ି ହେଲେ ୧୪.୬୫ ଲକ୍ଷ ସଦସ୍ୟ

କେନ୍ଦ୍ର ସରକାରଙ୍କ ନୀତିଯୋଗୁ କାରଣରୁ, ଦେଶରେ ଯୁବକମାନଙ୍କ ପାଇଁ ରୋଜଗାର ସୁଯୋଗ ବୃଦ୍ଧି ପାଇଛି। ଜୁଲାଇ ମାସରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ)ରେ ପଞ୍ଜିକୃତ ନୂଆ ସଦସ୍ୟମାନଙ୍କ ସଂଖ୍ୟା ରେକର୍ଡ ପରିମାଣରେ ବୃଦ୍ଧି ପାଇଛି। ଇପିଏଫଓର ସୂଚନା ମୁତାବକ ୧୪ ଲକ୍ଷ ୬୫ ହଜାର ନୂଆ ସଦସ୍ୟ ଇପିଏଫରେ ଯୋଗ ଦେଇଛନ୍ତି। ଗତ ଚାରି ମାସରେ ନିଟ୍ ପେ ରୋଲରେ ବୃଦ୍ଧି ମଧ୍ୟ ନିଯୁକ୍ତିରେ ଅଭିବୃଦ୍ଧିକୁ ଦର୍ଶାଉଛି। ଜୁଲାଇ ୨୦୨୧ରେ ମୋଟ ଉପଭୋକ୍ତାଙ୍କ ସଂଖ୍ୟା ୩୧ ଦଶମିକ ୨୮ ପ୍ରତିଶତ ବୃଦ୍ଧି ପାଇଛି। ଜୁନରେ ମୋଟ ୧୧.୧୬ ଲକ୍ଷ ସଦସ୍ୟ ଇପିଏଫଓରେ ଯୋଗ ଦେଇଥିଲେ। ଜୁଲାଇରେ ଯୋଗ ଦେଇଥିବା ମୋଟ ୧୪.୬୫ ଲକ୍ଷ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୯.୦୨




ଲକ୍ଷ ନୂଆ ସଦସ୍ୟ ପ୍ରଥମ ଥର ପାଇଁ ଇପିଏଫଓର ସାମାଜିକ ସୁରକ୍ଷା ପାଇଛନ୍ତି। ପାଖାପାଖି ୫.୩୬ ଲକ୍ଷ ସଦସ୍ୟ ଇପିଏଫଓ ଛାଡ଼ିଥିଲେ ମଧ୍ୟ ଚାକିରି ବଦଳାଇ ପୁଣିଥରେ ଏହି ଅବସର ପାଣ୍ଠି ସଂସ୍ଥାନ ଅଧୀନରେ ଆସୁଥିବା ସଂସ୍ଥାଗୁଡ଼ିକରେ ଯୋଗ ଦେଇଥିଲେ। ଇପିଏଫଓ ତଥ୍ୟ ଦର୍ଶାଉଛି ଯେ ଜୁଲାଇ ୨୦୨୧ ସମୟରେ, ଇପିଏଫଓରେ ଯୋଗ ଦେଇଥିବା ସଦସ୍ୟମାନଙ୍କର ସଂଖ୍ୟା ପ୍ରଥମ ଥର ପାଇଁ ୬ ପ୍ରତିଶତ ବୃଦ୍ଧି ପାଇଛି।

# ନୂତନ ଉଭାବନ ବିଶ୍ୱ ସୂଚକାଙ୍କରେ ଭାରତର ଦ୍ରୁତ ପ୍ରଗତି : ୨୦୧୫ରେ ୮୧ତମ ସ୍ଥାନରୁ ଉନ୍ନୀତ ହୋଇ ୨୦୨୧ରେ ୪୬ତମ ସ୍ଥାନରେ ପହଞ୍ଚିଲା

ଭାରତରେ ଷ୍ଟାର୍ଟଅପ୍ ଏବଂ ନୂତନ ଉଭାବନ ସଂସ୍କୃତି ଲଗାତାର ଭାବେ ବୃଦ୍ଧି ପାଉଛି। ଏହା ଦେଶକୁ ଆତ୍ମନିର୍ଭରଶୀଳତାର ମାର୍ଗରେ ଗତିଶୀଳ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ମହାମାରୀର ସଂକଟମୟ ପରିସ୍ଥିତିରେ ମଧ ଦେଶ ବିକାଶ ପଥରେ ରହିଛି। ଏକ ମହତ୍ୱପୂର୍ଣ୍ଣ ଉପଲବ୍ଧିକ୍ରମେ ଭାରତ ବିଶ୍ୱ ନବୋନ୍ମେଷ ସୂଚକାଙ୍କ ବା ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସ (ଜିଆଇଆଇ)-୨୦୨୧ରେ ଦୁଇଟି ସ୍ଥାନ ଉପରକୁ ଉଠି ୪୬ତମ ସ୍ଥାନରେ ପହଞ୍ଚିଛି। ୨୦୧୫ରେ ୮୧ତମ ସ୍ଥାନରେ ଥିବା ଭାରତ ଏଥିରେ ଉଲ୍ଲେଖନୀୟ ଉନ୍ନତି ହାସଲ କରିଛି। ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନ (ଡବ୍ଲୁଆଇପିଓ) ପକ୍ଷରୁ ପ୍ରତ୍ୟେକ ବର୍ଷ ଏହି ରେଙ୍କିଙ୍ଗ ପ୍ରକାଶ ପାଇଥାଏ। ରାଜନୈତିକ ପରିବେଶ, ଶିକ୍ଷା ଭିତ୍ତିଭୂମି ଏବଂ ବ୍ୟବସାୟିକ ବାତାବରଣ ଆଦି ୮୦ଟି ସୂଚକକୁ ଆଧାର କରି ଏହା ପ୍ରସ୍ତୁତ କରାଯାଇଥାଏ। "ସରକାରୀ ଏବଂ ଘରୋଇ ଗବେଷଣା ସଂସ୍ଥାନ ଏବଂ ଏକ ଭଲ ଷ୍ଟାର୍ଟଅପ୍ ଇକୋସିଷ୍ଟମର ଶ୍ରେଷ୍ଠ କାର୍ଯ୍ୟ ଯୋଗୁ ଭାରତ ଏହି ରେଙ୍କିଙ୍ଗରେ ଭଲ ପ୍ରଦର୍ଶନ କରିପାରିଛି।" ଆଣବିକ ଶକ୍ତି, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ, ବାୟୋଟେକ୍ନୋଲୋଜି ଏବଂ ମହାକାଶ ବିଜ୍ଞାନ ଭଳି ବୈଜ୍ଞାନିକ




ବିଭାଗ ଭାରତର ଇନୋଭେସନ ଇକୋସିଷ୍ଟମକୁ ସୁଦୃଢ଼ କରିବା କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବୋଲି ଡବ୍ଲୁଆଇପିଓ ପକ୍ଷରୁ ପ୍ରକାଶ ପାଇଛି।

## ସ୍ୱଚ୍ଛ ପରିବେଶ ଦିଗରେ ଅଭିନବ ଉଦ୍ୟମ; ଦିଲ୍ଲୀରେ ପ୍ରଥମ କାର୍ଯ୍ୟକ୍ଷମ ସ୍ମଗ-ନିରୋଧି ଟାୱାର ସ୍ଥାପନ

ପରିବେଶ ସୁରକ୍ଷା କେବଳ ଏକ ଚିନ୍ତା ନୁହେଁ ବର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଏ ଦିଗରେ ପଦକ୍ଷେପ ସ୍ୱରୂପ ଜାତୀୟ ରାଜଧାନୀ ଦିଲ୍ଲୀରେ ଆଉ ଏକ ନୂଆ ଆରମ୍ଭ ହୋଇଛି। ଏଠାରେ ଶୀତ ଋତୁ ସମୟରେ ପ୍ରଦୂଷଣ ସମସ୍ୟାକୁ ଦୃଷ୍ଟିରେ ରଖି ଦେଶର ସର୍ବବୃହତ ଏବଂ ପ୍ରଥମ କାର୍ଯ୍ୟକ୍ଷମ ସ୍ମଗ ନିରୋଧୀ ଟାୱାର ପ୍ରତିଷ୍ଠା କରାଯାଇଛି। ଆନନ୍ଦ ବିହାର ଅଞ୍ଚଳରେ ଏହା କାର୍ଯ୍ୟମ ହୋଇଛି। ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସେପ୍ଟେମ୍ବର ୭ ତାରିଖରେ ଏହି ଟାୱାରକୁ ଉଦଘାଟନ କରିଥିଲେ। ମିନ୍ନେସୋଟା ବିଶ୍ୱବିଦ୍ୟାଳୟ ଦ୍ୱାରା ଏହି ବାୟୁ ବିଶୋଧନ ଟାୱାର ଡିଜାଇନ କରାଯାଇଛି। ପ୍ରତି ସେକେଣ୍ଡ ୧୦୦୦ ଏମ ଥ୍ରୀ ବାୟୁପ୍ରବାହ ହାର ଯୋଗାଇ ଦେବା ଲାଗି ଡିଜାଇନ ହୋଇଥିବା ଏହି ଟାୱାରରେ ୪୦ଟି ଫ୍ୟାନ ୟୁନିଟ୍ ସଂଯୋଗ କରାଯାଇଛି। ଏହାଛଡ଼ା ବିଭିନ୍ନ ସହରରେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ଅଧୀନରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ 'ପ୍ରାଣ' ନାମକ ଏକ ପୋର୍ଟାଲ ଆରମ୍ଭ କରାଯାଇଛି।



## ଗତ ୭୫ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୈଜ୍ଞାନିକମାନଙ୍କୁ ସମ୍ମାନିତ କରିବେ ସରକାର

ଆଜି ନାଗରିକମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଇ-ଗଭର୍ଣ୍ଣାନ୍ସ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଆମର ବୈଜ୍ଞାନିକ ଏବଂ ପେସାଦାରମାନେ ସାରା ବିଶ୍ୱରେ ଭାରତର ଗୌରବ ବୃଦ୍ଧି କରିଛନ୍ତି। ମାତ୍ର କିଛି ବର୍ଷ ମଧ୍ୟରେ ଏହି ମାନ୍ୟତା ହାସଲ କରାଯାଇନାହିଁ, ବରଂ ଏହାପଛରେ ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ କାର୍ଯ୍ୟରତ ଆମ 'ଟେକ୍ ଚାମ୍ପିଅନ'ମାନଙ୍କର ଦୂରଦୃଷ୍ଟି ଏବଂ କଠିନ ଶ୍ରମ ରହିଛି। ସ୍ୱାଧୀନତାର ଅମୃତ ମହୋତ୍ସବ କାଳରେ କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ଏପରି ପ୍ରତିଭାମାନଙ୍କୁ ସମ୍ମାନିତ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଗତ ୭୫ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବୈଜ୍ଞାନିକମାନଙ୍କ ଠାରୁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ନାମାଙ୍କନ ଆହ୍ୱାନ କରାଯାଇଛି। । www.innovateindia.mygov.in ୱେବପୋର୍ଟାଲରେ ସାରା ଦେଶର ଲୋକମାନେ ନାମାଙ୍କନ ଦାଖଲ କରିପାରିବେ। ୧୫ ସେପ୍ଟେମ୍ବର ଠାରୁ ନାମାଙ୍କନ ଦାଖଲ ଆରମ୍ଭ ହୋଇଥିବା ସମୟରେ ଏହାର ଶେଷ ତାରିଖ ନଭେମ୍ବର ୭ ତାରିଖ ରହିଛି।



# ଭାରତକୁ ଏକୀକରଣ କରିଥିବା ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

**ଜନ୍ମ ଅକ୍ଟୋବର ୩୧, ୧୮୭୫ । ମୃତ୍ୟୁ ଡିସେମ୍ବର ୧୫, ୧୯୫୦**

**ଆଜି ଆମେ କଚ୍ଛରୁ କୋହିମା ଓ କାଶ୍ମୀରରୁ କନ୍ୟାକୁମାରୀ ସ୍ୱଚ୍ଛନ୍ଦରେ ଭ୍ରମଣ କରିପାରୁଛୁ । ଏହା ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ତାଙ୍କ ସଂକଳ୍ପ ଯୋଗୁଁ ସମ୍ଭବ ହୋଇପାରିଛି । ଟିକିଏ ଚିନ୍ତା କଲେ ଦେଖି ଯଦି ସର୍ଦ୍ଦାର ପଟେଲ ତାହା କରି ନ ଥାନ୍ତେ  ବା ସେପରି ସଂକଳ୍ପ ନେଇ ନ ଥାନ୍ତେ ତାହେଲେ ଗିର୍ ଜଙ୍ଗଲ ର ସିଂହ ଦେଖିବା ହେଉ ବା ହାଇଦ୍ରାବାଦର ଚାରମିନାର ବା ସୋମନାଥଙ୍କ ପୂଜା ପାଇଁ ଶିବଭକ୍ତ ବା ବିଶ୍ୱର ଅନ୍ୟ ଯେକୌଣସି ଲୋକଙ୍କୁ ଭିସା ନେବାକୁ ପଡିଥାଆନ୍ତା । ସର୍ଦ୍ଦାର ପଟେଲଙ୍କ ସଂକଳ୍ପ ନ ଥିଲେ ଆଜି କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସିଧାସଳଖ ଟ୍ରେନ ବିଷୟ ମଧ କଳ୍ପନା କରି ହୋଇ ନ ଥାନ୍ତା ।**

୧୯୪୭ ମସିହାରେ ଆମେ ଯେତେବେଳେ ସ୍ୱାଧୀନତା ହାସଲ କଲେ ବିଶ୍ୱରେ କେହି ବି ଭାରତର ଭବିଷ୍ୟତ ନେଇ ଆଶାବାଦୀ ନ ଥିଲେ । ଆଶଙ୍କା ଥିଲା ବିବିଧତା ଯୋଗୁଁ ଭାରତ ଖଣ୍ଡ ଖଣ୍ଡ ହୋଇଯିବ । ଦେଶର ତତ୍କାଳୀନ ହାହୁତାଶମୟ ସମୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ହିଁ ଆଶାର କିରଣ ଭାବେ ଉଭା ହେଲେ । ୫୬୨ଟି ଦେଶୀୟ ରାଜ୍ୟର ମିଶ୍ରଣ ଘଟାଇ ସେ ସମନ୍ୱିତ ଭାରତର ମୂଳଦୁଆ ସ୍ଥାପନ କଲେ, ଯେଉଁଥିପାଇଁ ଆମେ 'ଏକ୍ ଭାରତ ଶ୍ରେଷ୍ଠ ଭାରତ'ର ଗୌରବରେ ଗୌରବାନ୍ୱିତ ହେଉଛି । ସର୍ଦ୍ଦାର ପଟେଲ ତାଙ୍କ ଦୃଢ ସଂକଳ୍ପ ଦ୍ୱାରା ଆଜିର ଭାରତରେ ମୂଳଭିତ୍ତି ରଖିବା ସହ ଭବିଷ୍ୟତ ପାଇଁ ଶକ୍ତି ଓ ଉତ୍ସର୍ଗୀକୃତ ଭାବ କିପରି ଅସାଧ ସାଧନ କରିପାରେ ତାହା ଦେଖାଇଦେଇଥିଲେ । କହିଲେ ପ୍ରଯୁଜ୍ୟ ହେବ ଯେ ସର୍ଦ୍ଦାର ପଟେଲ ହିଁ ଆଧୁନିକ ଭାରତର ସ୍ଥପତି ।

ବଲ୍ଲଭ ଭାଇ ପଟେଲ ଅକ୍ଟୋବର ୩୧, ୧୮୭୫ ମସିହାରେ ଗୁଜରାତର ନାଦିଆଦରେ ତାଙ୍କ ଆଈ ଘରେ ଜନ୍ମଗ୍ରହଣ କରିଥିଲେ । କର୍ମସାଦରେ ରହୁଥିବା ଝାବେର ଭାଇ ପଟେଲ ଓ ଲଜଭା ପଟେଲଙ୍କ ସେ ଥିଲେ ଚତୁର୍ଥ ସନ୍ତାନ । ମାତ୍ର ୧୩ବର୍ଷ ବୟସରେ ତାଙ୍କ ବିବାହ ଜାଭେର ବାଙ୍କ ସହ ହୋଇଥିଲା । ପଟେଲ ଆଇନ ଶିକ୍ଷା ପ୍ରାପ୍ତ କରି ଜିଲ୍ଲା ଆଟର୍ଣ୍ଣି ପରୀକ୍ଷାରେ ମଧ କୃତକାର୍ଯ୍ୟ ହୋଇଥିଲେ । ଏଥିପାଇଁ ତାଙ୍କୁ ଓକିଲାତି କରିବାକୁ ଅନୁମତି ମିଳିଲା । ଯେତେବେଳେ ପଟେଲଙ୍କୁ ମାତ୍ର ୩୩ବର୍ଷ ତାଙ୍କ ପତ୍ନୀ ଜାଭେର ବା କର୍କଟ ରୋଗାଗ୍ରସ୍ତ ହୋଇ ପ୍ରାଣତ୍ୟାଗ କଲେ । କୁହାଯାଏ ଯେ ଯେତେବେଳେ ଜାଭେର ବା ମୁମ୍ବାଇର ଏକ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହେଲେ ସର୍ଦ୍ଦାର ଏକ ଅଦାଲତ ମାମଲାରେ ବ୍ୟସ୍ତ ଥିଲେ । ଜଣେ ଗୋଟେ କାଗଜ ଚିରକୁଟ୍‌ରେ ତାଙ୍କ ପାଖକୁ ଜବାବ ସୁଆଲ ବେଳେ ପତ୍ନୀଙ୍କ ମୃତ୍ୟୁ ସମ୍ପର୍କରେ ଲେଖି ପଠାଇଲେ । ସର୍ଦ୍ଦାର ଚିରକୁଟ୍‌ଟି ପକେଟରେ ରଖି ଜବାବସୁଆଲ ଜାରି ରଖିଲେ । ସେ ମକଦ୍ଦମାରେ ବିଜୟୀ ହେଲେ । ଜବାବ ସୁଆଲ ସରିବା ପରେ ସେ ସମସ୍ତଙ୍କୁ ତାଙ୍କ ପତ୍ନୀଙ୍କ ମୃତ୍ୟୁ ସମ୍ପର୍କୀୟ ଖବର ଜଣାଇଥିଲେ । ତା ପରେ ସେ ପାଠପଢିବାକୁ ଇଂଲଣ୍ଡ ଯାତ୍ରା କରିଥିଲେ ।

ସେ ୧୯୧୩ ମସିହାରେ ଭାରତ ଫେରି ତାଙ୍କର ଆଇନ ବ୍ୟବସାୟ ପୁଣି ଆରମ୍ଭ କଲେ । ମାତ୍ର ସେ ଗାନ୍ଧୀଙ୍କ ପଦାଙ୍କ ଅନୁସରଣ କରି ଇଂରାଜୀ କହୁଥିବା ଧନୀ ଆଇନଜୀବୀର ପୋଷାକ ଛାଡି ଖଦୀ ପରିଧାନ କରିବା ଆରମ୍ଭ କଲେ । ଏହି ପରିବର୍ତ୍ତନ ପରେ ୧୯୧୮ ମସିହାରେ ସର୍ଦ୍ଦାର ଖେଡାରେ ଚାଷୀ ଆନ୍ଦୋଳନ ସହ ସଂଶ୍ଳିଷ୍ଟ ହୋଇଗଲେ । ଖରାପ ଫସଲ ସତ୍ତ୍ୱେ ଇଂରେଜ ସରକାର ଚାଷୀମାନଙ୍କ ଖଜଣା ଛାଡ କରିବାକୁ ମନା କରିଦେଲେ । ଗାନ୍ଧିଜୀଙ୍କୁ ଏହି କୃଷକ ଆନ୍ଦୋଳନ ନେତୃତ୍ୱ ନେବାକୁ କୁହାଯାଇଥିଲେ ମଧ ସେ ପଟେଲଙ୍କୁ ଅଭିଯାନର ନେତୃତ୍ୱ ନେବାକୁ କହିଲେ । ବଲ୍ଲଭଭାଇ ପଟେଲ ନିଜର ସହକର୍ମୀମାନଙ୍କ ସହ ମିଶି ଚାଷୀମାନଙ୍କୁ ଏକତ୍ର କରି ରାଜ୍ୟବ୍ୟାପୀ ବିଦ୍ରୋହର ସୂତ୍ରପାତ କରିଥିବା ସହ ଖଜଣା ନ ଦେବା ପାଇଁ କୃଷକମାନଙ୍କୁ ନିବେଦନ କଲେ । ଶେଷର ପ୍ରଶାସନ କୃଷକମାନଙ୍କ ଦାବି ଆଗରେ ମୁଣ୍ଡ

ନୁଆଁଇଲେ । ପଟେଲ ଖେଡାର କୃଷକମାନଙ୍କ ନଜରରେ ନାୟକ ବନିଗଲେ । ବଲ୍ଲଭ ଭାଇ ମଧ୍ୟ ବର୍ଦ୍ଦୋଲି ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ । ୧୯୨୮ରେ ଆରମ୍ଭ ହୋଇଥିବା ଏହି ସତ୍ୟାଗ୍ରହ ମଧ୍ୟ ଖଜଣା ବର୍ଜନ ଉପରେ ପର୍ଯ୍ୟବେସିତ ଥିଲା ।

ଶେଷରେ ବ୍ରିଟିଶ ଭାଇସରାୟ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇଲେ । ବର୍ଦ୍ଦୋଲି ସତ୍ୟାଗ୍ରହ ଯୋଗୁଁ ବଲ୍ଲଭଭାଇ ପଟେଲ ଖୁବ୍ ଲୋକପ୍ରିୟ ହୋଇଗଲେ । ଆନ୍ଦୋଳନର ସଫଳତା ପାଇଁ ମହିଳାମାନେ ବଲ୍ଲଭ ଭାଇ ପଟେଲଙ୍କୁ ସର୍ଦ୍ଦାର ଆଖ୍ୟା ଦେଇଥିଲେ। ୧୯୨୨, ୧୯୨୪ ଓ ୧୯୨୭ ମସିହାରେ ସେ ଅହମ୍ମଦାବାଦ ପୌର ନିଗମକୁ ସଭାପତିଭାବେ ନିର୍ବାଚିତ ହୋଇଥିଲେ । ସର୍ଦ୍ଦାର ପଟେଲ ଅସହଯୋଗ, ସ୍ୱରାଜ, ଭାରତଛାଡ ଆନ୍ଦୋଳନ ଓ ଦାଣ୍ଡୀଯାତ୍ରାରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ୧୯୩୧ କରାଚୀ ଅଧିବେଶନରେ ସେ କଂଗ୍ରେସର ଜାତୀୟ ସଭାପତି ଘୋଷିତ ହୋଇଥିଲେ । ସେ ଏପରି ଏକ ସମୟରେ ସଭାପତି ହୋଇଥିଲେ, ସେତେବେଳେ ଲାହୋରରେ ଇଂରେଜ ଅଧିକାରୀ ସଣ୍ଡରସ ହତ୍ୟା ଅଭିଯୋଗରେ ଦେଶପ୍ରେମୀ ଭଗତସିଂ, ସୁଖଦେବ ଓ ରାଜଗୁରୁଙ୍କ ଫାଶୀ ଯୋଗୁଁ ଦେଶର ବାତାବରଣ ବେଶ୍ ଅଶାନ୍ତ ଥିଲା ।

ଠିକ୍ ସ୍ୱାଧୀନତା ଆଗରୁ ସେ ଆଉ ଥରେ ଦଳର ସଭାପତି ହେବା ପାଇଁ ସୁଯୋଗ ପାଇଥିଲେ ମଧ୍ୟ ଗାନ୍ଧିଜୀଙ୍କ ପରାମର୍ଶ କ୍ରମେ ସେ ସେଥିରୁ ଦୂରେଇ ଯାଇଥିଲେ ଓ ଜବାହରଲାଲ ନେହେରୁ କଂଗ୍ରେସ ସଭାପତି ହୋଇଥିଲେ। ସ୍ୱାଧୀନତା ପରେ ସର୍ଦ୍ଦାର ପଟେଲ ଦେଶର ପ୍ରଥମ ଗୃହମନ୍ତ୍ରୀ ଓ ଉପପ୍ରଧାନମନ୍ତ୍ରୀ ହୋଇଥିଲେ । ଦେଶ ଅନେକ ଦେଶୀୟ ରାଜ୍ୟରେ ବିଭକ୍ତ ହୋଇଥିବାରୁ ଏହା ଖୁବ୍ କଠିନ ସମୟ ଥିଲା । ପ୍ରାୟ ୫୬୨ଟି ଦେଶୀୟ ରାଜ୍ୟ ନିଜକୁ ଦେଶ ବିବେଚନା କରି ଭାରତରୁ ଅଲଗା ହେବାର ସ୍ୱପ୍ନ ଦେଖୁଥିଲେ । ଏହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଖୁବ୍ ବ୍ୟଥିତ କରିଥିଲା । ସେ ଓଡିଶାର ୨୩ଜଣ ରାଜାଙ୍କୁ କୂପ ମଣ୍ଡୁକ ଭଳି ନ ରହି ସମୁଦ୍ରରେ ମିଶିଯିବା ପାଇଁ ଆସିଥିବା ସୁଯୋଗର ସଦ୍‌ବ୍ୟବହାର କରିବାକୁ ନିବେଦନ କରିଥିଲେ। ଓଡିଶାର ଜନସାଧାରଣ ସ୍ୱାଧୀନ ଭାରତର ଅଂଶ ହେବାକୁ ଚାହୁଁଥିବାରୁ ସର୍ଦ୍ଦାର ପଟେଲଙ୍କ ବୁଝାସୁଝା ଯୋଗୁଁ ସମସ୍ତ ଦେଶୀୟ ରାଜା ନିଜ ରାଜ୍ୟଗୁଡିକୁ ଭାରତ ସହ ମିଶିବାକୁ ସମ୍ମତି ପ୍ରଦାନ କଲେ । ସର୍ଦ୍ଦାର ପଟେଲ ନାଗପୁର ଗଲେ ଓ ସେତେବେଳେ ନାଗପୁର ଦେଶୀୟ ରାଜ୍ୟଗୁଡିକୁ ସାଲ୍ୟୁଟ ଷ୍ଟେଟ କୁହାଯାଉଥିଲା। ବୁଝାସୁଝା ପରେ ନାଗପୁରର ୩୮ଜଣ ରାଜା ମିଳିତ ଭାରତରେ ମିଶିବାକୁ ସମ୍ମତ ହେଲେ ।

ଏହା ପରେ ସର୍ଦ୍ଦାର ପଟେଲ କାଥିଆବାଡ ଯାଇ ୨୫୦ଦେଶୀୟ ରାଜ୍ୟକୁ ଭାରତ ସହ ମିଶିବାକୁ ବୁଝାସୁଝା କରି ସଫଳ ହେଲେ। ପରେ ପରେ ପଞ୍ଜାବ ଓ ଅନ୍ୟାନ୍ୟ ରାଜ୍ୟଗଣ ମଧ୍ୟ ସ୍ୱାଧୀନ ଭାରତ ସହ ମିଶିଗଲେ । ପଞ୍ଜାବ ଫରିଦକୋଟ୍‌ର ରାଜା କେବଳ ଭାରତରେ ମିଶିବାକୁ ଅନିଚ୍ଛୁକ ରହିଲେ ।

ମାତ୍ର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୃଢ ସଂକଳ୍ପ ଯୋଗୁଁ ତାଙ୍କୁ ମୁଣ୍ଡ ନୁଆଁବାକୁ ପଡିଲା । ଦେଶୀୟ ରାଜ୍ୟ କାଶ୍ମୀର, ହାଇଦ୍ରାବାଦ୍ ଓ ଜୁନାଗଡର ମିଶ୍ରଣ ଦୃଢ କାର୍ଯ୍ୟାନୁଷ୍ଠାନ ଯୋଗୁଁ ସମ୍ଭବ ହେଲା । କାଶ୍ମୀର ମହାରାଜା ଚୁକ୍ତି ସ୍ୱାକ୍ଷର କରିଥିଲେ ମଧ୍ୟ ଜୁନାଗଡ ନବାବ ଭୟରେ ପାକିସ୍ତାନ ପଳାୟନ କଲେ ।

> “
> ସର୍ଦ୍ଦାର ପଟେଲ ଥିଲେ ଏକାଧାରାରେ କୌଟିଲ୍ୟଙ୍କ କୂଟନୀତି ଓ ଶିବାଜୀ ମହାରାଜଙ୍କ ଶୌର୍ଯ୍ୟର ମିଶ୍ରଣ। ଯାହାକୁ ପୃଥିବୀ ଭାରତର ଦୁର୍ବଳତା ବୋଲି ମନେ କରୁଥିଲା ସର୍ଦ୍ଦାର ପଟେଲ ତାହାକୁ ଶକ୍ତିରେ ପରିଣତ କରି ଦେଶକୁ ରାସ୍ତା ଦେଖାଇଲେ । ସେହି ରାସ୍ତାରେ ଚାଲି ବିଶ୍ୱ ସନ୍ଦେହ ଚକ୍ଷୁ ଦେଖୁଥିବା ଭାରତ ନିଜ ରାସ୍ତାରେ ନିଜେ ଚାଲିଛି । ଗୋଟେ ମାମୁଲି କୃଷକ ପରିବାରରେ ଜନ୍ମିତ ସର୍ଦ୍ଦାର ପଟେଲଙ୍କ ଅବଦାନ ଯୋଗୁଁ ଏହା ସମ୍ଭବ ହେଲା
>
> -ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦୀ



ସବୁଠାରୁ କଷ୍ଟକର ମିଶ୍ରଣ ଥିଲା ହାଇଦ୍ରାବାଦ । କାରଣ ହାଇଦ୍ରାବାଦ ନିଜାମ କୌଣସି ମତେ ରାଜ୍ୟ ହାତଛଡା କରିବାକୁ ଚାହୁଁ ନ ଥିଲେ । ଶେଷରେ ସାମରିକ କାର୍ଯ୍ୟାନୁଷ୍ଠାନ ବଳରେ ଭାରତରେ ହାଇଦ୍ରାବାଦର ମିଶ୍ରଣ ସମ୍ଭବ ପର ହେଲା । ସର୍ଦ୍ଦାର ପଟେଲଙ୍କ ଦୃଢ ସଂକଳ୍ପ ଯୋଗୁଁ ଭାରତ ଏକତ୍ରୀକରଣ ସମ୍ଭବ ହେଲା। ସେଥିପାଇଁ ଗାନ୍ଧିଜୀ ତାଙ୍କୁ ଲୌହମାନବର ଆଖ୍ୟା ଦେଇଥିଂଲେ । ସ୍ୱାଧୀନତା ପରେ ଭାରତୀୟ ଲୋକସେବାର ସ୍ୱୀକୃତିର ଶ୍ରେୟ ମଧ୍ୟ ସର୍ଦ୍ଦାର ପଟେଲଙ୍କୁ ଯାଇଥାଏ। ଡିସେମ୍ବର ୧୫, ୧୯୫୦ ମସିହାରେ ସର୍ଦ୍ଦାର ପଟେଲ ଇହଲୀଳା ସମ୍ବରଣ କରିଥିଲେ । ସମସ୍ତ ପଦମର୍ଯ୍ୟାଦାକୁ ଭ୍ରୂକ୍ଷେପ ନକରି ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବାକୁ ମୁମ୍ବାଇ ଯାଇଥିଲେ । ସର୍ଦ୍ଦାର ପଟେଲଙ୍କ ଦ୍ୱାରା ସଯତ୍ନ ବର୍ଦ୍ଧିତ ଏକ ଭାରତ ଶ୍ରେଷ୍ଠ ଭାରତ ଢାଞ୍ଚାରେ ଆତ୍ମ ନିର୍ଭର ଭାରତର ମାନଚିତ୍ର ପ୍ରସ୍ତୁତ ହୋଇଛି । ଅକ୍ଟୋବର ୩୧, ୨୦୧୪ ପରଠାରୁ ଭାରତ ଜାତୀୟପତାକା ଦିବସ ପାଳନ କରି ଦେଶର ଜଣେ ସମ୍ମାନସ୍ପଦ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି । କେବଳ ସେତିକି ନୁହଁ ସର୍ଦ୍ଦାର ପଟେଲଙ୍କୁ ଉତ୍ସର୍ଗୀକୃତ ବିଶ୍ୱର ସବୁଠାରୁ ଉଚ୍ଚ ‘ଏକତାର ପ୍ରତିମୂର୍ତ୍ତି’ ଏହି ଦିନରେ ଗୁଜରାତର କେଭାଡିଆ ଠାରେ ଉନ୍ମୋଚିତ ହୋଇଛି । ■



# ସ୍ଥଳସେନାକୁ ମିଳିଲା ନୂତନ ପ୍ରତିରକ୍ଷା ପରିସର

## ସୁଦୃଢ ସ୍ଥଳସେନା ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଚାଲିଛି

ଯେକୌଣସି ଦେଶର ରାଜଧାନୀ ସେହି ଦେଶର ଭାବନା, ସଂକଳ୍ପ ଶକ୍ତି ଓ ସଂସ୍କୃତିର ପ୍ରତୀକ ଭାବେ ପରିଗଣିତ ହୋଇଥାଏ। ମାତ୍ର ବିଗତ ଶହେବର୍ଷ ମଧ୍ୟରେ ଜନସଂଖ୍ୟା ଓ ଅନ୍ୟାନ୍ୟ କ୍ଷେତ୍ରରେ ପରିବର୍ତ୍ତନ ସତ୍ତ୍ୱେ ରାଜଧାନୀକୁ ପୁନର୍ଗଠନ କରିବା ନେଇ କୌଣସି ଉଦ୍ୟମ ଆଗରୁ ହୋଇ ନ ଥିଲା । ସେନାରେ ସୈନିକମାନେ ବ୍ରିଟିଶ ଶାସନକାଳରେ ଘୋଡାଶାଳଭାବେ ବ୍ୟବହୃତ ହେଉଥିବା ସାମୟିକ ଆଶ୍ରୟସ୍ଥଳ ଗୁଡିକରେ ରହୁଥିଲେ । ଏସବୁ ବିଷୟକୁ ବିଚାରକୁ ନେଇ କେନ୍ଦ୍ର ସରକାର ନାଗରିକମାନଙ୍କୁ ସୁହାଇଲା ଭଳି ଦେଶର ରାଜଧାନୀରେ ଏକ କେନ୍ଦ୍ରୀୟ ପ୍ରକଳ୍ପ ପାଇଁ ପଦକ୍ଷେପ ନେଇଛନ୍ତି । ସେଥିରେ ଏକ ନୂତନ ଓ ଅତ୍ୟାଧୁନିକ ପ୍ରତିରକ୍ଷା କାର୍ଯ୍ୟାଳୟ ପରିସର ମଧ ଦେଶର ସୈନିକମାନଙ୍କ ନିମନ୍ତେ ନିର୍ମିତ ହୋଇଛି ଓ ଏଥିପାଇଁ ଯେଉଁ ଜାଗା ଆବଶ୍ୟକ ହୋଇଥିଲା, ତାହା ପୂର୍ବ ଜାଗାର ପାଞ୍ଚଭାଗରୁ କମ୍ ।

ବ୍ରିଟିଶ ଅମଳରେ ତିଆରି ଘୋଡାଶାଳ ଓ ବାରାକ୍‌ଭାବେ ବ୍ୟବହୃତ ହେଉଥିବା ସୈନିକମାନଙ୍କ ସାମୟିକ ରହଣୀସ୍ଥଳରେ ବାଧ୍ୟବାଧକତା ବଶତଃ ସାତ ହଜାର ସୈନିକ କାର୍ଯ୍ୟ କରୁଥିବା ଜାଣିଲେ ଯେକୌଣସି ବ୍ୟକ୍ତି-ଆଶ୍ଚର୍ଯ୍ୟ ନ ହୋଇ ରହିପାରିବ ନାହିଁ। ସ୍ୱାଧୀନତା ପରଠାରୁ ସେମାନେ ସେଠାରୁ କର୍ତ୍ତବ୍ୟ ସମ୍ପାଦନ କରିଆସୁଥିଲେ ଏହା ଦେଶ ପାଇଁ ଘୋର ପରିତାପର ବିଷୟ ଭଳି ଲାଗେ । ଲୋକ ଦେଖାଣିଆ ମରାମତି କାର୍ଯ୍ୟ କରାଯାଇ ଏଗୁଡିକୁ ଦେଶର ତିନିବାହିନୀର କାର୍ଯ୍ୟାଳୟଭାବେ ବ୍ୟବହୃତ ହୋଇ ଆସୁଥିଲା । ମାତ୍ର ଏବେ ଅନେକ ପରିବର୍ତ୍ତନ ଅଣାଯାଇଛି। ଉଚ୍ଚାଭିଳାଷୀ କେନ୍ଦ୍ରୀୟ ଭିସ୍ତା ପ୍ରକଳ୍ପ ଜାତୀୟ ରାଜଧାନୀର ରୂପ ପରିବର୍ତ୍ତନ କରିଦେବ । ଏକ ନୂତନ ସଂସଦ ଭବନ ଓ ରାଜପଥର ଉଭୟ ପାଶ୍ୱର୍ରେ ସୁରମ୍ୟ ଖୋଲା ସ୍ଥାନ ରାଜଧାନୀରେ ଶୋଭାବର୍ଦ୍ଧନ କରିବ । ପ୍ରକଳ୍ପର ଅଂଶସ୍ୱରୂପ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୬ତାରିଖ ଦିନ ଏହି ପ୍ରତିରକ୍ଷା କାର୍ଯ୍ୟାଳୟର ଶୁଭ ଦେଇଥିଲେ । ପ୍ରଧାନମନ୍ତ୍ରୀ ଭାଷାରେ "ନୀତି ଓ ଅଭିପ୍ରାୟ ସ୍ପଷ୍ଟ ଥିଲେ ପ୍ରତ୍ୟେକ ଜିନିଷ ସମ୍ଭବ । ତେବେ ସେଥିପାଇଁ ଦୃଢ ଇଚ୍ଛାଶକ୍ତି ଓ ନିଷ୍ଠାର ସହ ଉଦ୍ୟମ ଦରକାର" ।

> ଇତିମଧ୍ୟରେ ଦିଲ୍ଲୀ ଭାରତର ରାଜଧାନୀ ହେବାର ଶହେ ବର୍ଷରୁ ଅଧିକ ଅତିକ୍ରମ କରିଛି । ଏହି ଶହେ ବର୍ଷ ମଧ୍ୟରେ ଜନସଂଖ୍ୟା ଓ ଅନ୍ୟାନ୍ୟ ଅବସ୍ଥା ମଧ୍ୟରେ ବିରାଟ ତାରତମ୍ୟ ଦେଖାଦେଇଛି । ଆମେ ଯେତେବେଳେ ରାଜଧାନୀରେ ଚାଲୁ, ଏହା କେବଳ ଏକ ନଗରୀ ନୁହଁ, ରାଜଧାନୀ ହେଉଛି ଦେଶର ଭବନା, ସଂକଳ୍ପ, ଶକ୍ତି ଓ ସଂସ୍କୃତିର ପ୍ରତୀକ । ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଏ ଦୃଷ୍ଟିରୁ ଦେଶର ରାଜଧାନୀ ଏପରି ହେବା ଦରକାର ଯେଉଁଠି ଏହାର କେନ୍ଦ୍ରରେ ଏହାର ନିଜ ଲୋକ ହିଁ ରହିବେ ।
>
> -ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ







ବର୍ତ୍ତମାନର କେନ୍ଦ୍ର ସରକାର ଏକବିଂଶ ଶତାବ୍ଦୀରେ ଭାରତର ସାମରିକ ଶକ୍ତିକୁ ଅତ୍ୟାଧୁନିକ କରିବା ପାଇଁ ଲାଗିଛନ୍ତି । ସଶସ୍ତ୍ର ସେନାକୁ ଅତ୍ୟାଧୁନିକ ଭିତ୍ତିଭୂମି ସଜ୍ଜିତ କରିବାଠାରୁ ଆରମ୍ଭ କରି, ସୀମାରେ ଅତ୍ୟାଧୁନିକ ଭିତ୍ତିଭୂମି ବ୍ୟବସ୍ଥା ପ୍ରତିରକ୍ଷା ମୁଖ୍ୟଙ୍କ ଜରିଆରେ ସବୁ ବାହିନୀର ସମନ୍ୱୟ ରକ୍ଷା କରାଯାଉଛି । ଏଭଳିସ୍ଥିତିରେ ଦେଶର ପ୍ରତିରକ୍ଷା ଓ ସୁରକ୍ଷା ସହ ସଂଶ୍ଳିଷ୍ଟ ସେନାର କାର୍ଯ୍ୟ ପ୍ରାଚୀନ ଅସ୍ଥାୟୀ ସେନା ରହଣୀ ସ୍ଥଳରୁ ଚଳାଇବା ସମ୍ଭବ ନୁହେଁ ।

ସେଥିପାଇଁ ଦେଶ ସେବାରେ ଅହୋରାତ୍ର ନିଯୁକ୍ତ ସୈନିକମାନଙ୍କ ନିମନ୍ତେ ରହିବା, ଖାଇବା, ହସ୍‌ପିଟାଲ ଭଳି ସମସ୍ତ ଆଧୁନିକ ବ୍ୟବସ୍ଥା ଏହି ନୂତନ ରକ୍ଷା ପରିସର ମଧ୍ୟରେ ଉପଲବ୍ଧ କରାଯାଇଛି ।

୨୦୧୪ରେ କ୍ଷମତାସୀନ ହେବା ପରଠାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ରାଜଧାନୀକୁ ଏକ ନୂତନ ରୂପ ଦେବାକୁ ଚାହୁଁଛନ୍ତି ଯାହା ଯୋଗୁଁ ନବଭାରତର ଇତିହାସ ସ୍ୱର୍ଣ୍ଣିମ ଓ ଗୌରବମୟ ହୋଇ ରହିବ । ■

## ନୂତନ ପ୍ରତିରକ୍ଷା କାର୍ଯ୍ୟାଳୟର ବୈଶିଷ୍ଟ୍ୟ

- ଯେତେବେଳେ କେନ୍ଦ୍ରୀୟ ଭିଷ୍ଟା ପୁନଃବିନ୍ୟାସ ପ୍ରକଳ୍ପ ଆରମ୍ଭ ହେଲା,ସେଠାରେ ୬୨ଏକର ପରିମିତ ଜାଗାରେ ଅସ୍ଥାୟୀ ସୈନିକ ରହଣିସ୍ଥଳରେ ରହି କାର୍ଯ୍ୟରତ ଆମର ସୈନିକମାନଙ୍କୁ ଅତ୍ୟାଧୁନିକ ସୁବିଧାସୁଯୋଗ ଥିବା ନୂତନ ସ୍ଥାନକୁ ସ୍ଥାନାନ୍ତରଣ ପାଇଁ ଚିନ୍ତା କରାଗଲା ।
- ଆଗରୁ ଲେଫ୍ଟନାଣ୍ଟ ଜେନେରାଲଙ୍କ ସମେତ ସାତହଜାର ଅନ୍ୟାନ୍ୟ ଅଧିକାରୀ ଓ ସେନା ଯବାନ ଇଂରେଜ ଅମଳର ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ନିର୍ମିତ ଅସ୍ଥାୟୀ ସୈନିକସ୍ଥଳୀରୁ କାର୍ଯ୍ୟ କରିଆସୁଥିଲେ ।
- ବର୍ତ୍ତମାନ କସ୍ତୁରବା ଗାନ୍ଧି ମାର୍ଗ ଓ ଆଫ୍ରିକା ଆଭେନ୍ୟୁ ମଧ୍ୟସ୍ଥ ୧୩ଏକର ପରିମିତ ଏକ ସ୍ଥାନରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଉପଯୋଗରେ କାର୍ଯ୍ୟାଳୟ ପରିସର ନିର୍ମିତ ହୋଇଛି ଏହାର ନିର୍ମାଣ କାର୍ଯ୍ୟ ୧୨-୧୩ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ ରେକର୍ଡ଼ ସୃଷ୍ଟି କରାଯାଇଛି ।
- ଏହାର ଛାତରେ ସୌର ପ୍ୟାନେଲ ରହିଥିବା ବେଳେ ବର୍ଷା ଜଳ ଅମଳ ପ୍ରକଳ୍ପ, ଶୂନ୍ୟ ଆବର୍ଜନା ପରିସର ଓ ରହଣୀର ସେନସର ବ୍ୟବସ୍ଥା ଓ ସ୍ୱୟଂକ୍ରିୟ ଅତ୍ୟାଧୁନିକ ପାର୍କିଂ ବ୍ୟବସ୍ଥା ରହିଛି ।
- ଏଥିରେ ଅତ୍ୟାଧୁନିକ ହସ୍‌ପିଟାଲ, ବାରାକ୍, ଜବାନମାନଙ୍କ ନିମନ୍ତେ ୨୪ଘଣ୍ଟିଆ ଭୋଜନାଳୟ ଓ କ୍ୟାଫେଟେରିଆ, ଅସ୍ତ୍ରୋଉପକରଣ ସ୍ଥାନ, ଉଚ୍ଚସ୍ତରୀୟ ସୁରକ୍ଷା ଓ କେନ୍ଦ୍ରୀୟ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ରହିଛି ।
- ହଜାର ହଜାର ସୈନିକ ସେମାନଙ୍କ ସରକାରୀ କାମ ପାଇଁ ଏଠାକୁ ଆସିଥାନ୍ତି । ସେମାନଙ୍କ ସୁବିଧା-ଅସୁବିଧା ପ୍ରତି ମଧ୍ୟ ନୂତନ ପରିସରରେ ଧ୍ୟାନ ଦିଆଯାଇଛି ।
- କୋଭିଡର ଆହ୍ୱାନ ସତ୍ତ୍ୱେ ଆତ୍ମନିର୍ଭର ଭାରତ ଯୋଜନାରେ ୭. ୫ ଲକ୍ଷ ନିୟୋଜନ ଦିବସ ସୃଷ୍ଟି କରାଯାଇଛି । ଏହି ଭବ୍ୟ ଭବନ ନିର୍ମାଣ ନିମନ୍ତେ ପ୍ରାୟ ୮ହଜାର ଟନ୍ ସିମେଣ୍ଟ ଓ ୯୦୦୦ଟନ୍ ଇସ୍ପାତ ବ୍ୟବହୃତ ହୋଇଛି ।
- ପରିବେଶ ପ୍ରତି ଦୃଷ୍ଟି ରଖି ପ୍ରଦର୍ଶନ ପୂର୍ବକ ଏଠାରୁ ଗୋଟିଏ ବୋଲି ଗଛ କଟାଯାଇନାହିଁ ।

Scan the QR code to listen to the Prime Minister's address at the inauguration of the Defence Complex.




# ପ୍ରତିରୋଧକ ଟିକା ସେବା

## ସ୍ୱାସ୍ଥ୍ୟର ରକ୍ଷା କବଚ

ଆମେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରୁଥିବା ସମୟରେ କରୋନା ଟିକାକରଣରେ ଏକ ରେକର୍ଡ ଶୁଭ ସଂକେତ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ବୃହତ ଟିକାକରଣ ଅଭିଯାନ ଏହାର ଦୂରଦୃଷ୍ଟି ସମ୍ପନ୍ନ ଓ ପ୍ରତ୍ୟୁପନ୍ନମତି ଯୋଜନା ଯୋଗୁଁ ବିଶ୍ୱବ୍ୟାପୀ ପ୍ରଶଂସିତ ହୋଇଛି । ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗତ କିଛି ବର୍ଷରେ ଅଣାଯାଇଥିବା ସକାରାତ୍ମକ ପଦକ୍ଷେପ ଯୋଗୁଁ ଏପରି ଏକ ବିରାଟ ଅଭିଯାନ ସଫଳ ହୋଇପାରିଛି । ଟିକାକରଣ ସଂଖ୍ୟାରୁ ଏହା ସହଜେ ଅନୁମେୟ । ଆଠମାସର ସ୍ୱଳ୍ପ ସମୟ ମଧ୍ୟରେ ୯୭କୋଟି ଟିକା ମାତ୍ରା ପ୍ରଦାନ କରାଯାଇଛି । ବର୍ତ୍ତମାନ ଭାରତ ଏହାର ସମସ୍ତ ଟିକାକରଣ ଯୋଗ୍ୟ ନାଗରିକଙ୍କୁ ଟିକାଦେବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏହା ଦ୍ରୁତଗତିରେ ଆଗେଇ ଚାଲିଛି ।

“

ମୁଁ ଆଜି ମୋର ମନର କଥା ଜଣାଉଛି । ମୋର ଅନେକ ଜନ୍ମଦିନ ଆସିଛି ଓ ଯାଇଛି । ମାତ୍ର ମୁଁ ଜନ୍ମଦିନ ଉତ୍ସବ ପାଳନଠାରୁ ଦୂରେଇ ରହିଛି । ହେଲେ ମୋର ସବୁବର୍ଷ ମଧ୍ୟରେ ଏଥର ସେପ୍ଟେମ୍ବର ୧୭ତାରିଖ ମୋ ପାଇଁ ଖୁବ୍ ଭବପ୍ରବଣାତ୍ମକ ଦିନ । ଜନ୍ମଦିନ ପାଳନ କରିବା ପାଇଁ ଅନେକ ବାଟ ଅଛି। ଲୋକମାନେ ମଧ୍ୟ ଭିନ୍ନ ଭିନ୍ନ ଉପାୟରେ ଜନ୍ମଦିନ ପାଳନ୍ତି। ଜନ୍ମଦିନ ପାଳନ କରିବା ନେଇ ବିଶ୍ୱାସ ରଖୁ ନ ଥିବା ଲୋକଙ୍କ ମଧ୍ୟରେ ମୁଁ ନାହିଁ । ଆପଣମାନଙ୍କ ସମସ୍ତଙ୍କ ଉଦ୍ୟମ ଯୋଗୁଁ ସେପ୍ଟେମ୍ବର ୧୭ତାରିଖ ମୋ ପାଇଁ ବିଶେଷଭାବେ ଅଲଗା ।

”

**-ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**



ଭାରତର ସର୍ବବୃହତ ଜିଲ୍ଲା  ହେଉଛି କଚ୍ଛ ଓ ଏହା କ୍ଷେତ୍ରଫଳ ପ୍ରାୟ ୪୫୬୭୪ ବର୍ଗ କିଲୋମିଟର । 'ରାନ୍ ଅଫ କଚ୍ଛ' ଭାବେ ପରିଚିତ ଏହି ଅଂଚଳରେ ଲବଣାକ୍ତ ଓ ଥର୍ ମରୁଭୂମି ରହିଛି। ଜିଲ୍ଲାରେ ୧୦ଟି ତହସିଲ ଓ ୯୨୪ଟି ଗ୍ରାମ ରହିଛି । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳରେ କରୋନା କାଳରେ ପହଞ୍ଚିବା ଥିଲା ଖୁବ୍ ଅସୁବିଧାଜନକ । ଏହି ତହସିଲଗୁଡିକ ମଧ୍ୟରେ ଅନେକ ମାଇଲର ବ୍ୟବଧାନ । ମାତ୍ର କୌଣସି ଅସୁବିଧାକୁ ଭୃକ୍ଷେପ ନ କରି ପ୍ରଶାସନ ଏହାର ସମସ୍ତ ଗ୍ରାମ ଓ ତହସିଲରେ ପହଞ୍ଚି କରୋନା ଟିକାକରଣ କାର୍ଯ୍ୟ ସମାପନ କରୁଥିଲା । ବ୍ୟାପକ ସହଯୋଗ ଯୋଗୁଁ ଏପରି ଦୁଃସାଧ କାର୍ଯ୍ୟ ପ୍ରତ୍ୟେକ ଅଞ୍ଚଳରେ ସୁରୁଖୁରୁରେ ହୋଇପାରିଥିଲା। ଦେଶର ଉତ୍ତର-ପୂର୍ବାଞ୍ଚଳ ସାଧାରଣତଃ ଦୁର୍ଗମ ଭାବେ ଜଣାଶୁଣା। ଅରୁଣାଚଳ ପ୍ରଦେଶର କାରା ଡାଡି ଭଳି ଜିଲ୍ଲାର ଟିକାଦାନ କାର୍ଯ୍ୟକ୍ରମ ଏକ ଦୂରୁହ ବ୍ୟାପାର । ଟିକଦାନକାରୀ ଦଳର ଉତ୍ସର୍ଗୀକୃତ ମନୋଭାବ ଯୋଗୁ ପିଚ୍ଛିଳ ରାସ୍ତା, ପାହାଡ, ଅଣଓସାରିଆ ରାସ୍ତା ଓ ବିପଦଜ୍ଜନକ ନଦୀ ସତ୍ତ୍ବେ ଏହା ସମ୍ଭବ ହୋଇପାରିଛି ।

ହିମାଚଳ ପ୍ରଦେଶର ଲାହୁଲ ସ୍ପୀତି ଜିଲ୍ଲା ବର୍ଷର କେତେ ମାସ ଧରି ବରଫ ଆଚ୍ଛାଦିତ ରହିବା ସହ ଅତ୍ୟନ୍ତ ଦୁର୍ଗମ ଓ ତାପମାତ୍ରା ଅନେକ ସମୟରେ ଶୂନ୍ୟ ଡିଗ୍ରୀ ନିମ୍ନରେ ରହିଥାଏ । ଏହା ସତ୍ତ୍ୱେ ହିମାଚଳ ପ୍ରଦେଶର ଅନ୍ୟ ଜିଲ୍ଲାଗୁଡିକ ପରି ଲାହୁଲ ସ୍ପୀତିରେ ଶତପ୍ରତିଶତ ପ୍ରଥମ ଟିକା ମାତ୍ରା ପ୍ରଦାନ କରାଯାଇପାରିଛି । ଏହି ଅଂଚଳ ଅଟଳ ସୁଡଙ୍ଗ ତିଆରି ପୂର୍ବରୁ ମାସ ମାସ ଧରି ଦେଶର ଅନ୍ୟ ଭାଗଠାରୁ ବିଚ୍ଛିନ୍ନ ରହୁଥିଲା । ଅଟଳ ସୁଡଙ୍ଗ ଯୋଗୁଁ ଉନ୍ନତ ଯୋଗାଯୋଗ ଓ କମ୍ ସମୟ ପାଇଁ ଟିକାକରଣ ଲାଗି ଅନେକ ଅସୁବିଧା ହେଲା । ବିହାର ରାଜ୍ୟ ଦରଭଙ୍ଗା ଜିଲ୍ଲାର କୁସେୱାର ସ୍ଥାନ ଭଳି ବନ୍ୟାପ୍ରବଣ ଜିଲ୍ଲାରେ ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ଟିକାକରଣ ସଫଳତାର ସହ ସମ୍ପନ୍ନ ହୋଇଛି । ପ୍ରତିବର୍ଷ ଏହି ଅଞ୍ଚଳ ବନ୍ୟାପ୍ଲାବିତ ହୋଇଯାଉଥିବାରୁ ବର୍ଷାଦିନେ ଟିକାକରଣ କାର୍ଯ୍ୟରେ ନିଯୁକ୍ତ ସ୍ୱାସ୍ଥ୍ୟକର୍ମୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି । ବିହାରର ମୁଜାଫରପୁର ସମେତ କେତେକ ଅଞ୍ଚଳରେ ଏଥିପାଇଁ ନୌକାର ଆବଶ୍ୟକତା ପଡିଥାଏ । ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନେବା ପାଇଁ ବୋଟ ଆମ୍ବୁଲାନ୍ସର ସାହାଯ୍ୟ ନେବାକୁ ପଡେ । ଟିକାକରଣ ନୌକା କରୋନା ସଂଗ୍ରାମର ଏକ ପ୍ରତୀକରେ ପରିଣତ ହୋଇଯାଇଛି ।

ବିଧ୍ୱଂସକାରୀ ବନ୍ୟା, ଦୁର୍ଗମ ପାର୍ବତ୍ୟାଞ୍ଚଳ, ଦୂରଦୂରାନ୍ତ ଆଦିବାସୀ ଅଞ୍ଚଳ, ଭାଷା ଓ ଧାର୍ମିକ ବିବିଧତା ଓ ଗୁଜବ ସତ୍ତ୍ୱେ ଟିକାକରଣ ଅଭିଯାନ ନିରବଚ୍ଛିନ୍ନ ଭାବେ ଆଗେଇ ଚାଲିଛି । ଯେତେବେଳେ କୋଭିଡ ଦେଶରେ ମାଡି ଚାଲିଲା ଆମ ଦେଶ ଏହାର ମୁକାବିଲା କରିପାରିଛି କି ନାହିଁ, ଏଥିନେଇ ବିଶ୍ୱର ସନ୍ଦେହ ଥିଲା । କିନ୍ତୁ ଭାରତ ସଫଳତାର ସହ ଏହାର ମୁକାବିଲା କରିପାରିଲା । ଅନେକ ବିବିଧତା ସତ୍ତ୍ୱେ ଭାରତର ଏପରି ବିଶ୍ୱ ମହାମାରୀର ସଫଳ ମୁକାବିଲା ପଛରେ ରହିଛି ଜନସାଧାରଣଙ୍କ ସହଯୋଗ । ମାତ୍ର ନଅମାସ ମଧ୍ୟରେ ଭାରତ ଦୁଇଟି ଦେଶୀୟ ଟିକା ଉଦ୍ଭାବନ କରିବା

# ଭାରତର ହାରାହାରୀ ବିଶ୍ୱର ଅନ୍ୟ ଦେଶଠାରୁ ଭଲ




ସହ ୯୨କୋଟି ଟିକା (ଅକ୍ଟୋବର ୬ତାରିଖ ସୁଦ୍ଧା) ପ୍ରଦାନ କରି ଏକ ନୂତନ ରେକର୍ଡ ସୃଷ୍ଟି କରିଛି । ତ୍ୱରିତ ଟିକାକରଣ ନିମନ୍ତେ ଭାରତ ନିଜ ରେକର୍ଡ ବାରମ୍ବାର ଭାଙ୍ଗିଚାଲିଛି ।

**ଆସ୍ଥା ହିଁ ସଫଳ ଅଭିଯାନର ମୂଳଭିତ୍ତି**

ଜାତୀୟସ୍ତରରେ ଆତ୍ମବିଶ୍ୱାସ ହିଁ ସଫଳ ଅଭିଯାନର ଚାବିକାଠି। ଏ ପ୍ରକାର ଆତ୍ମବିଶ୍ୱାସର ଶକ୍ତି ବର୍ତ୍ତମାନର ନେତୃତ୍ୱଠାରୁ ରାଷ୍ଟ୍ର ପାଇଥାଏ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯେପରି ଡିଜିଟାଲ ବୈଷୟିକ ଜ୍ଞାନକୁ ଜାତୀୟ ନୀତିରେ ଆପଣାଇଲେ ତା'ର କୌଣସି ତୁଳନା ନାହିଁ । ଜାନୁୟାରୀ ୧୬, ୨୦୨୧ରୁ ଆରମ୍ଭ ହୋଇଥିବା ଅଭିଯାନରେ

# ଦୈନିକ ଓ ସେକେଣ୍ଡ ପିଛା ମାତ୍ରା




ଏକ ଆଶଂକା ଥିଲା ବୋଧେ କେବଳ ସମ୍ମୁଖ ଯୋଦ୍ଧାମାନେ ହିଁ ଟିକାନେବେ। ପ୍ରଥମ ୧୦୦ନିୟୁତ ମାତ୍ରା ପାଇଁ ୮୫ଦିନ ଲାଗିଥିଲା । ମାତ୍ର ତାପରେ ଯେଉଁ ଗତିରେ ଟିକାକରଣ ହେଲା ପରେ ପରେ ଟିକାକରଣ ୪୫ଦିନରେ ୨୦କୋଟି ଅତିକ୍ରମ କରିଥିଲା ଓ ପରବର୍ତ୍ତୀ ୨୯ଦିନରେ ୩୦କୋଟି ଅତିକ୍ରମ କଲା। ସେହିପରି ଆଉ ୨୪ଦିନରେ ଏହା ୪୦କୋଟି ଅତିକ୍ରମ କରିଥିବାବେଳେ ପରବର୍ତ୍ତୀ ୨୦ଦିନରେ ୫୦କୋଟି, ୧୯ଦିନରେ ୬୦ ମାତ୍ର ୧୩ଦିନରେ ଏହା ୭୦କୋଟି ଅତିକ୍ରମ କରିଥିଲା । ସେପ୍ଟେମ୍ବର ୧୩ତାରିଖରେ ଯେତେବେଳେ ଦେଶ ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି

# ସାତଟି ରାଜ୍ୟରେ ଶତ ପ୍ରତିଶତ ମାତ୍ରା ଟିକାଦାନ

## ସାତଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଶତପ୍ରତିଶତ କୋଭିଡ ପ୍ରଥମ ଡୋଜ ଟିକାକରଣ ।

**Ladakh**
**1.97**
Lakh Doses Given

**Lakshadweep**
**53499**
Doses Given

**Himachal Pradesh**
**55.74**
Lakh Doses Given

**Sikkim**
**5.10**
Lakh Doses Given

**Goa**
**11.83**
Lakh Doses Given

**Dadra and Nagar Haveli and Daman and Diu**
**6.26**
Lakh Doses Given




## ଘରକୁ ଘର ବୁଲି ଦିବ୍ୟାଙ୍ଗ ଓ କେତେକ ନିର୍ଦ୍ଦିଷ୍ଟ ଭାବେ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ଟିକାଦାନ ଅଭିଯାନ କୋଭିଡ ସଂଗ୍ରାମ ପାଇଁ ନିର୍ଣ୍ଣାୟକ ଥିଲା

ପାଳନ କଲା ଦେଶ ଟିକାକରଣର ୭୫୦ ନିୟୁତ ସଂଖ୍ୟାକୁ ଛୁଇଁଲା । ଟିକାକରଣ ୧୦୦ନିୟୁତ ଛୁଇଁବା ପରେ ଦୃଢ ସଂକଳ୍ପ ଯୋଗୁଁ ଏହା ଗତିଶୀଳ ହୋଇ ବିଶ୍ୱର ଦୃତତମ ଓ ସର୍ବବୃହତ ଟିକାକରଣ ଅଭିଯାନରେ ପରିଣତ ହୋଇପାରିଲା ।

ସେବା ଓ ଉତ୍ସର୍ଗର ଆଲୋକବର୍ତ୍ତିକା ହେଲା ସେପ୍ଟେମ୍ବର ୧୭ ଭାରତର ଟିକାକରଣ କାର୍ଯ୍ୟକ୍ରମ ନୂତନ ରେକର୍ଡ କରି ଆଗକୁ ଆଗକୁ ବଢିଚାଲିଛି । ସେପ୍ଟେମ୍ବର ୧୭ତାରିଖ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୧ତମ ଜନ୍ମ ଦିନରେ ସ୍ୱାସ୍ଥ୍ୟକର୍ମୀମାନେ ମାତ୍ର ଗୋଟିଏ ଦିନରେ ଅଢେଇ କୋଟି ଟିକା ଦେଇ ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିପାରିଲେ । ସେହିଦିନ ପ୍ରତି ଘଂଟା ପିଛା ୧୫ଲକ୍ଷ ମାତ୍ରା ପ୍ରଦାନ କରାଯାଇଥିଲାବେଳେ, ପ୍ରତି ମିନିଟ୍‌ରେ ୨୬ହଜାର ଓ ସେକେଣ୍ଡ ପିଛା ୪୨୫ ଟିକା ମାତ୍ରା ପ୍ରଦାନ କରାଯାଇଥିଲା ।

ଏହି ଦିନିକିଆ ରେକର୍ଡ ବିଶ୍ୱର ଅନେକ ଅଗ୍ରଣୀ ଧନୀ ରାଷ୍ଟ୍ର ମଧ୍ୟ ହାସଲ କରିପାରିନାହାଁନ୍ତି । ଆମେ ଯଦି ସେପ୍ଟେମ୍ବର ୧୭ ତାରିଖରେ ଟିକାକରଣ ପରିସଂଖ୍ୟାନକୁ ବିଚାରକୁ ନେବା ତେବେ ସେଦିନ ୧୭ଘଣ୍ଟା ମଧ୍ୟରେ ୨୫ନିୟୁତଙ୍କୁ ଟିକାକରଣ କରାଯାଇଥିବାବେଳେ (ପ୍ରାୟ ଶତକଡା ୮୨ଭାଗ) ଅବଶିଷ୍ଟ ବିଶ୍ୱ ୫.୪ ନିୟୁତ କରୋନା ଟିକା (ପ୍ରାୟ ୧୮%) ଦିଆଯାଇଛି। ସେପ୍ଟେମ୍ବର ୧୭ତାରିଖ ଦିନ ଭାରତରେ ଟିକା ନେଇଥିବା ବ୍ୟକ୍ତିଙ୍କ ସଂଖ୍ୟା ସମଗ୍ର ଅଷ୍ଟ୍ରେଲିଆ ଦେଶର ଜନସଂଖ୍ୟା ସହିତ ସମାନ । କାନାଡାର ଦୁଇ ତୃତୀୟାଂଶ ଜନସଂଖ୍ୟା

# କମ୍ ମୂଲ୍ୟରେ ବିଶ୍ୱରେ ସବୁଠାରୁ ବୃହତ୍ତମ ଟିକାକରଣ ଅଭିଯାନ



- ଏପ୍ରିଲ ୨୦୨୦ରେ ଡକ୍ଟର କେ ବିଜୟ ରାଘବନ ଏବଂ ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡକ୍ଟର ଭି.କେ ପଲଙ୍କ ନେତୃତ୍ୱରେ ଏକ ଟାସ୍କଫୋର୍ସ ଗଠନ । ଜାତୀୟ ବିଶେଷଜ୍ଞ ଦଳ(ଟିକା ପ୍ରଶାସନ କୋଭିଡ-୧୯) ଅଗଷ୍ଟ ୨୦୨୦ରେ ଗଠିତ ।

- କମିଟି ସମସ୍ତ ପ୍ରକ୍ରିୟା ଯଥା -ସଂରକ୍ଷଣ, ପରିବହନ, କୋଲ୍ଡଚେନ, ଆହରଣ ଓ ଟିକସ ପ୍ରେରଣ(ବିନା ଅନୁମୋଦନ)ରେ ପ୍ରସ୍ତୁତ କଲେ । ଜାନୁୟାରୀ ୧୪ତାରିଖ ସୁଦ୍ଧା ନିର୍ଦ୍ଧାରିତ ସ୍ଥାନଗୁଡିକୁ ଟିକା ପ୍ରେରଣ କାର୍ଯ୍ୟ ଶେଷ ହେଲା ।

- ଜାନୁୟାରୀ ୧୬ତାରିଖ ଦିନ କରୋନା ଟିକାକରଣ କାର୍ଯ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତାରେ ଆରମ୍ଭ ହେଲା। ଫେବୃୟାରୀ୨ତାରିଖରେ ସ୍ୱାସ୍ଥ୍ୟକର୍ମୀ, ମାର୍ଚ୍ଚ ପହିଲାରୁ ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ଏପ୍ରିଲ ପହିଲାରୁ ୪୫-୫୯ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଟିକାକରଣ ଆରମ୍ଭ ହେଲା ।

- ଯେତେବେଳେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହେଲା, ସରକାର ୪୫ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଟିକାକରଣ ପାଇଁ ଏପ୍ରିଲ ପହିଲାରେ ସାମିଲ କଲେ ।

**କର୍ମସ୍ଥଳୀରେ ୪୫ବର୍ଷରୁ ଅଧିକ ବୟସ୍କ ପାଇଁ ଟିକା ପ୍ରଦାନ ଏପ୍ରିଲ ୧୨ରୁ ଆରମ୍ଭ ହେଲା**

**ଦେଶରେ ମଇ ପହିଲାରୁ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେଲା, ଏଥିରେ ୧୮ ବର୍ଷରୁ ଅଧିକ ସମସ୍ତଙ୍କୁ ଟିକା ଦିଆଗଲା**

- ଜୁନ ୨୧ରୁ ସମ୍ପୂର୍ଣ୍ଣ ଟିକାକରଣ ଦାୟିତ୍ୱ କେନ୍ଦ୍ର ସରକାର ହାତକୁ ନେଇ ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ ସମସ୍ତ ମାଗଣା ଟିକା କାର୍ଯ୍ୟକ୍ରମ ଆରମ୍ଭ କଲେ ।
- ଟିକାକରଣ ଅଭିଯାନକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟ ନେଇ ରୁଷର ସ୍ପୁଟନିକ-ଭିକୁ ଭାରତୀୟ ଟିକା କୋଭିସିଲ୍ଡ ଓ କୋଭାକ୍ସିନ ସହ ସାମିଲ କରାଗଲା । ୧୨ବର୍ଷରୁ ଅଧିକ ବୟସର ପିଲାଙ୍କ ନିମନ୍ତେ ଜାଇଡସ୍ କାଡିଲା ଟିକା ମଧ୍ୟ ଅନୁମୋଦିତ ହୋଇଛି ।

## ମୈତ୍ରୀ ଟିକା ଅଧୀନରେ ବିଶ୍ୱର ୯୫ଟି ଦେଶକୁ ଦିଆଯାଇଛି ୬୫ ନିୟୁତ ଟିକା

ଓ ନ୍ୟୁଜିଲ୍ୟାଣ୍ଡର ଜନସଂଖ୍ୟାର ପାଞ୍ଚଗୁଣା । ସେପ୍ଟେମ୍ବର ୧୭ତାରିଖ ଦିନ ଭାରତରେ ଯେତେ ଲୋକ ଟିକା ନେଇଛନ୍ତି ତାହା ବିଚାରକୁ ନେଲେ ବିଶ୍ୱର ଶହେଟି ଦେଶର ଜନ ସଂଖ୍ୟା ସହ ସମାନ ।

ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଭାରତ ଟିକାକରଣରେ ନୂତନ ରେକର୍ଡ ସ୍ଥାପନ କରିଛି ଓ ଦେଶ ଏହି ଦୁଇମାସରେ ଯେତେ ଟିକାକରଣ କରିଛି ଏହାର ମୋଟ ସଂଖ୍ୟା ଜି-୭ ଦେଶଗୁଡିକର ଟିକାକରଣ ସଂଖ୍ୟା ସହ ସମାନ । କେବଳ ସେତିକି ନୁହଁ, ଉତ୍ତରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ,ହରିୟାଣା ଯେତିକି ଟିକା ପ୍ରଦାନ କରିଛନ୍ତି, ତାହା କେତେକ ଦେଶର ହାରାହାରି ଟିକାଦାନଠାରୁ ମଧ୍ୟ ଅଧିକ । ଏପରିକି ଦୈନିକ ଟିକାକରଣରେ ମଧ୍ୟ ଭାରତର ସଂଖ୍ୟା ୟୁରୋପୀୟ ସଂଘ, ଆରବ ଲିଗ୍, ନାଟୋ, ଜି-୭ ଏବଂ ଏଏସଇଏଏନ୍ ଦେଶଗୁଡିକଠାରୁ ମଧ୍ୟ ଅଧିକ । ଟିକାକରଣର ଦ୍ରୁତଗତି ଦେଶର ନିଜସ୍ୱ ଟିକା ଉତ୍ପାଦନ ଓ କୁଶଳୀ ସ୍ୱାସ୍ଥ୍ୟକର୍ମୀଙ୍କ ଯୋଗୁଁ ସମ୍ଭବ ହେଲା । ସଫଳତା ହାସଲରୁ ପ୍ରମାଣିତ ହେଲା ଯେ ଯେତେବେଳେ ସମସ୍ୟା ନିଜ ଉପରକୁ ଆସେ, ସେତେବେଳେ ସମଗ୍ର ଦେଶ ଓ ପ୍ରତ୍ୟେକ ଦେଶବାସୀ ଏକାଠି ହୋଇ ସମସ୍ତ ଶକ୍ତି ଖଟାଇ ଏହାର ମୁକାବିଲା କରନ୍ତି ।

**ଟିକାକରଣ ରାସ୍ତା ଏତେ ସହଜ ନ ଥିଲା**

ଇତିହାସରେ ଏତେ ବଡ ଟିକାକରଣ ଅଭିଯାନ କେବେ ମଧ୍ୟ ସଂଗଠିତ ହୋଇ ନ ଥିଲା । କେତେ ବଡ ଥିଲା ଏହି ଅଭିଯାନ ତାହା କେବଳ ଏହାର ପ୍ରଥମ ପର୍ଯ୍ୟାୟ ଅବଲୋକନରୁ ଆକଳନ କରିହେବ। ପ୍ରଥମ ପର୍ଯ୍ୟାୟରେ ୩କୋଟି ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା ଓ ବିଭିନ୍ନ କଠିନ ରୋଗ ବ୍ୟାଧି ପୀଡିତ ୨୭କୋଟି ବୟସ୍କ ଲୋକଙ୍କୁ ଟିକାଦାନ ଧାର୍ଯ୍ୟ ହୋଇଥିଲା । ବିଶ୍ୱରେ ଏପରି ଅନେକ ଦେଶ ଅଛି ଯାହାର ଜନସଂଖ୍ୟା ୩୦ନିୟୁତରୁ ମଧ୍ୟ କମ୍, ମାତ୍ର ଭାରତ ପ୍ରଥମ ପର୍ଯ୍ୟାୟରେ ହିଁ ୩୦ନିୟୁତ

# ଅଗଷ୍ଟ-ସେପ୍ଟେମ୍ବରରେ ଟିକାକରଣ ଜୋରଦାର

ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଟିକାକରଣ ମାତ୍ରା ଖୁବ୍ ଉଚ୍ଚରେ ରହିଲା । ଅଗଷ୍ଟ ମାସରେ ଦେଶର ୧୮୦ ନିୟୁତ ଟିକା ମାତ୍ରା ପ୍ରଦାନ କରାଯାଇଛି । ଏହି ସଂଖ୍ୟା ଜି-୭ ଦେଶ ସମୂହର ଯଥା କାନାଡା, ୟୁକେ, ଆମେରିକା, ଇଟାଲୀ, ଜର୍ମାନୀ, ଫ୍ରାନ୍ସ ଓ ଜାପାନର ଜନସଂଖ୍ୟାଠାରୁ ଅଧିକ ।

ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୧୭ତାରିଖ ଦିନ ଭାରତ ୨.୫କୋଟି ଲୋକଙ୍କୁ ଗୋଟିଏ ଦିନରେ ଟିକା ମାତ୍ରା ପ୍ରଦାନ କରି ଦୃଢ ରେକର୍ଡ କରିଛି । ଏହି ଦିନ ଘଂଟା ପିଛା ୧୫.୬୨ ଲକ୍ଷ ମାତ୍ରା ପ୍ରଦାନ କରାଯାଇଥିଲା ବେଳେ, ମିନିଟ୍ ପିଛା ୨୬ହଜାର ଓ ସେକେଣ୍ଡ ପିଛା ୪୩୪ମାତ୍ରା ପ୍ରଦାନ କରାଯାଇଛି ।




**କୋଭିସିଲ୍ଡ ଓ କୋଭାକ୍ସିନ ପରେ ଆଉ ଏକ ଭାରତୀୟ ଟିକା ଜାଇକୋଭଡି ମଧ୍ୟ ଦେଶରେ ଟିକାକରଣ ଅଭିଯାନକୁ ଆହୁରି ଗତିଶୀଳ କରିବ ।**

ଲୋକଙ୍କୁ ଟିକା ଦେବାକୁ ସ୍ଥିର କରିଥିଲା । ଜାନୁୟାରୀ ୧୬ରେ ଯେତେବେଳେ ଟିକାକରଣ ଆରମ୍ଭ ହେଲା ବିଶେଷଜ୍ଞମାନେ ସେତେବେଳେ, ଦେଶର ୩୦୦ ନିୟୁତ ଜନସାଧାରଣଙ୍କ ଟିକାକକଣ ପାଇଁ ସାତରୁ ଆଠମାସ ଲାଗିଯିବ ବୋଲି ଆକଳନ କରିଥିଲେ । ମାତ୍ର ସେହି ଅବଧି ମଧ୍ୟରେ ଦେଶରେ ୯୨କୋଟିରୁ ଅଧିକ ବ୍ୟକ୍ତିଙ୍କୁ ଟିକା ଲଗାଯାଇ ସାରିଥିବା ଦେଶର କୋଭିଡ ବିରୁଦ୍ଧରେ ସଂଗ୍ରାମର ସଂକଳ୍ପକୁ ସୂଚାଇଥାଏ । ଆଜାଦି କା ଅମୃତ ମହୋତ୍ସବ ଏହି ଅଭିଯାନକୁ ଆହୁରି କ୍ଷୀପ୍ରତର କଲା, କାରଣ ଭାରତୀୟମାନେ ଏହି ମହୋତ୍ସବରେ ବିପୁଳ ଉତ୍ସାହର ସହ ବହୁ ସଂଖ୍ୟାରେ ଯୋଗଦେଲେ । କେବଳ ଅଗଷ୍ଟ ମାସ ମଧ୍ୟରେ ଭାରତ ୧୮୬ ନିୟୁତ ଟିକା ମାତ୍ରାଦେଇ ଏକ ରେକର୍ଡ ସୃଷ୍ଟି କଲା । ଅଗଷ୍ଟ ମାସରେ ଶେଷ ଦିନ ୧କୋଟି ୩୦ଲକ୍ଷ ମାତ୍ରା ଦେଇ ସେହି ମାସରେ ଦିନିକିଆ ରେକର୍ଡ ସୃଷ୍ଟି ହୋଇପାରିଥିଲା । ଅଗଷ୍ଟ ୨୭ତାରିଖ ସୁଦ୍ଧା ଦେଶର ଟିକାକରଣ ଯୋଗ୍ୟ ଶତକଡା ୫୦ଭାଗରୁ ପ୍ରଥମ ମାତ୍ରା ଟିକା ନେଇ ଏକ ରେକର୍ଡ ସୃଷ୍ଟି କଲା । କୋଭିଡ ମହାମାରୀରୁ ଜୀବନ ରକ୍ଷାକୁ କେନ୍ଦ୍ର ସରକାର ପ୍ରାଥମିକତା ଦେଇ କୋଭିଡ ଆସିବା ପୂର୍ବରୁ ପ୍ରତିଷେଧକ ମୂଳକ ପଦକ୍ଷେପ ନେଇଥିଲେ ।




ଦେଶର ଶୀର୍ଷ ନେତୃତ୍ୱ କୋଭିଡ ବିରୁଦ୍ଧରେ ସଂଗ୍ରାମ ନିମନ୍ତେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୁ ହିଁ ପାଥେୟ କରିଥିଲେ। ଟିକାକରଣ ନିମନ୍ତେ ଭିତ୍ତିଭୂମି କ୍ଷେତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି କରୋନା ମହାମାରୀ କାଳରେ ଜନସାଧାରଣଙ୍କୁ କଲ୍ୟାଣକାରୀ ପ୍ୟାକେଜ ପ୍ରଦାନ କିମ୍ବା ଦେଶୀୟ ଟିକା ଉତ୍ପାଦନ ପ୍ରତ୍ୟେକ ଥିରେ କେନ୍ଦ୍ର ସରକାର ବିଜ୍ଞାନ ଓ ବୈଷୟିକ ଜ୍ଞାନକୁ କାର୍ଯ୍ୟକ୍ରମର ମୁଖ୍ୟ ଆୟୁଧଭାବେ ଗ୍ରହଣ କରିଥିଲେ । ଏପ୍ରିଲ ୨୦୨୦ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତକୁ କରୋନା ଆସିବାର ମାସକ ପରେ ଏକ ଟିକା ପାଇଁ ଟାସ୍କଫୋର୍ସ ଗଠନ କରିଥିଲେ । ଦେଶର ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା କେ. ବିଜୟ ରାଘବନ ଏବଂ ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡକ୍ଟର ଭି.କେ. ପଲ ଏହି ଟାସ୍କଫୋର୍ସ ଦାୟିତ୍ୱରେ ରହିଲେ । ବୈଜ୍ଞାନିକ ବିଶ୍ଲେଷଣ ପରେ ସୁପାରିଶ କରିବା ଥିଲା ସେମାନଙ୍କ ମୁଖ୍ୟ ଦାୟିତ୍ୱ ଯାହା ଯୋଗୁଁ ଟିକାର ବିକାଶର ପଥ ସୁଗମ ହେବ ।

ଅଗଷ୍ଟ ୨୦୨୦ରେ ପ୍ରଧାନମନ୍ତ୍ରୀ ଆଉ ଏକ ପଦକ୍ଷେପ ନେଲେ । ଜାତୀୟ ବିଶେଷଜ୍ଞ କୋଭିଡ ପ୍ରଶାସନ ଗ୍ରୁପ (ଏନଇଜିଭିଏଜି) ଆନ୍ତଃମନ୍ତ୍ରୀସ୍ତରୀୟ ସମନ୍ୱୟ ନିମନ୍ତେ ଗଠିତ ହେଲା । ଏଥିରେ ପାଂଚଟି ରାଜ୍ୟର ପ୍ରତିନିଧି ଓ ବୈଷୟିକ ବିଶେଷଜ୍ଞ ରହିଲେ। ସଂଘୀୟ ଢାଞ୍ଚାର ଏକ ଅଭୂତପୂର୍ବ ଦୃଷ୍ଟାନ୍ତ ଦେଇ କେନ୍ଦ୍ର ବିପର୍ଯ୍ୟୟକୁ ସୁଯୋଗରେ ରୂପାନ୍ତରିତ କଲେ । ତେବେ ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀମାନଙ୍କୁ ଏକାଧିକ ବାର ବିଶ୍ୱାସରେ ନେବାକୁ ପଡିଲା ।

ଟିକାର ବିକାଶକୁ ଛାଡି ଏହି ଗ୍ରୁପ ଏହାର ଭଣ୍ଡାରଣ, ଆହରଣ ପଦ୍ଧତି, ଟିକାର ସକ୍ରିୟତାକୁ ସୁନିଶ୍ଚିତ କରିବା ଓ କିଭଳି ପ୍ରାଥମିକତା ଭିତ୍ତିରେ ଏହା ଲୋକମାନଙ୍କୁ ଦିଆଯିବ, ସେ




## ଚୀନ ଓ ଆମେରିକା ପରେ ଟିକାର ଉଭୟ ମାତ୍ରା ଦେବାରେ ଭାରତ ହେଉଛି ବିଶ୍ୱର ତୃତୀୟ ରାଷ୍ଟ୍ର ।

ବିଷୟରେ ଖସଡା ପ୍ରସ୍ତୁତ କରିଛନ୍ତି । ବିଜ୍ଞାନ ଓ ବୈଷୟିକ ଜ୍ଞାନର ଉପଯୋଗରେ ଅଳ୍ପ କେଇମାସ ମଧ୍ୟରେ ଟିକା ପ୍ରସ୍ତୁତ ହେବା ସହ ଟିକାକରଣରୁ ଯେପରି କେହି ବାଦ ନ ପଡିବେ ତା'ର ତଦାରଖ ମଧ୍ୟ କରାଗଲା। ଭାରତୀୟ କୋୱିନ ପ୍ଲାଟଫର୍ମ ଆଜି ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି ।

**ସମସ୍ତଙ୍କୁ ମାଗଣା ଟିକା**

କୋଭିଡ ବିଶ୍ୱ ମହାମାରୀ ଅଭୂତପୂର୍ବ ଓ ଭାରତ ମଧ୍ୟ ଅନ୍ୟ ଦେଶଙ୍କ ଭଳି ଏଥିରୁ ବାଦ ପଡିନାହିଁ । ମାତ୍ର ଆମ ଦେଶ ବହୁମୁଖୀ ରଣନୀତି ନେଇ ଏହାର ମୁକାବିଲା କରିଛି । କୋଭିଡ ହସ୍‌ପିଟାଲ ନିର୍ମାଣଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଯତ୍ନ କୋଠରୀ ଶଯ୍ୟା ବୃଦ୍ଧି, ଭାରତରେ ଭେଣ୍ଟିଲେଟର ନିର୍ମାଣ ଏବଂ ବ୍ୟାପକ ପରୀକ୍ଷାଗାର ନିର୍ମାଣ ଏହାର ଅନ୍ତର୍ଭୁକ୍ତ । କୋଭିଡ-୧୯ର ଦ୍ୱିତୀୟ ଲହର ସମୟରେ ଏପ୍ରିଲ-ମେ ମାସ ମଧ୍ୟରେ ମେଡିକାଲ ଅମ୍ଳଜାନର ଚାହିଦା ଅଚାନକ ବୃଦ୍ଧି ପାଇଲା । ଭାରତର ଇତିହାସରେ ଏହି ଚାହିଦା ଥିଲା ଅଭୂତପୂର୍ବ। ଅମ୍ଳଜାନ ସିଲିଣ୍ଡର ଯୋଗାଣ ଯୁଦ୍ଧକାଳୀନ ଭିତ୍ତିରେ କରାଗଲା । ଅମ୍ଳଜାନ ପରିବହନ ଟ୍ରେନ ଆରମ୍ଭ କରାଯିବା ସହ ନୌସେନା ଓ ବାୟୁସେନାକୁ ମଧ୍ୟ ଅମ୍ଳଜାନ ପରିବହନ ନିମନ୍ତେ କାର୍ଯ୍ୟରେ ଲଗାଗଲା । ବିଶ୍ୱର ଯେକୌଣସି ସ୍ଥାନରୁ ଯେଉଁଠି ମିଳିଲା ଅମ୍ଳଜାନ ଅଣାଗଲା । ସେହିପରି ଆବଶ୍ୟକ ଔଷଧପତ୍ର ଉତ୍ପାଦନ ମଧ୍ୟ ଦ୍ୱିଗୁଣିତ କରାଗଲା। ଆବଶ୍ୟକସ୍ଥଳରେ ଅନ୍ୟ ସ୍ଥାନକୁ ଔଷଧ ମଗାଯିବାର ମଧ୍ୟ ଅବହେଳା ହେଲା ନାହିଁ । ।

କୋଭିଡ ବିରୁଦ୍ଧ ସଂଗ୍ରାମରେ ଟିକାକରଣ ହେଉଛି ସବୁଠାରୁ ବଡ ରକ୍ଷା କବଚ । ଆମେ ଯଦି ୫୦-୬୦ ବର୍ଷର ଇତିହାସ ଦେଖିବା, ତେବେ ଅନ୍ୟଦେଶରୁ ଟିକା ଆଣିବା ପାଇଁ ଆମକୁ ଅନେକ ସମୟ ଲାଗିଯାଉଥିଲା । ଯେତେବେଳେ ଟିକାକରଣ ପ୍ରକ୍ରିୟା ବିଦେଶରେ ଶେଷ ହେଉଥିଲା, ତା ପରେ ଆମର ଏଠାରେ ଆରମ୍ଭ ହେଉଥିଲା। ୨୦୧୪ ମସିହାରେ ଟିକାରକଣ ଶତକଡା ୪୦ଭାଗ ଥିଲା । ସେହି ଗତିରେ କରାଗଲେ ସମ୍ପୂର୍ଣ୍ଣ ଟିକାକରଣ ନିମନ୍ତେ ଆହୁରି ୪୦ବର୍ଷ ଅଧିକ ଲାଗିଥାନ୍ତା । ମାତ୍ର ପାଞ୍ଚ-ଛଅ ବର୍ଷରେ ଟିକାକରଣ ଶତକଡା ୬୦ରୁ ୯୦ଭାଗ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । କେନ୍ଦ୍ର ସରକାରଙ୍କ ମିଶନ ମୋଡରେ ଚାଲିଥିବା 'ଇନ୍ଦ୍ରଧନୁଷ' କାର୍ଯ୍ୟକ୍ରମ ଭଳି ଯୋଜନା ଯୋଗୁଁ ଏହା ସମ୍ଭବ ହୋଇପାରିଛି ।

ଆତ୍ମନିର୍ଭର ଭାରତ ପ୍ୟାକେଜ ଅଧୀନରେ ମିଶନ କୋଭିଡ ସୁରକ୍ଷା ଜରିଆରେ ଟିକା କମ୍ପାନୀଗୁଡିକୁ ଆର୍ଥିକ ସହାୟତା ଦିଆଯାଇଥିଲା । ଚଳିତବର୍ଷ ଜାନୁୟାରୀ୧୬ରୁ

# ଏହିପରି ଭାବେ ଟିକା ଆପଣଙ୍କ ନିକଟରେ ପହଞ୍ଚେ




## ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ଭାରତ ୫୫କୋଟିରୁ ଅଧିକ ନମୁନା ପରୀକ୍ଷା କରିଛି । ଏହା ଅନେକ ଦେଶର ଜନସଂଖ୍ୟାଠାରୁ ମଧ୍ୟ ଅଧିକ ।

ଏପ୍ରିଲ ଶେଷ ପର୍ଯ୍ୟନ୍ତ ଭାରତରେ ଟିକାକରଣ କାର୍ଯ୍ୟକ୍ରମ ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଅଧୀନରେ ଚାଲିଲା । ଦେଶ ସମସ୍ତଙ୍କୁ ବିନା ମୂଲ୍ୟରେ ଟିକା ଯୋଗାଇବା ପଥରେ ଆଗେଇ ଚାଲିଥିଲା । ମାତ୍ର କେତେକ ରାଜ୍ୟ ନିଜେ ଏହି ଟିକାକରଣ କାର୍ଯ୍ୟକ୍ରମ ପରିଚାଳନା କରିବେ ବୋଲି କହିବାରୁ ଅନେକ ବିଚାରବିମର୍ଶ ପରେ ଯଦି ରାଜ୍ୟଗୁଡିକ ନିଜେ ଏହା କରିବେ, ତେବେ ତାହା କରିପାରିନ୍ତି ବୋଲି ନିଷ୍ପତ୍ତି ହେଲା । ଫଳସ୍ୱରୂପ ଏଭଳି ପରିସ୍ଥିତିରେ ମେ ପହିଲାଠାରୁ ଶତକଡା ୨୫ଭାଗ କାର୍ଯ୍ୟ ରାଜ୍ୟମାନଙ୍କ ଉପରେ ନ୍ୟସ୍ତ କରାଗଲା । ପରେ ଜୁନ ୭ତାରିଖ ଦିନ ଦେଶ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଉଥିବାବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପୁରୁଣା ପଦ୍ଧତିକୁ ଫେରାଇ ଆଣି କେନ୍ଦ୍ର ସରକାର ଟିକାକରଣର ସମ୍ପୂର୍ଣ୍ଣ ଦାୟିତ୍ୱ ନେଲେ । ଜୁନ ୨୧ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ 'ସମସ୍ତଙ୍କ ପାଇଁ ମାଗଣା ଟିକା' ଅଭିଯାନ ଆରମ୍ଭ ହେଲା । ଟିକାକରଣକୁ ଦ୍ରୁତ କରିବା ପାଇଁ ଅଧିକରୁ ଅଧିକ କେନ୍ଦ୍ର ଖୋଲାଗଲା ଯାହା ଫଳରେ ଟିକାକରଣ ଅଧିକ ହୋଇପାରିଲା ।

**'ଜାନ ହୈ, ଜାହାନ ହୈ ଠାରୁ ଜାନ ଭୀ ଜାହାନ ଭୀ ପର୍ଯ୍ୟନ୍ତ ନୀତି**

ଗତବର୍ଷ ମାର୍ଚ୍ଚମାସରେ ଯେତେବେଳେ ଅନ୍ୟାନ୍ୟ ଦେଶରେ କରୋନା ବଢିବା ଆରମ୍ଭ ହେଲା ଭାରତ ଖୁବ୍ ନିକଟରେ ୧୦୨ବର୍ଷ ତଳେ ଦେଖା ଦେଇଥିବା ସ୍ପାନିଶ ଫ୍ଲୁ ମହାମାରୀକୁ ଅନୁଧାନ କଲା ।

ଅନୁଧାନରୁ କେଉଁଠାରେ ଲକ୍ ଡାଉନ ତ୍ୱରାନ୍ୱିତ ହୋଇଥିଲା, କେଉଁଠି ମୃତ୍ୟୁହାର କମ ଥିଲା ମାତ୍ର ଆର୍ଥିକ ଅବସ୍ଥା ପୂର୍ବବତ ବ୍ୟବସ୍ଥାକୁ ଶୀଘ୍ର ଫେରି ଆସିଥିଲା । ଅନୁଧାନରୁ ଆହୁରି ଜଣାପଡିଥିଲା ଯେ କମ୍ ସମୟ ପାଇଁ ଲକ୍ ଡାଉନ କ୍ଷତିକାରକ ହୋଇପାରେ, ମାତ୍ର ଦୀର୍ଘ ସମୟ ପାଇଁ ଏହା ଏତେ କ୍ଷତିକାରକ ହୋଇ ନ ପାରେ । ଏଭଳି ପରିସ୍ଥିତିରେ

# ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ

୨୦୧୪ ମସିହାଠାରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେପରି ବୈପ୍ଳବିକ ପରିବର୍ତ୍ତନ ଆସିଛି ତାହାପୂର୍ବରୁ କେବେ ଦେଖା ଦେଇ ନ ଥିଲା। ନୂଆ ହସପିଟାଲ ହେଉ ବା ମେଡିକାଲ କଲେଜ, ଗରିବଙ୍କ ପାଇଁ ମାଗଣା ଚିକିତ୍ସା, ଗ୍ରାମାଂଚଳରୁ ଛୋଟ ସହର ଓ ମହାନଗର ସ୍ୱାସ୍ଥ୍ୟ କ୍ଷେତ୍ର ପରିପାଟିରେ ଅନେକ ପ୍ରଗତି ଆସିଛି ।

ଦେଶର ସ୍ୱାସ୍ଥ୍ୟସେବା ହେଉ ବା ଏହାର ଲୋକମାନଙ୍କ ନିକଟରେ ପହଞ୍ଚ, ପାରମ୍ପାରିକ ଭାବେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଆମର ଅଧାପନ୍ତରିଆ ହୋଇରହିଥିଲା। ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଦକ୍ଷ କର୍ମଚାରୀ ଓ ଉତ୍ତମ ଭିତ୍ତିଭୂମିର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପ୍ରଥମଥର ପାଇଁ ସାଧାରଣ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ର ନିମନ୍ତେ ଶତକଡା ୧୩୭ଭାଗ ବ୍ୟୟବରାଦ ଅଧିକ କଲେ । ଉଦ୍ଦେଶ୍ୟ ଥିଲା, ଦେଶର ଭିତ୍ତିଭୂମିର ଆମୂଳଚୂଳ ପରିବର୍ତ୍ତନ । ଜାନୁୟାରୀ ୩୦, ୨୦୨୦ ରେ ଯେତେବେଳେ ପ୍ରଥମ କରୋନା ମାମଲା ଭାରତରେ ଚିହ୍ନଟ ହେଲା ପୁଣେର ଭାରତୀୟ ଭୂତାଣୁ ତତ୍ୱ ପରୀକ୍ଷାଗାରରେ ରୋଗ ନିରୂପଣ ସୁବିଧା ଥିଲା । ଆଜି ଦେଶର ୨୪୮୭ଟି ପରୀକ୍ଷାଗାରର ଏହି ସୁବିଧା ଉପଲବ୍ଧ । ସେଥିପାଇଁ ସରକାର କେନ୍ଦ୍ର ସରକାର ସଂକ୍ରାମକ ରୋଗ ଦେଶରୁ ନିରାକରଣ ନିମନ୍ତେ ସମଗ୍ର ଭିତ୍ତିଭୂମିକୁ ସଜାଡିବାକୁ ଚାହୁଁଛନ୍ତି । ଏଥିସହ ଏହାର ସଂକ୍ରମଣ ମୂଳରୁ ରୋକିବାକୁ ଚାହୁଁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ସ୍ୱାସ୍ଥ୍ୟ ଭାରତ ଯୋଜନା ନିମନ୍ତେ ୨୦୨୧-୨୨ ବଜେଟ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ପ୍ରତ୍ୟେକ ଶିଶୁ ନେବେ ଟିକା




ମିଶନ ଇନ୍ଦ୍ରଧନୁଷ ଅଧୀନରେ ୧୨ଟି ରୋଗ ନିମନ୍ତେ ଟିକା ଦିଆଯାଇଛି । ବଜେଟ୍‌ରେ ଭାରତ ତିଆରି ନ୍ୟୁମୋକୋକାଲ ଟିକା ପ୍ରଦାନର ଜାତୀୟ ଅଭିଯାନ ଆରମ୍ଭ କରିବାକୁ ଘୋଷଣା କରାଯାଇଛି । ଏହା ଦ୍ୱାରା ୫୦,୦୦୦ ଶିଶୁଙ୍କ ଜୀବନ ପ୍ରତିବର୍ଷ ବଞ୍ଚାଯାଇପାରିବ ।

**3.70**

ମିଶନ ଇନ୍ଦ୍ରଧନୁଷ ଅଧୀନରେ ୩. ୭୦କୋଟି ଶିଶୁ ଓ ୯୨ଲକ୍ଷ ମହିଳାଙ୍କୁ ଟିକା ଦିଆଯାଇଛି ।

ଦେଶ ଏକ ନୀତି ଗ୍ରହଣ କଲା । ଜିଡିପି ଉପରେ କିଛିଟା ପ୍ରଭାବ ପଡିଲେ ମଧ୍ୟ ମଣିଷ ଜୀବନକୁ ପ୍ରାଧାନ୍ୟ ଦେବାକୁ ପଡିବ । ସେଥିପାଇଁ ସରକାର ପ୍ରଥମେ 'ଜାନ ହୈ ଜାହାନ ହୈ ସ୍ଲୋଗାନ ଦେଇଥିଲେ ମଧ୍ୟ ପରେ ଜାନ ଭି, ଜାହାନ ଭୀ ସ୍ଲୋଗାନ ଦେବା ଆରମ୍ଭ କଲେ। ୧୩୭କୋଟି ବିଶାଳ ଜନସଂଖ୍ୟାକୁ ଦେଖିଲେ କରୋନାର ସଂକ୍ରମଣ ଦୃଷ୍ଟିରୁ ଲକ୍‌ଡାଉନ ଅନିବାର୍ଯ୍ୟ ହୋଇପଡିଥିଲା । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ସୂଚୀ ଅନୁସାରେ ଭାରତୀୟ ଲକ୍ ଡାଉନ ବ୍ରିଟେନ ତୁଳନାରେ ଶତକଡା ୧୫ଭାଗ ଶକ୍ତିଶାଳୀ ଥିଲା । ଏହି ଦୁଇ ମନ୍ତ୍ରକୁ ଆଧାର କରି କେନ୍ଦ୍ର ସରକାର କୋଭିଡ ନିରାକରଣ ପାଇଁ ରଣନୀତି ପ୍ରସ୍ତୁତ କଲେ । ସେତେବେଳେ କେହି ମଧ୍ୟ ଚିନ୍ତା କରି ନ ଥିଲେ କି ଭାରତ ତା'ର ନିଜ ଟିକା ଉଦ୍ଭାବନ କରିବ ବୋଲି । ସମସ୍ତଙ୍କ ଆଶା ଥିଲା ଯେ ଆମେରିକା ପ୍ରଥମେ ଟିକା ଉଦ୍‌ଭାବନ କରି ପ୍ରଥମେ ତା'ର ଦେଶବାସୀଙ୍କୁ ଟିକାକରଣ କରିବା ପରେ ଯାଇ ବିଶ୍ୱର ଅନ୍ୟାନ୍ୟ ଦେଶଗୁଡିକୁ ଯୋଗାଇବ । ମାତ୍ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତ୍ୟୁତ୍ପନ୍ନମତିତା ଓ ଭାବନା ଯୋଗୁ ସବୁ ଓଲଟପାଲଟ ହୋଇଗଲା । ପ୍ରଥମେ ଭାରତ ଏକ ଟାସ୍କଫୋର୍ସ ଗଠନ କରିବା ସହ ତାହା ଟିକା ଉଦ୍‌ଭାବନ ନେଇ ବୈଷୟିକ ପରାମର୍ଶ ପ୍ରଦାନ କଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିଜେ ପୁଣେ, ଗୁଜରାତ ଓ ହାଇଦ୍ରାବାଦ ଯାଇ କମ୍ପାନୀଗୁଡିକୁ କରୋନା ଟିକା ବାହାର କରିବା ନେଇ ପ୍ରୋତ୍ସାହିତ କଲେ । ଫଳସ୍ୱରୂପ ଦୁଇଟି ଭାରତୀୟ ଟିକା କୋଭିସିଲ୍ଡ ଓ କୋଭାକ୍ସିନ ବ୍ୟବହାର ପାଇଁ ପ୍ରସ୍ତୁତ ହେଲା। ପରିବହନ ଅନ୍ୟାନ୍ୟ ସହାୟତା ନିମନ୍ତେ ପ୍ରସ୍ତୁତି ଆଗୁଆ କରାଗଲା । ଯେତେବେଳେ ଟିକା ପ୍ରସ୍ତୁତ ହୋଇଗଲା ପ୍ରଥମେ ସ୍ୱାସ୍ଥ୍ୟକର୍ମୀ ଓ ପରେ ଅନ୍ୟମାନଙ୍କ ଟିକାକରଣ ପାଇଁ ନିଷ୍ପତ୍ତି ହେଲା ।

**ଉନ୍ନତ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଫଳ ପ୍ରମାଣିତ**

ଗତ କିଛି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଆଯାଉଥିବା

# ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଆମୂଳଚୂଳ ପରିବର୍ତ୍ତନ

ପ୍ରଥମ ଥର ପାଇଁ କୌଣସି ସରକାର ସ୍ୱାସ୍ଥ୍ୟ ପାଇଁ ୧୩୭ପ୍ରତିଶତ ଅଧିକ ବ୍ୟୟବରାଦ କରିଛନ୍ତି ।

**137%**

ପିଏମଜେଏୱାଇ ଆୟୁଷ୍ମାନ ଭାରତ

**07**

ଯୋଜନାରେ ସାତ ବିଲିୟନ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି ।

## ବର୍ତ୍ତମାନ ଗରିବଙ୍କ ନିମନ୍ତେ ମାଗଣା ଚିକିତ୍ସା

- ୧୦.୭୪ କୋଟି ପରିବାରର ୫୦କୋଟି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ।
- ଯୋଜନା ଅଧୀନରେ ୧୭ କୋଟି ଇ-କାର୍ଡ ଜାରି କରାଯାଇଛି । ଯୋଜନା ଅଧୀନରେ ୧. ୭୯କୋଟି ଚିକିତ୍ସିତ ହୋଇଛନ୍ତି ।
- ଶତକଡା ୯୦ଭାଗ ରିହାତିରେ ଦେଶର ୭୭୭୭ଟି ଜନ ଔଷଧି କେନ୍ଦ୍ରରୁ ଔଷଧ । ଏଠାରେ ସାନିଟାରୀ ନ୍ୟାପକିନ୍ ମାତ୍ର ଗୋଟିଏ ଟଙ୍କାରେ ଦିଆଯାଇଛି ।
- ବେୟାର ମେଟଲଷ୍ଟେନଡ ୭,୨୬୦ ଟଙ୍କାରେ ଉପଲବ୍ଧ । ଏହାର ମୂଲ୍ୟ ଶତକଡା ୮୫ଭାଗ ହ୍ରାସ ପାଇଛି । ଜମ୍ମୁ ଓ କାଶ୍ମୀରରେ ପ୍ରତ୍ୟେକ ବ୍ୟକ୍ତି 'ସେହତ' ନାମରେ ଆୟୁଷ୍ମାନ ଭାରତ ଯୋଜନାରେ ସୁବିଧା ପାଇବେ ।
- ପୁଷ୍ଟିହୀନତା ସମସ୍ୟା ସମାଧାନ ନିମନ୍ତେ ୨୨ଟି ରାଜ୍ୟରେ ୫୦ଟି ପ୍ରକଳ୍ପ ଆରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ମାତୃତ୍ୱ ବନ୍ଦନା ଯୋଜନା ଅଧୀନରେ ଗର୍ଭବତୀ ମହିଳ ମାସିକ ଛଅହଜାର ଟଙ୍କା ପାଇବେ। ପ୍ରତିବର୍ଷ ୫୧ଲକ୍ଷ ମହିଳା ଏହି ସୁବିଧା ପାଉଛନ୍ତି ।

## ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତ କରିବାର ଚାରିଟି ପ୍ରମୁଖ କ୍ଷେତ୍ର




01 ରୋଗ ପ୍ରତିରୋଧ କରିବା ପାଇଁ ପରିମଳ ବ୍ୟବସ୍ଥା

02 ଗରିବଙ୍କ ନିମନ୍ତେ ଶସ୍ତା ଓ ପ୍ରଭାବୀ ଉପଚାର

03 ଭିତ୍ତିଭୂମି ଓ ବୃତ୍ତିଗତ କର୍ମଚାରୀଙ୍କ ଗୁଣାତ୍ମକ ମାନ

04 ସମସ୍ୟା ଘେରରୁ ମୁକୁଳିବା ପାଇଁ ସେବା ମନୋଭାବ

**15** ଦେଶବ୍ୟାପୀ ମେଡିକାଲ ଶିକ୍ଷା ପ୍ରଦାନ ପାଇଁ ୧୫ଟି ଏମ୍ସ ଖୋଲାଯାଇଛି । ଜମ୍ମୁ ଓ କାଶ୍ମୀରରେ ସମ୍ବିଧାନର ୩୭୦ଧାରା ଉଚ୍ଛେଦ ପରେ ୨ଟି ଏମ୍ସ ଓ ନଅଟି ନୂତନ ମେଡିକାଲ କଲେଜ ସ୍ଥାପନ କରାଯାଇଛି ।

- ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମାରୋଗ ନିରାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି ।

- କରୋନା କାଳରେ ଦେଶରେ ୫୦ହଜାର ସ୍ୱାସ୍ଥ୍ୟ ଓ ସୁଧାର କେନ୍ଦ୍ର ସ୍ଥାପନ କରାଯାଇଛି । ୧.୨କୋଟି ଲୋକ ଟେଲିମେଡିସିନ ସୁବିଧା ପାଇଛନ୍ତି ।
- ୨୦୧୪ ମସିହାରେ ଦେଶରେ ୫୨ହଜାର ସ୍ନାତକ ଓ ୩୦ହଜାର ସ୍ନାତକୋତ୍ତର ମେଡିକାଲ ସିଟ୍ ଥିବା ବେଳେ ବର୍ତ୍ତମାନ ୮୫ହଜାର ସ୍ନାତକ ଓ ୪୬ହଜାର ସ୍ନାତକୋତ୍ତର ମେଡିକାଲ ସିଟ୍ ରହିଛି ।
- ୧୯୪୭ରୁ ୨୦୧୪ ମଧ୍ୟରେ ୩୮୧ଟି ମେଡିକାଲ କଲେଜ ଖୋଲା ଯାଇଥିଲା । ୨୦୧୪-୨୦୨୦ ଛଅବର୍ଷ ମଧ୍ୟରେ ୧୮୪ଟି ନୂତନ ମେଡିକାଲ କଲେଜ ଖୋଲାଯାଇଛି ।

କେତେକ ଅମୂଳଚୂଳ ସଂସ୍କାର ଯୋଗୁଁ ଭାରତ ସଫଳତାର ସହ ଏହାର ସ୍ୱାସ୍ଥ୍ୟକର୍ମୀ, ବୈଜ୍ଞାନିକ, ଡାକ୍ତର, ପାରା ମେଡିକାଲ ଷ୍ଟାଫ, ଆଶା ଓ ଅଙ୍ଗନବାଡି କର୍ମୀ ଓ ଅନ୍ୟାନ୍ୟଙ୍କ ଟିକାକରଣ ଶୀଘ୍ର କରିପାରିଲା । ଆଗରୁ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଏହାର ନାଯ୍ୟ ଗୁରୁତ୍ୱ କେବେ ବି ଦିଆଯାଇ ନ ଥିଲା । ପ୍ରଥମଥର ପାଇଁ କେନ୍ଦ୍ର ସରକାର ଏପ୍ରକାର ପଦକ୍ଷେପ ନେଲେ । ସମସ୍ତେ ଯେପରି ସ୍ୱାସ୍ଥ୍ୟସେବା ସୁବିଧା ପାଇବେ ସେଥିପାଇଁ ସାଧାରଣ ବଜେଟ୍‌ରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ୨୦୧୪ ମସିହା ପରଠାରୁ ଦେଶରେ ଛଅଟି ଏମ୍ସ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବାବେଳେ, ୧୬ଟି ଏମ୍ସ ନିର୍ମାଣଧୀନ ଅବସ୍ଥାରେ ରହିଛି । ସେହିପରି ସ୍ୱାସ୍ଥ୍ୟ ଓ ଶିକ୍ଷାରେ ଅଧିକରୁ ଅଧିକ ପିଲାଙ୍କ ପ୍ରବେଶକୁ ଦୃଷ୍ଟିରେ ରଖି ଡାକ୍ତରୀ ସ୍ନାତକ ସ୍ଥାନ ସଂଖ୍ୟା ଶତକଡା ୫୩ଭାଗ ବୃଦ୍ଧି କରାଯାଉଥିବାବେଳେ, ସ୍ନାତକୋତ୍ତର ସ୍ଥାନ ସଂଖ୍ୟା ଶତକଡା ୮୦ଭାଗକୁ ବୃଦ୍ଧି କରାଯାଇଛି । ଆୟୁଷ ବିଭାଗ ପକ୍ଷରୁ ରୋଗ ପ୍ରତିଷେଧକ ବୃଦ୍ଧି ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯାଇଛି। ସେ ଦୃଷ୍ଟିରୁ ଦେଶର ଅନେକ ଦୁର୍ଗମ ଅଞ୍ଚଳରେ ମଧ୍ୟ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହୋଇପାରିଛି । ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତ କରିବା ନେଇ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ କୋଭିଡ ଟିକାକରଣ ଦୃତଗତିରେ ହୋଇପାରିଛି । ବର୍ତ୍ତମାନର ସ୍ୱାସ୍ଥ୍ୟସେବା ପଦ୍ଧତିକୁ ସକ୍ରିୟ କରାଯାଉଛି ଯାହାଫଳରେ ଏହା ଭବିଷ୍ୟତରେ ଯେକୌଣସି ମହମାରୀର ମୁକାବିଲା କରିପାରିବ ।

ନିଃସନ୍ଦେହରେ ଏହା କୁହାଯାଇପାରିବ କି ଅଗଷ୍ଟ ଓ ସେପ୍ଟେମ୍ବର ଦୁଇମାସ କୋଭିଡ ଟିକାକରଣ ଦୃଷ୍ଟିରୁ ଶ୍ରେଷ୍ଠ ମାସ, ଏଥିରେ ଦ୍ୱିମତ ନାହିଁ । ଯେଉଁ ଗତିରେ ଟିକାକରଣ ଚାଲିଛି ଜଣାପଡୁଛି କି ଭାରତର ସମସ୍ତ ଟିକା ନେବାକୁ ଯୋଗ୍ୟ ବ୍ୟକ୍ତିଙ୍କୁ ଚଳିତବର୍ଷ ସୁଦ୍ଧା ଟିକାକରଣ କରାଯିବ ଓ ସେ ଦିଗରେ ଉଦ୍ୟମ ଅବ୍ୟାହତ ରହିଛି। ■

# “ଭାରତ ଟିକାକରଣ କ୍ଷେତ୍ରରେ ଏକ ରେକର୍ଡ ସୃଷ୍ଟି କରିବାକୁ ଯାଉଛି, ଏହା ଟିକା ଉତ୍ପାଦନରେ ବିଶ୍ୱର ପେଣ୍ଠସ୍ଥଳୀରେ ପରିଣତ ହେବାକୁ ଯାଉଛି”



ସେପ୍ଟେମ୍ବର ୧୭ ତାରିଖ ଦିନ ଯେତେବେଳେ ମାତ୍ର ଗୋଟିଏ ଦିନରେ ୨୫ ନିୟୁତରୁ ଅଧିକ ଡୋଜ୍ ଟିକା ପ୍ରସ୍ତୁତ କଲା ଏହା ଭାରତକୁ ଏକ ନୂତନ କୀର୍ତ୍ତିମାନ ହାସଲ କରିବାରେ ସହାୟକ ହୋଇପାରିଛି । କରୋନା ମହାମାରୀର ଦ୍ୱିତୀୟ ଲହର ମଧ୍ୟରେ, ଯେତେବେଳେ ୧୮ ବର୍ଷରୁ ଅଧିକ ଆୟୁବର୍ଗର ଲୋକମାନଙ୍କ ନିମନ୍ତେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ସେତେବେଳେ ଅଧିକାଂଶ ସ୍ଥାନରେ ଲୋକମାନେ ଟିକା ଅଭାବ ଥିବା ଅଭିଯୋଗ କରିଥିଲେ । ସରକାର ନିର୍ଦ୍ଦିଷ୍ଟ ସମୟରେ ଏହି ଅଭାବକୁ କେବଳ ଦୂର କରିନଥିଲେ ବରଂ ଅଗଷ୍ଟ ଓ ସେପ୍ଟେମ୍ବର ୧ ତାରିଖ ମଧ୍ୟରେ ଛଅଥର ଗୋଟିଏ ଲେଖାଏଁ ଦିନରେ ଏକ କୋଟିରୁ ଅଧିକ ଡୋଜ୍ ଟିକା ହିତାଧିକାରୀମାନଙ୍କୁ ଦିଆଯାଇ ଏକ ନୂତନ ରେକର୍ଡ଼ ସୃଷ୍ଟି କରାଯାଇଛି ।  ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସକ୍ରିୟ ଓ ସଫଳ ନେତୃତ୍ୱର ଫଳସ୍ୱରୁପ ବିଶ୍ୱର ସର୍ବବୃହତ୍ ନିଃଶୁଳ୍କ ଟିକାକରଣ ଅଭିଯାନ ବିତୁଥିବା ପ୍ରତ୍ୟେକଟି ଦିନରେ ଗୋଟିଏ ଗୋଟିଏ ନୂଆ କୀର୍ତ୍ତିମାନ ସ୍ଥାପନ କରିଚାଲିଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏହି ପରିପ୍ରେକ୍ଷୀରେ ଦୃଢ଼ତାର ସହ କହିଛନ୍ତି, “ଦେଶର ୯୩ କୋଟି ସାଁବାଳକ ନାଗରିକଙ୍କ ସଂପୂର୍ଣ୍ଣ ଟିକାକରଣ କରିବା ଲକ୍ଷ୍ୟ ହାସଲ କରିବା ଦିଗରେ ଆମେ ଖୁବ୍ ଶୀଘ୍ର ସଫଳତା ହାସଲ କରିବାକୁ ଯାଉଛୁ । ସେହିଭଳି ‘ଟିକାକରଣ ମୈତ୍ରୀ’ ମାଧ୍ୟମରେ ଏବେ ଭାରତ ବିଶ୍ୱର ସର୍ବବୃହତ୍ ଟିକା ଉତ୍ପାଦନ ପେଣ୍ଠସ୍ଥଳୀରେ ପରିଣତ ହେବାକୁ ଯାଉଛି । ‘ନିଉ ଇଣ୍ଡିଆ ସମାଚାର’ର ପରାମର୍ଶଦାତା ସଂପାଦକ ସନ୍ତୋଷ କୁମାର ଏବଂ ସହକାରୀ ପରାମର୍ଶଦାତା ସଂପାଦକ ବିଭୋର ଶର୍ମାଙ୍କ ସହିତ ଏକ ବିଶେଷ ଆଲୋଚନା ବେଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭିୟ ଭାରତର ଟିକାକରଣ ଅଭିଯାନ ସଂପର୍କୀତ ସମସ୍ତ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି । ଏହି କଥାବାର୍ତ୍ତାର ସଂପାଦିତ ଉଦ୍ଧୃତିକୁ ନିମ୍ନରେ ପ୍ରଦାନ କରାଗଲା ।

**Q କରୋନା ମହାମାରୀ ବିରୁଦ୍ଧରେ ଭାରତରେ ଚାଲିଥିବା ବିଶ୍ୱର ସର୍ବବୃହତ୍ ସାବାଳକ ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମ ଯାତ୍ରା ଆପଣଙ୍କ ଦୃଷ୍ଟିରେ ଏପର୍ଯ୍ୟନ୍ତ କିପରି ରହିଛି?**

**A** ଗୋଟିଏ ଦିନରେ ୨.୫ କୋଟି ଲୋକଙ୍କୁ ଟିକାକରଣ। ଆପଣ ସାରା ବିଶ୍ୱରେ ଏଭଳି ସଫଳତା ପୂର୍ବରୁ କେଉଁଠି ହାସଲ କରାଯାଇଛି ବୋଲି କେବେ ଶୁଣିଛନ୍ତି କି? ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ, ଭାରତ ଏହି ରେକର୍ଡ଼ ହାସଲ କରିଛି  ଏବଂ କୋଭିଡ଼ ମହାମାରୀ ବିରୁଦ୍ଧରେ ଦେଶର ନାଗରିକମାନଙ୍କୁ ରକ୍ଷା କବଚ ପ୍ରଦାନ ଚାଲୁ ରଖିଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ କେଉଁଠାରେ ଏବେ ଟିକାକରଣ କାର୍ଯ୍ୟକ୍ରମ ଧିମେଇଯାଇଛି । ସେପ୍ଟେମ୍ବର ୧୬ ତାରିଖ ଦିନ, ଆମେ ପ୍ରାୟ ୬୬ ଲକ୍ଷ ନାଗରିକଙ୍କୁ ଟିକା ପ୍ରଦାନ କରିଥିଲୁ । ସେପ୍ଟେମ୍ବର ୧୮ ତାରିଖ ଦିନ ୮୮ ଲକ୍ଷରୁ ଅଧିକ ଲୋକଙ୍କୁ ଏହି ପ୍ରତିଷେଧକ ଡୋଜ୍ ପ୍ରଦାନ କରାଯାଇଥିଲା । ଅଗଷ୍ଟ-ସେପ୍ଟେମ୍ବର ମାସ ଅବଧିରେ ଆମେ ୧ କୋଟିରୁ ଅଧିକ ଲୋକଙ୍କୁ କୋଭିଡ଼ ପ୍ରତିଷେଧକ ଟିକା ଦେଇଛୁ । ତେଣୁ ଆମର ଦୈନିକ ହାରାହାରି ଟିକାଦାନ ପ୍ରାୟତଃ ନିରବଚ୍ଛିନ୍ନ ଭାବେ ସମାନ ରହିଛି। ଆଜି ସୁଦ୍ଧା, ଆମେ ଯେଉଁ ରାଜ୍ୟ ଯାହା ଟିକା ଆବଶ୍ୟକ କରୁଛନ୍ତି ତାହା ସେମାନଙ୍କୁ ଯୋଗାଇ ଦିଆଯାଉଛି।

> “ପ୍ରତିଷେଧକ ଟିକାକରଣ ହେଉଛି କୋଭିଡ଼ ବିରୁଦ୍ଧରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କବଚ । କୌଣସି କାରଣରୁ ହେଉନା କାହିଁକି ଯେଉଁମାନେ ଏପର୍ଯ୍ୟନ୍ତ ଏହି ଟିକା ଗ୍ରହଣ କରିନାହାନ୍ତି, ମୁଁ ସେମାନଙ୍କୁ କହିବାକୁ ଚାହେଁ ଯେ ନିଜର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସହିତ ଆପଣମାନଙ୍କ ଚତୁଃପାଶ୍ୱର୍ରେ ଥିବା ଅନ୍ୟ ଲୋକମାନଙ୍କ ନିରାପତ୍ତା କଥା ମଧ୍ୟ ଚିନ୍ତା କରିବା ଉଚିତ । ତେଣୁ, ଆପଣମାନେ ଯଥାଶୀଘ୍ର ପ୍ରତିଷେଧକ ଟିକା ନିଅନ୍ତୁ ଏବଂ କୋଭିଡ଼ ବିରୁଦ୍ଧରେ ଭାରତ ଚଳାଇଥିବା ଏହି ଟିକାକରଣ ଅଭିଯାନରେ ନିର୍ଦ୍ଦିଷ୍ଟ ଭାବେ ଅଂଶଗ୍ରହଣ କରନ୍ତୁ ।
>
> -ମନସୁଖ ମାଣ୍ଡଭିୟ,
> କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ

**Q ନାଗରିକମାନଙ୍କୁ ଯଥାଶୀଘ୍ର ଟିକାକରଣ କରିବା ମାପକାଠିରେ ଆଜି ସମଗ୍ର ବିଶ୍ୱରେ ନେତୃତ୍ୱର ସାମର୍ଥ୍ୟକୁ ବିବେଚନା କରାଯାଉଛି। ଆମ ଦେଶରେ ଏହି ଟିକାକରଣ ଅଭିଯାନ କେବେ ଶେଷ ହେବ ବୋଲି ଆପଣ ଚିନ୍ତା କରୁଛନ୍ତି? ଏଥିପାଇଁ ଆପଣ କୌଣସି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି କି?**

**A** ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଆମେ ଦେଶର ପ୍ରାୟ ୮୯ କୋଟି ଲୋକଙ୍କୁ ଅନ୍ତତଃ ପକ୍ଷେ ଗୋଟିଏ ଡୋଜ ଟିକା ଦେବାକୁ ସକ୍ଷମ ହୋଇପାରିଛୁ। ଦେଶର ପ୍ରାୟ ୭୦ ପ୍ରତିଶତ ନାଗରିକଙ୍କୁ ପ୍ରଥମ ଡୋଜ୍ ଟିକା ଦିଆ ସଂପୂର୍ଣ୍ଣ ହୋଇଛି । ୨୫ ପ୍ରତିଶତରୁ ଅଧିକ ଲୋକ ଉଭୟ ଡୋଜ୍ ଟିକା ନେଇସାରିଛନ୍ତି । ସାରା ବିଶ୍ୱର ସବୁ ରାଷ୍ଟ୍ରଙ୍କ ଟିକାକରଣ କାର୍ଯ୍ୟକ୍ରମର ପରିସଂଖ୍ୟାନ ଟେବୁଲ ଉପରେ ଆପଣ ନଜର ପକାନ୍ତୁ । ଏପରିକି ଅନେକ ବିକଶିତ ରାଷ୍ଟ୍ରମାନଙ୍କରେ ମଧ୍ୟ ୮୦ ପ୍ରତିଶତରୁ ଅଧିକ ନାଗରିକ ପ୍ରଥମ ଡୋଜ୍ ଟିକା ସୁଦ୍ଧା ନେଇନାହାନ୍ତି । ଆମେରିକାରେ, କେବଳ ୫୭ ପ୍ରତିଶତ ନାଗରିକ ପ୍ରଥମ ଡୋଜ୍ ଟିକା ନେବାକୁ ସକ୍ଷମ ହୋଇପାରିଛନ୍ତି। ଏପରିକି ଇସ୍ରାଏଲ, ଯାହାର ଲୋକସଂଖ୍ୟା ମାତ୍ର ୮ ନିୟୁତ, ସେଠାରେ ମଧ୍ୟ ମାତ୍ର ୮୨ ପ୍ରତିଶତ ନାଗରିକଙ୍କୁ ଟିକାକରଣ କରାଯାଇପାରିଛି। ଆମେ ଭାରତର ୯୩ କୋଟି ସାବାଳକ ନାଗରିକଙ୍କୁ ଟିକା ଦେବା ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ଦ୍ରୁତ ଗତିରେ ଅଗ୍ରସର ହେବାରେ ଲାଗିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତରେ ଏବେ ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନ ଚାଲିଛି । ଆମର ଲକ୍ଷ୍ୟ ହେଲା ନାଗରିକମାନଙ୍କୁ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ଟିକାକରଣ କରିବା। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ତାରିଖ ଧାର୍ଯ୍ୟ କରାଯାଇ ପାରିବନାହିଁ କାରଣ ଏହା ମଧ୍ୟ ନାଗରିକଙ୍କ ଉପରେ ନିର୍ଭର କରେ । କିନ୍ତୁ, ଯେଉଁଭଳି ଭାବେ ଆମ ଆମର ଉଦ୍ୟମ ଜାରି ରଖିଛୁ, ସେଥିରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ସହିତ ଜନ ସଚେତନତା ସର୍ବାଧିକ ମାତ୍ରାରେ କରାଯାଉଛି । ଏହି ଦୃଷ୍ଟିରୁ ଦେଖିବାକୁ ଗଲେ, ଆମେ ଭାବୁଛୁ ଯେ ଜନସାଧାରଣ ଖୁବ୍ ଶୀଘ୍ର ଟିକା ନେଇପାରିବେ ।

**Q ପ୍ରତିଷେଧକ ଟିକା ପ୍ରସ୍ତୁତ କରିବା ନିମନ୍ତେ ଦୀର୍ଘ ସମୟ ଲାଗିଥାଏ । ଏତେ ଶୀଘ୍ର ଭାରତ ନିଜର ସ୍ୱକୀୟ ଟିକାର ବିକାଶ ଘଟାଇବାରେ ଅନେକ ଉନ୍ନତ ରାଷ୍ଟ୍ର ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ଆପଣଙ୍କ ମତରେ ଟିକା ଉଦ୍ଭାବନ ଓ ଉତ୍ପାଦନର ଏହି ଯାତ୍ରା କିଭଳି ଭାବେ ସମ୍ଭବପର ହୋଇଥିଲା ?**

**A** ଆପଣମାନେ ଗୋଟିଏ କଥା ବୁଝିବା ଦରକାର ଯେ କୋଭିଡ୍ ୧୯ ବିରୋଧୀ ଟିକାର ବିକାଶ ଏବଂ ଏହାର ଉତ୍ପାଦନର ସମଗ୍ର ପ୍ରକ୍ରିୟା ଭାରତରେ ହିଁ ବିକଶିତ କରାଯାଇଛି । ସାଧାରଣତଃ, ଯେତେବେଳେ କୌଣସି ଗୋଟିଏ ପ୍ରତିଷେଧକ ଟିକାର ବିକାଶ ଘଟାଯାଇଥାଏ ସେଥିପାଇଁ ପ୍ରାୟ ୧୦ ବର୍ଷ ସମୟ ଲାଗିଥାଏ କାରଣ ସେଥିରେ ପରୀକ୍ଷା ଠାରୁ ନେଇ ଫଳାଫଳର ବିଶ୍ଳେଷଣ ପ୍ରକ୍ରିୟା ସାମିଲ ଥାଏ । ଏବଂ ତା'ପରେ ଏହାର ଉତ୍ପାଦନ କରାଯାଇ ସାଧାରଣ ଲୋକଙ୍କୁ ପ୍ରତିଷେଧକ ଭାବେ ଦିଆଯାଇଥାଏ । କିନ୍ତୁ ଦେଶରେ ପ୍ରଥମ ପର୍ଯ୍ୟାୟ ଲକଡାଉନ୍ ଘୋଷଣା ହେବାର ମାତ୍ର ଅଳ୍ପ କିଛି ଦିନ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଦୂରପ୍ରସାରୀ ଓ ଦୀର୍ଘକାଳୀନ ଚିନ୍ତାଧାରା ଯୋଗୁ ଏହି ଦିଗରେ କାର୍ଯ୍ୟ ପ୍ରଗତି ଏବଂ ସଫଳତା ହାସଲ କରିବା ସମ୍ଭବପର ହୋଇପାରିଥିଲା। ଗରିବ କଲ୍ୟାଣ ଯୋଜନା ଘୋଷଣା ସହିତ ଦେଶରେ ପ୍ରତିଷେଧକ ଟିକା ଗବେଷଣା ଏବଂ ଉତ୍ପାଦନ ନିମନ୍ତେ ୯୦୦ କୋଟି ଟଙ୍କା ମଂଜୁର କରାଯାଇଥିଲା। ବାୟୋଟେକ୍ନୋଲୋଜି ବିଭାଗ ଏ ଦିଗରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିଦେଇଥିଲା । ସେହିଭଳି ଫାର୍ମାସିଉଟିକାଲ କମ୍ପାନୀମାନଙ୍କ ଗବେଷଣା ଓ ପ୍ରତିଷେଧକ ବିକାଶ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ଏହି ଗବେଷଣାରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମଆର) ମଧ୍ୟ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲା । ଫଳ ସ୍ୱରୂପ, ଆମେ ଯଥାଶୀଘ୍ର କୋଭାକ୍ସିନ୍ ପ୍ରତିଷେଧକ ଟିକାର ବିକାଶ ଘଟାଇ ପାରିଥିଲୁ । ଆସ୍ତ୍ରା ଜେନେକା କମ୍ପାନୀ ସେରମ୍ ଇନଷ୍ଟିଚ୍ୟୁଟ୍ ସହିତ ଏକ ବୁଝାମଣା କରିଥିଲା। ସେମାନେ ସେରମ୍ ଇନଷ୍ଟିଚ୍ୟୁଟକୁ କଞ୍ଚାମାଲ ସହିତ ଆବଶ୍ୟକ ପ୍ରଯୁକ୍ତି ଯୋଗାଇ ଦେଇଥିଲେ। ପରିଣାମ ସ୍ୱରୂପ କୋଭିସିଲ୍ଡର ବିକାଶ ଘଟିଥିଲା। ପ୍ରଧାନମନ୍ତ୍ରୀ ନିଜେ ସବୁ କାର୍ଯ୍ୟର ସମୀକ୍ଷା କରିଥିଲେ । ସେ ନିଜେ ଦେଶର ସମସ୍ତ ପ୍ରତିଷେଧକ ଟିକା ପ୍ରସ୍ତୁତକାରୀ କମ୍ପାନୀଙ୍କ ପ୍ଲାଣ୍ଟକୁ ଗସ୍ତ କରିଥିଲେ ଏବଂ ବୈଜ୍ଞାନିକମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

**Q କରୋନାର ଦ୍ୱିତୀୟ ଲହର ମଝିରେ ଯେତେବେଳେ ମେ ୧ ତାରିଖ ଦିନ ଦେଶରେ ୧୮ ବର୍ଷରୁ ଅଧିକ ଆୟୁ ବର୍ଗର ପ୍ରତ୍ୟେକ ନାଗରିକଙ୍କୁ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା, ସେତେବେଳେ ଅନେକ ଲୋକ ଟିକା ନାହିଁ ବୋଲି ଅଭିଯୋଗ ବାଢ଼ିଥିଲେ । ଏବେ ଗୋଟିଏ ଦିନରେ କୋଟିଏ ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଏହି ଟିକା ଦିଆଯାଉଛି । ଏଭଳି ଚାଲେଞ୍ଜକୁ ଆପଣ କିପରି ଅତିକ୍ରମ କରିପାରିଥିଲେ?**

**A** ଏପ୍ରିଲ ୧୦ ତାରିଖ ଦିନ, ମୁଁ ନୂଆଦିଲ୍ଲୀର ରାମ ମନୋହର ଲୋହିଆ ହସପିଟାଲକୁ ଟିକା ନେବାକୁ ଯାଇଥିଲି ଏବଂ ସେଠାରେ ଦେଖିଲି ଯେ ଟିକା ନେବାକୁ କେହି ଜଣେ ହେଲେ ଲୋକ ନାହାନ୍ତି। ସେଠାରେ ଏହି ଟିକା ଅବ୍ୟବହୃତ ଭାବେ ରଖାଯାଇଛି। ଏଠାରେ ସବୁ କଥାରେ ରାଜନୀତି ସଂଶ୍ଳିଷ୍ଟ । ପ୍ରଶ୍ନ ଉଠିଥିଲା ଯେ ପ୍ରଧାନମନ୍ତ୍ରୀ ନିଜେ କାହିଁକି ଟିକା ନେଉନାହାନ୍ତି, ଯଦି ସେ ଟିକା ନେଇଛନ୍ତି, ତା'ହେଲେ ନେଲେ କାହିଁକି? ସେତେବେଳେ ଦେଶରେ ଏଇଆ ହିଁ ଘଟୁଥିଲା। ଏଭଳି ସ୍ଥିତିରେ, ହଠାତ୍ ଦେଶରେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଗଲା । ଦ୍ୱିତୀୟ ଲହର ଆସିବା ମାତ୍ରେ, ଲୋକମାନେ ଟିକାକରଣର ଗୁରୁତ୍ୱ କଥା ଉପଲବ୍ଧି କଲେ। ସେମାନେ ଟିକାକରଣ କେନ୍ଦ୍ର ଆଗରେ ଭିଡ଼ ଜମାଇଲେ। ସେତେବେଳେ ଟିକାଦାନ ଗୋଟିଏ ବଡ଼ ପ୍ରସଙ୍ଗ ଥିଲା । ଆମେ ସେତେବେଳକୁ ପ୍ରତିଷେଧକ ଟିକା ଉତ୍ପାଦନ ଆରମ୍ଭ କରିସାରିଥିଲୁ। ସେତେବେଳେ ଏହାର ଉତ୍ପାଦନ ପରିମାଣ ବୃଦ୍ଧି ଆବଶ୍ୟକ ଥିଲା । ଏଭଳି ଅବସ୍ଥାରେ, ମୁଁ ନିଜେ ବିଭିନ୍ନ କମ୍ପାନୀମାନଙ୍କୁ ଚାରି ଦିନ ଧରି ଗସ୍ତ କରିଥିଲି ଓ ସେମାନେ ଆବଶ୍ୟକ କରୁଥିବା ସକଳ ପ୍ରକାର ସହାୟତାର ଏକ ତାଲିକା ସଂଗ୍ରହ କରିଥିଲି ।

ଏହା ପରେ ସେମାନଙ୍କର ଯାହା କିଛି ଆବଶ୍ୟକ ଥିଲା ତାହା ଆମେ

### Q&A

**ଟିକାକରଣ ଅଭିଯାନକୁ ସଫଳ କରାଇବାକୁ ହେଲେ ଭିତ୍ତିଭୂମି ସହାୟତା ଯୋଗାଣ ଏକାନ୍ତ ଜରୁରି । ଅର୍ଥାତ୍, ଟିକା ପ୍ରସ୍ତୁତ ପ୍ରକ୍ରିୟା ଠାରୁ ଆରମ୍ଭ କରି ସେହି ଟିକା ବିଜ୍ଞାନାଗାରରୁ ଉତ୍ପାଦିତ ହେବା ଏବଂ ପରିଶେଷରେ ଲୋକମାନଙ୍କ ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ଏହା ଏକ ଦୀର୍ଘ ପ୍ରକ୍ରିୟା । ଏକଥା ଅଧିକତର ଭାବେ କୁହାଯାଇଆସୁଛି ଯେ ଟିକାର ବିକାଶ ଘଟିବା ପୂର୍ବରୁ ଭାରତ ଏ ସଂପର୍କୀତ ତା'ର ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ କରିଥିଲା ।**

ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏଥି ସକାଶେ ଅତି ମାତ୍ରାର ଉତ୍ସାହର ବିଶେଷ ଆବଶ୍ୟକତା ରହିଛି । ପ୍ରତ୍ୟେକ କଥାରେ ଭିତ୍ତିଭୂମି ନିହିତ । ରାଜ୍ୟମାନଙ୍କ ନିକଟରେ ନିର୍ଦ୍ଦିଷ୍ଟ ସମୟରେ ଟିକା ପହଞ୍ଚାଯିବା ଠାରୁ ନେଇ କୋଲ୍ଡ ଚେନ୍ ରକ୍ଷଣାବେକ୍ଷଣ ଏବଂ ଏହାକୁ ଉପଯୁକ୍ତ ଭାବେ ନିୟନ୍ତ୍ରଣ କରିବା କାର୍ଯ୍ୟକୁ ଟିକିନିଖି ଭାବେ ଅଧ୍ୟୟନ କରାଯାଇଥିଲା । ଏପରିକି ବାସ୍ତବ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ସେହି କାର୍ଯ୍ୟ ଆଗୁଆ ଭାବେ ସଂପାଦନ କରାଯାଇଥିଲା । ପୁଣି କେଉଁ ଆୟୁ ବର୍ଗର ଲୋକ କେଉଁ ସମୟରେ ପ୍ରତିଷେଧକ ଟିକା ନେବେ, ସେସବୁ କାର୍ଯ୍ୟର ନିର୍ଦ୍ଦିଷ୍ଟ ସୂଚୀ ଆଗୁଆ ଭାବେ ପ୍ରସ୍ତୁତ କରାଯାଇଥିଲା । ଏହି କାରଣରୁ ହିଁ ଆଜି ସୁଦ୍ଧା ଆପଣମାନେ ଗୋଟିଏ କଥା ଆଦୌ ଶୁଣିନଥିବେ, ଏବଂ ତାହା ହେଲା କୋଲ୍ଡ ଚେନ୍ ମ୍ୟାନେଜମେଣ୍ଟର ଅଭାବ । ପ୍ରଥମେ ବିମାନ ବନ୍ଦରରୁ ବିତରଣ, ତା'ପରେ ଦେଶର ଏକ ଲକ୍ଷ ୧୦ ହଜାର ଟିକାକରଣ କେନ୍ଦ୍ରକୁ ସେସବୁର ଯୋଗାଣ ନିମନ୍ତେ ସବୁ ପ୍ରକାର ଆହ୍ୱାନକୁ ସାମ୍ନା କରିବା ସକାଶେ ଆମେ ଆଗୁଆ ପ୍ରସ୍ତୁତ ହୋଇ ରହିଥିଲୁ । ସେଇଥିପାଇଁ ସମସ୍ତ କାର୍ଯ୍ୟ ଏତେ ସୁରୁଖୁରୁ ଭାବେ ସଂପାଦନ କରାଯାଇପାରିଥିଲା ।

Q&A




**ପ୍ରଯୁକ୍ତି ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚିନ୍ତାଧାରା ଓ ଦୂରଦୃଷ୍ଟି ବେଶ୍ ସ୍ପଷ୍ଟ। ପ୍ରତ୍ୟେକ ଯୋଜନାରେ ସେ ପ୍ରଯୁକ୍ତିକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଆସିଛନ୍ତି । ଏହି ସମଗ୍ର ପ୍ରକ୍ରିୟାଟି କିଭଳି ଭାବେ ପରିଚାଳିତ ହୋଇଥିଲା ବୋଲି ଆପଣ ଭାବନ୍ତି? ବିଶେଷ କରି ଯେତେବେଳେ କି କୋୱିନ୍ ପ୍ଲାଟଫର୍ମକୁ ବିଶ୍ୱବ୍ୟାପୀ ପ୍ରଭୂତ ପ୍ରଶଂସା କରାଯାଉଛି?**

ପ୍ରଯୁକ୍ତିର ସହଯୋଗ ସର୍ବବ୍ୟାପୀ । କୋୱିନ କ୍ଷେତ୍ରରେ ଆମେ ଏଥିରୁ ଯେଉଁ ସହଯୋଗ ପାଇଲୁ ତାହା ବାସ୍ତବିକ୍ ପ୍ରଶଂସନୀୟ । ଆପଣ ମୋତେ କୁହନ୍ତୁ, ୨.୫ କୋଟି ଟିକା ଗୋଟିଏ ଦିନରେ ଦିଆଯାଇଥିଲା । ଯଦି ଆମ ପାଖରେ କୋୱିନ୍ ଭଳି ସାଧନ ଉପଲବ୍ଧ ନଥାନ୍ତା, ତା'ହେଲେ ଆମେ ତା'ର ହିସାବ କିପରି ରଖି ପାରିଥାନ୍ତୁ? ଆମମାନଙ୍କୁ ଟିକାକରଣର ସାର୍ଟିଫିକେଟ ଦରକାର, ତାହା ଆପଣ ପାଇପାରିଥାନ୍ତେ କେମିତି? ଆପଣଙ୍କୁ କିଏ ବିମାନ ବନ୍ଦରରେ ଏହି ସାର୍ଟିଫିକେଟ ମାଗିଲାଣି ତ ଆପଣ ତାହା ଚଟାପଟ୍ ତାଙ୍କୁ ଦେଖାଇ ପାରୁଛନ୍ତି। ଏପରିକି ଆପଣଙ୍କ ମୋବାଇଲ୍ ଆପ୍‌ରେ ଉପଲବ୍ଧ ରହିଛି । ଯଦି ଆପଣ ଗୋଟିଏ ଡୋଜ୍ ଟିକା ନେଇଛନ୍ତି, ତେବେ ଦ୍ୱିତୀୟ ଡୋଜ୍ ନେବା ଲାଗି ଆପଣଙ୍କ ନିକଟକୁ ସୂଚନା ଆସୁଛି। ଏହା ଏକ ସୁନ୍ଦର ପ୍ରଯୁକ୍ତି ବ୍ୟବସ୍ଥା । ବିଶ୍ୱର ଭବିଷ୍ୟତ ପ୍ରଯୁକ୍ତି ଉପରେ ନିର୍ଭରଶୀଳ । ସେଇଥିପାଇଁ ପ୍ରଧାନମନ୍ତ୍ରୀ ନିଜେ ଏହା ଉପରେ ସଦାବେଳେ ଗୁରୁତ୍ୱ ଆରୋପ କରିଆସୁଛନ୍ତି ।

ସେମାନଙ୍କୁ ଯୋଗାଇ ଦେଇଥିଲୁ । ଭାରତ ବାୟୋଟେକର ଯେହେତୁ ଦୈନିକ ୧ କୋଟି ଡୋଜ୍ ଉତ୍ପାଦନର କ୍ଷମତା ଥିଲା, ଆମେ ତାଙ୍କୁ ଅନ୍ୟ ଉତ୍ପାଦନକାରୀମାନଙ୍କ ସହିତ ସଂଶ୍ଲିଷ୍ଟ କରିଥିଲୁ । ଏହା ଫଳରେ ଟିକା ଉତ୍ପାଦନ ମାତ୍ରା ଯଥେଷ୍ଟେ ପରିମାଣରେ ବୃଦ୍ଧି ପାଇଥିଲା । ଏହି ପଦ୍ଧତି ଅବଲମ୍ବନ କରାଯିବା ପରେ  ଆମେ କେବଳ ସେପ୍ଟେମ୍ବର ମାସରେ ୨୩. ୫୧ କୋଟି ଟିକା ଡୋଜ ପାଇ ପାରିଥିଲୁ । ଆଶା କରାଯାଉଛି ଯେ ଅକ୍ଟୋବର ମାସରେ ଆମେ ୨୯ କୋଟି ପ୍ରତିଷେଧକ ଟିକା ଡୋଜ୍ ପାଇବୁ । ସେଥି ମଧ୍ୟରୁ ୨୨ କୋଟି ଡ଼ୋଜ୍ ସେରମ୍ ଇନଷ୍ଟିଚୁଟରୁ ମିଳିବ ଏବଂ ଭାରତ ବାୟୋଟେକ୍ ୭୦ ନିୟୁତ ଡୋଜ୍ ଟିକା ଯୋଗାଇବ। ସେହିଭଳି ଜାଇଡ଼ସ କାଡ଼ିଲା ଦ୍ୱାରା ଆମକୁ ଆଉ ୧୦ ନିୟୁତ ଟିକା ଡୋଜ୍ ମିଳିବ ବୋଲି ଆମେ ଆଶା କରୁଛୁ । ତାହାର ଅର୍ଥ ହେଲା, ଆମେ ଦୈନିକ ଲୋକମାନଙ୍କୁ ପ୍ରାୟ ୧ କୋଟି ଲେଖାଏଁ ଟିକା ଡୋଜ୍ ଦେବାକୁ ସକ୍ଷମ ହେବୁ । ମୁଁ ଆପଣଙ୍କୁ ଆତ୍ମବିଶ୍ୱାସର ସହିତ କହିବାକୁ ଚାହେଁ ଯେ ଆଗାମୀ ଦିନରେ, ଭାରତ ବିଶ୍ୱର ପ୍ରତିଷେଧକ ଟିକା ଉତ୍ପାଦନ ଓ ରପ୍ତାନୀର ପେଣ୍ଠସ୍ଥଳୀ ପାଲଟିବାକୁ ଯାଉଛି । ଭାରତ ଯେତେବେଳେ ଟିକା ରପ୍ତାନୀ କରିବା ପାଇଁ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଏକାସଙ୍ଗେ କାର୍ଯ୍ୟକାରୀ କରୁଛି, ସେତେବେଳେ ଆମେ ଟିକା ବଜାରରେ ସର୍ବାଗ୍ରେ ରହିବୁ । କାରଣ, ଆମର ଗୋଟିଏ ଟିକାର ମୂଲ୍ୟ ମାତ୍ର ଅଢ଼େଇ ଡଲାର ହୋଇଥିବାବେଳେ ଅନ୍ୟ କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ ଟିକାର ମୂଲ୍ୟ ୧୦- ୨୦ ଡଲାର ପର୍ଯ୍ୟନ୍ତ ରହିଛି । ଆମେ ମୈତ୍ରୀ କାର୍ଯ୍ୟକ୍ରମ ଜରିଆରେ ବିଦେଶକୁ ଟିକା ରପ୍ତାନୀ ଖୁବ୍ ଶୀଘ୍ର ଆରମ୍ଭ କରୁଛୁ । ନଭେମ୍ବର ଓ ଡିସେମ୍ବର ମାସରେ ଆହୁରି ଅଧିକ ଟିକା ରପ୍ତାନି କରିପାରିବୁ ।

**Q** **କରୋନା ମହାମାରୀ ବିରୋଧରେ ଟିକାର ବିକାଶ ଘଟାଇଥିବା ଯୋଗୁ ଭାରତ ଏବେ ସମସ୍ତଙ୍କ ଠାରୁ ଭୂୟସୀ ପ୍ରଶଂସା ପାଇପାରୁଛି। ଆପଣ ଏହାକୁ କିଭଳି ଭାବେ ଦେଖୁଛନ୍ତି?**

**A** ଭାରତ ବିଶ୍ୱ ସମୁଦାୟଙ୍କ ଠାରୁ ଏଭଳି ପ୍ରଶଂସା ପାଇବାର ତିନୋଟି କାରଣ ରହିଛି । ପ୍ରଥମ – ପ୍ରତିଷେଧକ ଟିକା ଉତ୍ପାଦନ ପର୍ଯ୍ୟାୟରେ ସ୍ୱୟଂ ପ୍ରଧାନମନ୍ତ୍ରୀଙ୍କ ସ୍ତରରେ ହସ୍ତକ୍ଷେପ, ଦ୍ୱିତୀୟ – ଭାରତ ତା'ର ନିଜ ବୈଜ୍ଞାନିକମାନଙ୍କ ଉପରେ ପୂର୍ଣ୍ଣ ଆସ୍ଥା ସ୍ଥାପନ କରିଥିଲା । ଏବଂ ତୃତୀୟ - ଆମେ ଆମ କମ୍ପାନୀମାନଙ୍କ ଉପରେ ମଧ ପୂର୍ଣ୍ଣ ବିଶ୍ୱାସ ରଖିଥିଲୁ । ଆମ ଦେଶର ଫାର୍ମା କମ୍ପାନୀମାନେ ଏତେ କମ୍ ସମୟ ଭିତରେ ଆମକୁ ଏତେ ପରିମାଣର ଟିକା ଡୋଜ୍ ଯୋଗାଇ ଦେବାକୁ ସକ୍ଷମ ହୋଇଥିଲେ। ମୁଁ ବିଶ୍ୱାସ କରେ ଯେ ଡିସେମ୍ବର ମାସ ସୁଦ୍ଧା ଆମେ ପ୍ରତି ମାସରେ ପ୍ରାୟ ୪୦ କୋଟି ଟିକା ଡୋଜ୍ ପାଇପାରିବ । ଏବେ ବିଶ୍ୱରେ ଏକ ସଂକଟ ଦେଖାଦେଇଛି । ବିଶ୍ୱରେ ଅନେକ ବଡ଼ ବଡ଼ ଫାର୍ମା କମ୍ପାନୀ ଅଛନ୍ତି । କିନ୍ତୁ ସେମାନଙ୍କର ଉତ୍ପାଦନ କ୍ଷମତା ଖୁବ୍ ସୀମିତ । କେବଳ ସେରମ୍ କମ୍ପାନୀ

> “ପ୍ରତିଷେଧକ ଟିକାକୁ ସ୍ୱୀକୃତି ମିଳିବା ପୂର୍ବର, ତାହା ଭିତ୍ତିଭୂମି ସଂପର୍କୀତ ପ୍ରସ୍ତୁତି ହୋଇଥାଉ, ଅବା କୋଲ୍ଡ ଚେନ୍ ଅଥବା ଯେଉଁସବୁ କମ୍ପାନୀମାନେ ଟିକା ଉତ୍ପାଦନ ନିମନ୍ତେ ନିୟୋଜିତ ଥିଲେ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଣ ନିମନ୍ତେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱୟଂ ପ୍ରତି କଥାକୁ ନିଜେ ଅତି ଘନିଷ୍ଠ ଭାବେ ନିରୀକ୍ଷଣ କରୁଥିଲେ । ସେହି କାରଣରୁ ହିଁ ଆଜି ବିଶ୍ୱର ଅନେକ ରାଷ୍ଟ୍ରଙ୍କ ତୁଳନାରେ ଆମର ହାରାହାରି ଟିକାକରଣ ସଫଳତା ଢ଼େର୍ ଉନ୍ନତ ହୋଇପାରିଛି ।

ପ୍ରତି ମାସରେ ୨୨ କୋଟି ଡୋଜ୍ ଟିକା ଯୋଗାଉଛି । କୋଭାକ୍ସିନ୍ ତା'ର ଉତ୍ପାଦନ ମାତ୍ରା ବଢ଼ାଉଛି । ବିଶ୍ୱ ଏବେ କୋଭିଡ଼ ପ୍ରତିଷେଧକ ଟିକା ଚାହୁଁଛି । ତେଣୁ ଭାରତକୁ ସମସ୍ତେ ପ୍ରଶଂସା କରୁଛନ୍ତି ।

**Q** **କରୋନାର ପ୍ରଥମ ଲହର ବେଳେ ଭାରତ ସମଗ୍ର ବିଶ୍ୱ ନିମନ୍ତେ ଫାର୍ମାସୀର ଭୂମିକା ନିର୍ବାହ କରିଥିଲା । ତାହାକୁ ମଧ ବିଶ୍ୱ ସ୍ତରରେ ସର୍ବତ୍ର ପ୍ରଶଂସା କରାଯାଇଥିଲା । କିନ୍ତୁ ଦ୍ୱିତୀୟ ଲହର ସଂକଟ ମଝିରେ, ଯେତେବେଳେ ସମସ୍ତେ ବ୍ୟାକୁଳ ଭାବେ ଔଷଧ ଲୋଡ଼ୁଥିଲେ, ସେପରି ଅଭାବକୁ କିଭଳି ଭାବେ ସମାଧାନ କରାଯାଇଥିଲା?**

**A** ଯେତେବେଳେ କରୋନାର ପ୍ରଥମ ଲହର ଆସିଲା, ଦେଶରେ ଆମମାନଙ୍କ ସମ୍ମୁଖରେ ସେତେବେଳେ ଦୁଇଟି ପରିସ୍ଥିତି ଉତ୍ପନ୍ନ ହୋଇଥିଲା । ପ୍ରଥମ – ସେତେବେଳେ ବିଶ୍ୱରେ ଏହାର କୌଣସି ଔଷଧ ଉପଲବ୍ଧ ନଥିଲା, ପ୍ରଥମ ଲହର ବେଶ୍ ଆକସ୍ମିକ ଭାବେ ଓ ହଠାତ୍ ଦେଖା ଦେଇଥିଲା । ଅନେକ ରାଷ୍ଟ୍ରଙ୍କ ନିକଟରେ ୧୦ – ୧୫ ଦିନ ପାଇଁ ଏପରିକି ପାରାସିଟାମଲ ଭଳି ବଟିକା ମହଜୁଦ ନଥିଲା । ଏଭଳି ସ୍ଥିତିରେ, ବିଶ୍ୱ ନିକଟରେ ଔଷଧ ପହଞ୍ଚା ଯିବାର ଥିଲା ଓ ଆମର ଘରୋଇ ଆବଶ୍ୟକତାକୁ ମଧ ପୂରଣ କରିବାର ଥିଲା । ସେତେବେଳେ ପୁଣି ଦେଶରେ  ଲକଡାଉନ୍ ଲାଗୁ ହୋଇଥାଏ ।
ପ୍ରତିଷେଧକ ଟିକା ଉତ୍ପାଦନ ନିମନ୍ତେ ଫାର୍ମା କମ୍ପାନୀମାନଙ୍କୁ ଲକ୍‌ଡାଉନ୍ ସମୟରେ ସୁଦ୍ଧା କାର୍ଯ୍ୟକ୍ଷମ ରହିବାକୁ ପଡ଼ିଥିଲା ।




ସେଥିରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଲକଡ଼ାଉନ୍ ସମୟରେ କାର୍ଯ୍ୟ ପାସ୍ ପ୍ରଦାନ କରାଯାଇଥିଲା ଏବଂ ଏଥିପାଇଁ ଜିଲ୍ଲା ପ୍ରଶାସନମାନଙ୍କ ପକ୍ଷରୁ ସେମାନଙ୍କ ନିମନ୍ତେ ବିଶେଷ ଧ୍ୟାନ ଦିଆଯାଇଥିଲା । ଏହିସବୁ କାର୍ଯ୍ୟ ଭିତରେ, ଆମେ ଆମର ଔଷଧ ଉତ୍ପାଦନ ଧାରା ଚଳାଇ ରଖିଲୁ ଏବଂ ଦେଶର ଆବଶ୍ୟକତାକୁ ପ୍ରାଥମିକତା ପ୍ରଦାନ ପୂର୍ବକ ଧ୍ୟାନ ଦେଲୁ। ଏଥି ସହିତ ଆମେ ବିଶ୍ୱର ପ୍ରାୟ ୧୨୩ଟି ଦେଶକୁ ଆମ ଆବଶ୍ୟକତା ଠାରୁ ଅଧିକ ପରିମାଣର ଟିକା ଯୋଗାଇଥିଲୁ । ସେହି ସମୟରେ ପୃଥିବୀର ୬୪ଟି ରାଷ୍ଟ୍ରର ନାଗରିକମାନେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଜଣେ ବ୍ୟକ୍ତି ତ ବିଶେଷ ଭାବେ ତାଙ୍କ ନିକଟକୁ ଟେଲିଫୋନ କରିଥିଲେ ଏବଂ ଆଉ କିଛି ଲୋକ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଧନ୍ୟବାଦ ଜଣାଇ ପତ୍ର ଲେଖିଥିଲେ । ଯେତେବେଳେ କରୋନାର ଦ୍ୱିତୀୟ ଲହର ଆସିଲା ଏବଂ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା, ସେତେବେଳେ ରେମଡେସିଭିର୍ ଇଞ୍ଜେକସନର ଚାହିଦା ହଠାତ୍ ବୃଦ୍ଧି ପାଇବାକୁ ଆରମ୍ଭ କଲା । ସେତେବେଳେ ଦେଶରେ କେବଳ ସାତଟି କମ୍ପାନୀଙ୍କୁ ରେମଡେସିଭିର ଇଂଜେକସନ ଉତ୍ପାଦନ ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ସେହି ସାତଟି କମ୍ପାନୀମାନଙ୍କ ଦୈନିକ ସର୍ବାଧିକ ଉତ୍ପାଦନ କ୍ଷମତା ଥିଲା ୨୫ରୁ ୩୦ ହଜାର । ସେମାନଙ୍କ ନିକଟରେ ୨୦ଟି ପ୍ଲାଣ୍ଟ ଥିଲା । ସେହିସବୁ କମ୍ପାନୀମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଆମେ ସେମାନଙ୍କର ଉତ୍ପାଦନ କ୍ଷମତା ବୃଦ୍ଧି କଲୁ ଯାହା ଫଳରେ ମେ ୧୫ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଦୈନିକ ଉତ୍ପାଦନ କ୍ଷମତା ୩୦ ହଜାରରୁ ୩ ଲକ୍ଷ ୨୫ ହଜାରକୁ ବୃଦ୍ଧି କରାଇଲୁ । ଏଥି ସହିତ ରାତାରାତି ନୂଆ ପ୍ଲାଣ୍ଟମାନଙ୍କୁ ମଧ୍ୟ ଅନୁମତି ପ୍ରଦାନ କରାଗଲା। ପରିଶେଷରେ ୬୪ଟି ପ୍ଲାଣ୍ଟ ପ୍ରତିଷ୍ଠା କରାଗଲା । ସେମାନଙ୍କୁ ସମସ୍ତଙ୍କୁ ଆବଶ୍ୟକ ମୁତାବକ କଞ୍ଚାମାଲ ଯୋଗାଇ ଦିଆଗଲା । ତେଣୁ ମାତ୍ର କିଛି ଦିନ ପାଇଁ ଦେଶରେ ରେମଡେସିଭିର ଇଂଜେକସନର ଅଭାବ ଦେଖାଦେଇଥିଲା ଏବଂ ତାହାକୁ ଯଥାଶୀଘ୍ର ସମାଧାନ କରାଯାଇପାରିଲା । ଏହାର ମୂଳ କାରଣ ଥିଲା ଲୋକେ ଏହି ଔଷଧ ଲୁଚାଇ ରଖିବା ଆରମ୍ଭ କରିଥିଲେ। ଏହା ସତ୍ତ୍ୱେ, ଏହି ଔଷଧ ଆବଶ୍ୟକ କରୁଥିବା ପ୍ରତ୍ୟେକ ରୋଗୀଙ୍କ ନିକଟରେ ଉପଲବ୍ଧ କରାଯାଇଥିଲା ଏବଂ ଏହାର ସମଗ୍ର ପ୍ରକ୍ରିୟାକୁ ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଥିଲା ।

ଏହା ପରେ, କୋଭିଡ଼ ଆକ୍ରାନ୍ତ ରୋଗୀମାନେ ନାନା ପ୍ରକାର ଔଷଧ ସେବନ କରିବା ଆରମ୍ଭ କଲେ । ଯେତେବେଳେ ସେମାନଙ୍କ ଶରୀରରୁ ରୋଗ ପ୍ରତିରୋଧ ଶକ୍ତି କମିବାକୁ ଆରମ୍ଭ କଲା, ସେତେବେଳେ ବ୍ଲାକ୍ ଫଙ୍ଗସ୍ର ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଲା । ଏହି ରୋଗର ଚିକିତ୍ସା ପାଇଁ ଆମ୍ଫୋଟେରିସିନ୍- ବି ଇଂଜେକସନ ଦରକାର । ପୂର୍ବରୁ ଭାରତରେ ବର୍ଷକୁ ମାତ୍ର ୪ରୁ ୫ ହଜାର ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ମାମଲା ଘଟୁଥିଲା । ଏବେ ତାହା ବୃଦ୍ଧି ପାଇ ସପ୍ତାହକୁ ୫ ହଜାର ଛୁଇଁଲା । ପୁଣି ସେହି ଔଷଧ ଏଠାରେ ମିଳୁ ନଥିଲା କି ଏହାର ପ୍ରସ୍ତୁତି ବି କାହାକୁ ଜଣା ନଥିଲା । ଜଣେ ଜଣେ ରୋଗୀଙ୍କ ପାଇଁ ଏହାର ୫୦ରୁ ୧୫୦ଟି ପର୍ଯ୍ୟନ୍ତ ଇଂଜେକସନ୍ ଦରକାର। ପୁଣି ଗୋଟିଏ ଗୋଟିଏ ଇଂଜେକସନର ମୂଲ୍ୟ ୬ରୁ ୭ ହଜାର ଟଙ୍କା । ଭାରତରେ ମାତ୍ର ତିନୋଟି କମ୍ପାନୀ ଏହି ଔଷଧ ପ୍ରସ୍ତୁତ କରୁଥିଲେ । ତା'ପରେ ଆମେ ୫ଟି ଅଧିକ କମ୍ପାନୀଙ୍କୁ ଏହାର ଲାଇସେନ୍ସ ପ୍ରଦାନ କଲୁ। ଯେଉଁମାନେ ଚାହିଁବେ ସେମାନେ ଏହି ଔଷଧ ପ୍ରସ୍ତୁତ କରିପାରିବେ, କାରଣ ଏହା ଏକ ପାଟେଣ୍ଟକରା ଔଷଧ ନୁହେଁ । ପୁଣି ଏହି ଇଂଜେକସନ୍ ପ୍ରସ୍ତୁତ କରିବା ଲାଗି ବାହାରୁ ଏହାର ରାସାୟନିକ କଞ୍ଚାମାଲ ଆଣିବାକୁ ପଡୁଥିଲା । ସେଥିପାଇଁ ପ୍ରାୟ ୨୫ ଦିନ ସମୟ ଦରକାର ପଡୁଥିଲା ଯାହା ଏବେ ସମାପ୍ତ ହେବାକୁ ଯାଉଥିଲା । ଆମେ ଆମ୍ଫୋଟେରିସିନ୍ -ବି ଇଂଜେକସନ ପାଇଁ ସାରା ବିଶ୍ୱକୁ ଅନୁରୋଧ କଲୁ । ବିଶ୍ୱର ଯେଉଁ ସ୍ଥାନରେ ବି ଆମ୍ଫୋଟେରିସିନ୍- ବି ଇଂଜେକସନ୍ ମିଳିଲା ଆମେ ତାହା କିଣିଲୁ । ୧.୨ ନିୟୁତ ଡୋଜ ଆମ୍ଫୋଟେରିସିନ୍- ବି ଇଂଜେକସନ କିଣାଯାଇ ଭାରତକୁ ଅଣାଗଲା । ସେତେବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଥିଲେ ଯେ ଆମେ କେବେ ଭାରତର ସହାୟତାକୁ ଭୁଲି ପାରିବୁନାହିଁ। କରୋନାର ପ୍ରଥମ ଲହର ବେଳେ ଭାରତ ଆମକୁ ସାହାଯ୍ୟ କରିଛି ଏବଂ ଦ୍ୱିତୀୟ ଲହର ବେଳେ ଆମେ ଭାରତକୁ ପୂର୍ଣ୍ଣପ୍ରାଣରେ ସାହାଯ୍ୟ କରିବୁ । ଏହା ବ୍ୟତୀତ ଆହୁରି ଅନେକ ପ୍ରକାର ଔଷଧର ଆବଶ୍ୟକତା ଥିଲା ଯାହା ଆମେ ଆବଶ୍ୟକ ଅନୁସାରେ ସଂଗ୍ରହ କରି ରୋଗୀମାନଙ୍କ ନିକଟରେ ପହଞ୍ଚାଇ ପାରିଥିଲୁ । ଆମେ ସମଗ୍ର ପ୍ରକ୍ରିୟାକୁ ନିରବଚ୍ଛିନ୍ନ ଭାବେ ନିରୀକ୍ଷଣ କରୁଥିଲୁ ।

**Q ଭବିଷ୍ୟତରେ ଶିଶୁମାନଙ୍କ ଟିକାକରଣ ନିମନ୍ତେ କି ପ୍ରକାର ପ୍ରସ୍ତୁତି କରାଯାଉଛି?**

**A** ଏବେ ଏବେ ଆମର ଗୋଟିଏ କମ୍ପାନୀ ଶିଶୁମାନଙ୍କ ନିମନ୍ତେ ପ୍ରତିଷେଧକ ଟିକା ଉତ୍ପାଦନ ଆରମ୍ଭ କରିଛି । କୋଭାକ୍ସିନ୍ର ମାନବୀୟ ପରୀକ୍ଷଣ ୨ ବର୍ଷରୁ ଅଧିକ ବୟସର ଶିଶୁମାନଙ୍କ ଉପରେ କରାଯାଉଛି । ସେହିଭଳି ନୋଭାଭାକ୍ସର ପରୀକ୍ଷଣ ମଧ୍ୟ ଜାରି ରହିଛି । ଏହା ପରେ, ବିଶେଷଜ୍ଞମାନଙ୍କ ମତାମତ ଅନୁସାରେ ଆମେ ଏ ଦିଗରେ ନିଷ୍ପତ୍ତି ଗ୍ରହଣ କରିବୁ । ପ୍ରଥମେ ବଡ଼ ବଡ଼ ଶିଶୁମାନଙ୍କୁ ଟିକା ଦିଆଯିବ ଏହା ପରେ ବୟସାନୁକ୍ରମିକ ଭାବେ କମ୍ ବୟସର ଶିଶୁମାନଙ୍କୁ ଟିକାକରଣ କରାଯିବ ।

**Q ଦେଶର ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ, ଯେଉଁମାନେ ଟିକା ନେଉନାହାନ୍ତି, ସେମାନଙ୍କ ପାଇଁ ଆପଣ କିଛି ବାର୍ତ୍ତା ଦେବାକୁ ଚାହିଁବେ କି?**

**A** ପ୍ରତିଷେଧକ ଟିକାକରଣ ହେଉଛି କୋଭିଡ଼ ବିରୁଦ୍ଧରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କବଚ । କୌଣସି କାରଣରୁ ହେଉନା କାହିଁକି ଯେଉଁମାନେ ଏପର୍ଯ୍ୟନ୍ତ ଏହି ଟିକା ଗ୍ରହଣ କରିନାହାନ୍ତି, ମୁଁ ସେମାନଙ୍କୁ କହିବାକୁ ଚାହେଁ ଯେ ଆପଣମାନେ ନିଜର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସହିତ ଆପଣମାନଙ୍କ ଚତୁଃପାଶ୍ୱର୍ରେ ଥିବା ଅନ୍ୟ ଲୋକମାନଙ୍କ ନିରାପତ୍ତା କଥା ମଧ୍ୟ ଚିନ୍ତା କରିବା ଉଚିତ । ତେଣୁ, ଆପଣମାନେ ଯଥାଶୀଘ୍ର ପ୍ରତିଷେଧକ ଟିକା ନିଅନ୍ତୁ ଏବଂ କୋଭିଡ଼ ବିରୁଦ୍ଧରେ ଭାରତ ଚଳାଇଥିବା ଏହି ଟିକାକରଣ ଅଭିଯାନରେ ନିର୍ଦ୍ଦିଷ୍ଟ ଭାବେ ନିଜର ଅବଦାନ ପ୍ରତିପାଦନ କରନ୍ତୁ । ■






## ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ

# ଭାରତର ନୂତନ ସ୍ୱାସ୍ଥ୍ୟ ମଡେଲ

**ଆଜି ଯଦି ଦେଶର ଅଧିକାଂଶ ନାଗରିକଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଠାରୁ ଆରମ୍ଭ କରି ଔଷଧପତ୍ର ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବା ପର୍ଯ୍ୟନ୍ତ ଏବଂ ସେହିଭଳି ଭାବେ ରାସନ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ସବୁକିଛି ଲୋକମାନଙ୍କଠାରେ ପହଞ୍ଚି ପାରୁଛନ୍ତି, ତେବେ ଏହାର ଶ୍ରେୟ ଦେଶରେ ହୋଇଥିବା ସଂସ୍କାରକୁ ହିଁ ଯିବ । ବିଗତ ସାତ ବର୍ଷ ମଧ୍ୟରେ ଦେଶରେ ଏହିସବୁ ସଂସ୍କାର ପ୍ରଯୁକ୍ତିର ଉପଯୋଗ ଦ୍ୱାରା ହିଁ କାର୍ଯ୍ୟକାରୀ କରାଯାଇଛି । ଏହି ଉଦ୍ୟମର ଅଂଶବିଶେଷ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ଶୁଭାରମ୍ଭ କରିଛନ୍ତି । ଏହା ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଅସୁବିଧା ଦୂରପାଇଁ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ନୂତନ ସ୍ୱାସ୍ଥ୍ୟ ମଡେଲ ମାଧ୍ୟମରେ ରୋଗୀ ତଥା ସ୍ୱାସ୍ଥ୍ୟସେବା ଯୋଗାଣକାରୀ ବ୍ୟକ୍ତିବିଶେଷଙ୍କ ଜୀବନକୁ ଅଧିକ ସୁଖମୟ କରିପାରିବ ।**

ଏକ ସମନ୍ୱିତ ବ୍ୟବସ୍ଥା ମଧ୍ୟରେ ଦେଶର ସାଧାରଣ ଜନତାଙ୍କୁ ଆଣି ସେମାନଙ୍କ ପାଇଁ ସକଳ ପ୍ରକାର ସୁବିଧା ସୁଯୋଗ ଯୋଗାଇବାକୁ କେନ୍ଦ୍ର ସରକାର ନୀତିର ମୂଳ ଆଧାର ଭାବେ ଗ୍ରହଣ କରିଛନ୍ତି। ସର୍ବନିମ୍ନ ମୂଲ୍ୟରେ ଲୋକମାନଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ଆୟୁଷ୍ମାନ ଭାରତ - ପିଏମଜେଏୱାଇ ଯୋଜନାର ଶୁଭାରମ୍ଭ କରିଥିଲେ। ଏହା ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତର ସବୁଠାରୁ ବଳି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ଭାବେ ସୁପରିଚିତ । ଏହାର ଫଳ ସ୍ୱରୂପ, ପ୍ରାୟ ଅଢ଼େଇ କୋଟିରୁ ଅଧିକ ଗରିବ ଏବଂ ମଧ୍ୟମ ବର୍ଗର ଲୋକ ମାଗଣାରେ ଚିକିତ୍ସା ସୁବିଧା ପାଇପାରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ହେଉଛନ୍ତି ମହିଳା । ଏହି ଯୋଜନାକୁ ଆଗେଇ ନେବା ନିମନ୍ତେ କେନ୍ଦ୍ର ସରକାର ଆଉ ଏକ ବୈପ୍ଳବିକ ଯୋଜନା ଆରମ୍ଭ କରିଛନ୍ତି । ତାହା ହେଉଛି ଆୟୁଷ୍ମାନ ଭାରତ – ଡିଜିଟାଲ ମିଶନ । ଏହା ଏଭଳି ଏକ ସ୍ୱାସ୍ଥ୍ୟ ମଡ଼େଲ ଯାହା ସମାବେଶୀ ଏବଂ ସହଜଲଭ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ । ଏଥିରେ ରୋଗ ପ୍ରତିଷେଧ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଏହି ଯୋଜନା ମାଧ୍ୟମରେ ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଡିଜିଟାଲ ସ୍ୱାସ୍ଥ୍ୟ କାର୍ଡ଼ ଉପଲବ୍ଧ କରାଯିବ। ଏହା ତାଙ୍କର ସ୍ୱାସ୍ଥ୍ୟ ଆକାଉଣ୍ଟ ଭାବେ ବିବେଚନା କରାଯିବ । ସେହି କାର୍ଡରେ ତାଙ୍କର ସ୍ୱାସ୍ଥ୍ୟ ସଂପର୍କୀତ ସମସ୍ତ ପ୍ରକାର ରେକର୍ଡ଼ ଡିଜିଟାଲ ଉପାୟରେ ରଖାଯିବ । ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କେବଳ ବ୍ୟାପକ ପରିବର୍ତ୍ତନ ଆଣିବନାହିଁ ବରଂ ପ୍ରଯୁକ୍ତି ସହଯୋଗରେ ଦେଶର ପ୍ରତ୍ୟେକ ନାଗରିକଙ୍କ ନିମିତ୍ତ ସବୁ ପ୍ରକାର ସ୍ୱାସ୍ଥ୍ୟଗତ ସେବା ସୁବିଧା ଉପଲବ୍ଧ ହୋଇପାରିବ ।

୨୦୨୦ ମସିହା ଅଗଷ୍ଟ ୧୫ ତାରିଖ ଦିନ ପ୍ରଧାନମନ୍ତ୍ରୀ ଲାଲକିଲ୍ଲାର ମଞ୍ଚ ଉପରୁ ରାଷ୍ଟ୍ରୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନକୁ ଏକ ପାଇଲଟ ପ୍ରକଳ୍ପ ଭାବେ ଘୋଷଣା କରିଛନ୍ତି । ଏହି ପାଇଲଟ କାର୍ଯ୍ୟକ୍ରମକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଦେଶର ଛଅଟି କେନ୍ଦ୍ରଶାସିତ କ୍ଷେତ୍ରରେ ପ୍ରଚଳନ କରାଯାଇଛି । କିନ୍ତୁ ବର୍ତ୍ତମାନ ଏହି ଯୋଜନାକୁ ରାଷ୍ଟ୍ରୀୟ ସ୍ତରରେ ମଧ୍ୟ ଲାଗୁ କରାଯିବ । ସଂକ୍ଷେପରେ କହିଲେ, ଡିଜିଟାଲ ସ୍ୱାସ୍ଥ୍ୟ ମିଶନର ଉଦ୍ଦେଶ୍ୟ ହେଲା ସ୍ୱାସ୍ଥ୍ୟସେବା ସଂପର୍କୀତ ସମସ୍ତ ପ୍ରକାର ସୂଚନା, ବ୍ୟକ୍ତିବିଶେଷ ଏବଂ ବ୍ୟବସ୍ଥାକୁ ଗୋଟିଏ ପ୍ଲାଟଫର୍ମରେ ହିତାଧିକାରୀ ତଥା ସରକାରଙ୍କ ପାଇଁ ଉପଲବ୍ଧ କରାଇବା ।

### ଚିକିତ୍ସା ଫାଇଲ ସାଇତି ରଖିବା ଜଞ୍ଜାଳରୁ ମୁକ୍ତି

ଜଣେ ବ୍ୟକ୍ତି ଯେତେବେଳେ ଗୋଟିଏ ନୂଆ ହସପିଟାଲକୁ କିମ୍ବା ଗୋଟିଏ ନୂଆ ସହରକୁ ଯାଇଥାନ୍ତି, ତାଙ୍କୁ ପୁଣି ଥରେ ନୂଆକରି ସବୁ ବ୍ୟବସ୍ଥା ଦେଇ ପ୍ରଥମରୁ ଯିବାକୁ ପଡ଼ିଥାଏ । ଫଳ ସ୍ୱରୂପ, ଉଭୟ ରୋଗୀ ଏବଂ ଡାକ୍ତରଙ୍କର ମୂଲ୍ୟବାନ ସମୟ ନଷ୍ଟ ହୋଇଥାଏ। ଆହୁରି ମଧ୍ୟ ରୋଗୀଙ୍କ ମେଡ଼ିକାଲ ରେକର୍ଡ଼ ଅଭାବରୁ, ଉପଯୁକ୍ତ ଚିକିତ୍ସା ମଧ୍ୟ ବିଳମ୍ବିତ ହୋଇଥାଏ । ଏବେ ଏହି ଯୋଜନା ମାଧ୍ୟମରେ ସେହିସବୁ ସମସ୍ୟାର ସମାଧାନ କରାଯାଇପାରିବ। କାରଣ, ଡିଜିଟାଲ ଉପାୟରେ ଏଣିକି ରୋଗୀର ସମସ୍ତ ପ୍ରକାର ବିବରଣୀକୁ ସଂଗ୍ରହ କରି ରଖାଯିବ । ଏହି ବ୍ୟବସ୍ଥା ଦ୍ୱାରା ଡିଜିଟାଲ ଉପାୟରେ ସ୍ୱାସ୍ଥ୍ୟସେବା ସହିତ ଜଡ଼ିତ ସମସ୍ତ ହିତଧାରକଙ୍କୁ ଗୋଟିଏ ପ୍ଲାଟଫର୍ମରେ ହିଁ ଏକତ୍ରିତ କରାଯିବ । ଦେଶର ଗରିବ ଏବଂ ମଧ୍ୟମ ବର୍ଗର ଲୋକମାନଙ୍କୁ ହିଁ ଏହି ବ୍ୟବସ୍ଥାର ସବୁଠାରୁ ବେଶି ସୁବିଧା ମିଳିପାରିବ । ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ଆଉ ଗୋଟିଏ ପ୍ରମୁଖ ବୈଶିଷ୍ଟ୍ୟ ଓ ସୁବିଧା ହେଲା ଏହା ଯେ ରୋଗୀମାନେ ଦେଶର ଯେକୌଣସି ସ୍ଥାନରେ ଥିବା ତାଙ୍କ ରୋଗ ଚିକିତ୍ସା ସକାଶେ ଜଣେ ଉପଯୁକ୍ତ ଡାକ୍ତରଙ୍କୁ ସହଜରେ ଖୋଜି ପାଇପାରିବେ ।

କେବଳ ସେହି ଚିକିତ୍ସକ ତାଙ୍କର ଭାଷା ବୁଝି ପାରୁଥିବା ଦରକାର ।

ତଦ୍ୱାରା ସେହି ବିଶେଷଜ୍ଞ ଡାକ୍ତରଙ୍କ ଠାରୁ ରୋଗୀମାନେ ଚିକିତ୍ସାଜନିତ ପରାମର୍ଶ ପାଇପାରିବେ । ଏହା ସେମାନଙ୍କ ରୋଗପାଇଁ ସବୁଠାରୁ ବଡ଼ ଚିକିତ୍ସା ସୁବିଧା ହେବ । କେବଳ ଡାକ୍ତର ନୁହନ୍ତି, ଅପରପକ୍ଷେ ଲାବ୍ ଏବଂ ଔଷଧ ଦୋକାନ ପର୍ଯ୍ୟନ୍ତ ସବୁ ପ୍ରକାର ସୂଚନା ମଧ୍ୟ ସେମାନଙ୍କୁ ମିଳିପାରିବ ।

## ସ୍ୱାସ୍ଥ୍ୟସେବାର ବର୍ଦ୍ଧିତ ଭିତ୍ତି

ଦେଶରେ ସ୍ୱାସ୍ଥ୍ୟସେବାର ମୂଳ ଭିତ୍ତିକୁ ସୁଦୃଢ଼ କରିବା ପାଇଁ ଯେଉଁ ଅଭିଯାନ ଆରମ୍ଭ ହୋଇଛି, ଏହି ନୂତନ ମିଶନ ଦ୍ୱାରା ତାହା ଆଉ ଏକ ନୂତନ ପର୍ଯ୍ୟାୟରେ ପହଞ୍ଚିଛି । ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ଆୟୁଷ୍ମାନ ଭାରତ ଯୋଜନାର ଏହା ହେଉଛି ପରବର୍ତ୍ତୀ ପର୍ଯ୍ୟାୟ । ପୂର୍ବ ଯୋଜନାରେ ଦେଶର ନାଗରିକମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗାଣର ବ୍ୟବସ୍ଥା ଥିଲା । ତିନି ବର୍ଷ ପୂର୍ବେ ଅନ୍ତ୍ୟୋଦୟର ପ୍ରବକ୍ତା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏବେ ଏହି ଯୋଜନାର ନୂତନ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ନୀତି ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଦେଶର ପ୍ରତ୍ୟେକ ଭାଗରେ ନାଗରିକମାନଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ଯୋଗାଇ ଦେବା ନିମନ୍ତେ ଉଦ୍ଦିଷ୍ଟ । ଏହି ମହତ୍ତ୍ୱାକାଂକ୍ଷୀ ସ୍ୱାସ୍ଥ୍ୟ ଯୋଜନାର ଅଂଶ ସ୍ୱରୂପ, ଏମ୍ସ ଭଳି ଅତ୍ୟାଧୁନିକ, ଉନ୍ନତ ଓ ବିଶାଳ ସ୍ୱାସ୍ଥ୍ୟ ସୁବିଧାର ବିକାଶ ଘଟାଇବାର ପରିକଳ୍ପନା କରାଯାଇଛି। ଦେଶର ପ୍ରତି ୩ଟି ଲୋକସଭା କ୍ଷେତ୍ର ନିମନ୍ତେ ଗୋଟିଏ ଲେଖାଏଁ ମେଡ଼ିକାଲ କଲେଜ ସ୍ଥାପନ କରାଯିବା କାର୍ଯ୍ୟ ଏବେ ଜାରି ରହିଛି । ସେହିଭଳି ପ୍ରାଥମିକ ଚିକିତ୍ସା ସୁବିଧା ନେଟୱାର୍କକୁ ଆହୁରି ମଜଭୁତ କରାଯାଉଛି । ଏଥିପାଇଁ ଗ୍ରାମ୍ୟ ସ୍ତରରେ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ରମାନ ସ୍ଥାପନ କରାଯାଉଛି । ଏପର୍ଯ୍ୟନ୍ତ ସାରା ଦେଶରେ ଏଭଳି ୮୦,୦୦୦ କେନ୍ଦ୍ର ସ୍ଥାପନ କରାଯାଇ ସେସବୁକୁ କାର୍ଯ୍ୟକାରୀ କରାଯାଉଛି। ଏବେ ଆୟୁଷ୍ମାନ ଭାରତ – ଡିଜିଟାଲ ମିଶନ ଇଜ୍ ଅଫ୍ ଲିଭିଂ ସୁବିଧା ବୃଦ୍ଧି କରିବା ସହିତ ହସପିଟାଲମାନଙ୍କରେ ଉପଲବ୍ଧ ସୁବିଧାକୁ ଆହୁରି ସହଜସାଧ୍ୟ କରିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଥିବା ପିଏଲଆଇ ଯୋଜନା ମଧ୍ୟ ଏକ ଆତ୍ମନିର୍ଭର ଭାରତ ପ୍ରତିଷ୍ଠା ପ୍ରତିଶ୍ରୁତିକୁ ଆହୁରି ମଜଭୁତ କରିବ ।

## ଭବିଷ୍ୟତ ପାଇଁ ପ୍ରଯୁକ୍ତି ସହିତ ଭାରତ ନିଜକୁ ପ୍ରସ୍ତୁତ କରୁଛି

ସୁଶାସନ ନିମନ୍ତେ ପ୍ରଯୁକ୍ତିର ଉପଯୋଗ ଏବଂ ଏହାକୁ ଆହୁରି ଉନ୍ନତ କରିବା ଉପରେ ଗୁରୁତ୍ୱ ଆରୋପ କରାଯିବା ଦ୍ୱାରା ଭାରତର ଜନସାଧାରଣଙ୍କୁ ଅଧିକ ସଶକ୍ତ କରାଯାଇପାରିବ । ଡିଜିଟାଲ ଇଣ୍ଡିଆ ଅଭିଯାନ ଏହି ଦିଗରେ ଏକ ପଞ୍ଚ ପରିବର୍ତ୍ତନକାରୀ ସାଧନ ଭାବେ ବିବେଚନା କରାଯାଉଛି । କାରଣ ଏବେ ଦେଶର ବହୁ ନାଗରିକ ଡିଜିଟାଲ ପ୍ରଯୁକ୍ତିକୁ ଆପଣାଇବାକୁ ଆରମ୍ଭ କରିଛନ୍ତି । ଏବେ ଦେଶରେ ୧୩୦ କୋଟିରୁ ଅଧିକ ଆଧାର ନମ୍ବର ରହିଛି, ୧୧୮ କୋଟି ମୋବାଇଲ ଉପଭୋକ୍ତା ଅଛନ୍ତି ଏବଂ ପ୍ରାୟ ୮୦ କୋଟି ଇଣ୍ଟରନେଟ ବ୍ୟବହାରକାରୀ ଅଛନ୍ତି । ସେହିଭଳି ପାଖାପାଖି ୪୩ କୋଟି ଜନ ଧନ ବ୍ୟାଙ୍କ୍ ଆକାଉଣ୍ଟଧାରୀ ଅଛନ୍ତି । ଏଭଳି ବିଶାଳ ପାରସ୍ପରିକ ସଂଯୋଗକାରୀ ବ୍ୟବସ୍ଥା ଓ ସାଧନ ବିଶ୍ୱର କେଉଁଠି ଦେଖାଯାଏ ନାହିଁ। ଦେଶର ଜନସାଧାରଣ ମଧ୍ୟ ଦିନକୁ ଦିନ ପ୍ରଯୁକ୍ତିର ଉପଯୋଗୀତାକୁ ଉପଲବ୍ଧି କରୁଛନ୍ତି । ତାହା ସରକାରୀ ପଢ଼ି ବ୍ୟବସ୍ଥା ନିକଟରେ ପହଞ୍ଚିବା କ୍ଷେତ୍ରରେ ହେଉ ଅଥବା ଅନ୍ୟ କୌଣସି ପ୍ରଶାସନିକ କାର୍ଯ୍ୟ। ୟୁପିଆଇ ଯେକୌଣସି ସମୟରେ ଓ ସ୍ଥାନରେ ଡିଜିଟାଲ କାରବାରକୁ ସୁନିଶ୍ଚିତ କରାଇଥାଏ ଏହା ହେଉଛି ଭାରତର ସବୁଠାରୁ ବଡ଼ ସଫଳତାର କାହାଣୀ । କେବଳ ସେତିକି ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଭାରତର ଏହି ସଫଳତା ପ୍ରତି ନଜର ପକାଇଛି ଓ ଏହାକୁ ପ୍ରଶଂସା କରିଛି । ସେହିଭଳି, କୋୱିନ୍ ପୋର୍ଟାଲ ଟିକାକରଣ ନିମନ୍ତେ ଆଗୁଆ ପଂଜୀକରଣ କ୍ଷେତ୍ରରେ ମେରୁଦଣ୍ଡ ସଦୃଶ ମୁଣ୍ଡ ଟେକିଛି । ଭାରତରେ କୋଭିଡ୍ ୧୯ ବିରୁଦ୍ଧରେ ଆରମ୍ଭ ହୋଇଥିବା ବିଶ୍ୱର ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମର ସଫଳତା ପଛରେ ଏହାର ବିଶେଷ ଅବଦାନ ରହିଛି । ସରକାରଙ୍କ ସମସ୍ତଙ୍କୁ ଟିକାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏ ପର୍ଯ୍ୟନ୍ତ ଭାରତରେ ୯୦ କୋଟିରୁ ଅଧିକ ନାଗରିକଙ୍କୁ ମାଗଣାରେ ଏହି ପ୍ରତିଷେଧକ ଟିକା ଦେଇସାରିଛନ୍ତି ଏବଂ କୋୱିନ୍ ଏଥିରେ ସମସ୍ତଙ୍କୁ ସହଯୋଗର ହାତ ବଢ଼ାଇଛି ।

ଏହା ସୁନିଶ୍ଚିତ ଯେ ଆଜିର ସ୍ୱାଧୀନ ଯୁଗରେ ସୁସ୍ଥ ଭାରତ ଗଠନ ନିମନ୍ତେ ଥିବା ମାର୍ଗ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଲକ୍ଷ୍ୟ ପୂରଣ ହୋଇପାରିଲେ ଏକ ବିରାଟ ସ୍ୱପ୍ନ ସାକାର ହୋଇପାରିବ । ଏଥିପାଇଁ ସମସ୍ତଙ୍କୁ ନିରବଚ୍ଛିନ୍ନ ଭାବେ ଉଦ୍ୟମ ଜାରି ରଖିବାକୁ ପଡ଼ିବ। ବିଶେଷ କରି ମେଡ଼ିକାଲ ଚିକିତ୍ସା କ୍ଷେତ୍ରରେ ଥିବା ବ୍ୟକ୍ତି, ଯଥା, ଡାକ୍ତର, ପାରାମେଡ଼ିକ୍ ଏବଂ ମେଡ଼ିକାଲ ଅନୁଷ୍ଠାନମାନଙ୍କୁ ଯଥାଶୀଘ୍ର ଏକ ନୂତନ ବ୍ୟବସ୍ଥାରେ ସମନ୍ୱିତ ହେବାକୁ ପଡ଼ିବ । ■

## ମୁଖ୍ୟାଂଶ ଏବଂ ଲାଭ

- ଆଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଣ ପୂର୍ବକ ଦେଶର ନାଗରିକଙ୍କୁ ସଶକ୍ତ କରିବା । ନାଗରିକମାନେ କିଭଳି ଭାବେ ସ୍ୱାସ୍ଥ୍ୟ ରେକର୍ଡ଼ ପର୍ଯ୍ୟନ୍ତ ସହଜରେ ପହଞ୍ଚିପାରିବେ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ପ୍ରଫେସନାଲମାନଙ୍କ ସେବା ସେମାନଙ୍କୁ ଉପଲବ୍ଧ ହୋଇପାରିବ ତାହାର ଆନୁଷ୍ଠାନିକ ବ୍ୟବସ୍ଥାକରଣ
- ଘରୋଇ ସ୍ୱାସ୍ଥ୍ୟସେବା କ୍ଷେତ୍ର ସହିତ ସହଭାଗୀତା ସ୍ଥାପନ । ସ୍ୱାସ୍ଥ୍ୟସେବା ଯୋଗାଣକାରୀମାନଙ୍କ ପର୍ଯ୍ୟନ୍ତ ସହଜରେ ପହଞ୍ଚ ଏବଂ ସେମାନଙ୍କ ଉପଲବ୍ଧତା ।
- **ସ୍ୱାସ୍ଥ୍ୟ ଆଇଡି:** ପ୍ରତ୍ୟେକ ବ୍ୟକ୍ତିର ସ୍ୱାସ୍ଥ୍ୟ ସେବା ରେକର୍ଡ଼କୁ ତାଙ୍କର ମୋବାଇଲ ନମ୍ବର ଏବଂ ଆଧାର ନମ୍ବର ସହିତ ଯୋଡ଼ି ସେମାନଙ୍କୁ ଏକ ଅଭିନବ ପରିଚୟ ପତ୍ର ପ୍ରଦାନ
- **ବୃତ୍ତିଗତ ସ୍ୱାସ୍ଥ୍ୟସେବା ପଂଜିକା:** ପଂଜୀକୃତ ଡାକ୍ତର, ନର୍ସ, ପାରା ମେଡ଼ିକ୍ ଷ୍ଟାଫ୍, ସେମାନଙ୍କର ବିଶେଷ ଜ୍ଞାନ ଓ ଅନ୍ୟାନ୍ୟ ତତ୍‌ସଂପର୍କୀତ ସୂଚନା ସହିତ ଏକ ପଂଜିକା (ରେଜିଷ୍ଟ୍ରି) ପ୍ରସ୍ତୁତ କରିବା ।
- **ସ୍ୱାସ୍ଥ୍ୟସେବା ଯୋଗାଣକାରୀ କେନ୍ଦ୍ରର ପଂଜିକା:** ଦେଶର ସମସ୍ତ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟସେବା ସୁବିଧାର ଏକ ସୂଚନା ପଂଜିକା ପ୍ରସ୍ତୁତ କରିବା ।
- **ବ୍ୟକ୍ତିଗତ ସ୍ୱାସ୍ଥ୍ୟ ରେକର୍ଡ଼ ଆପ୍ଲିକେଶନ:** ଜଣେ ବ୍ୟକ୍ତିର ଆରୋଗ୍ୟ ସେତୁ ଆପ୍ ସହିତ ସଂଯୁକ୍ତ ସ୍ୱ-ପରିଚାଳିତ ସ୍ୱାସ୍ଥ୍ୟ ରେକର୍ଡ଼ ।
- ଜନସାଧାରଣଙ୍କ ସୁବିଧା ନିମନ୍ତେ ଡାକ୍ତର ଓ ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ପହଞ୍ଚ ବ୍ୟବସ୍ଥାକୁ ଆହୁରି ସକ୍ରିୟ ଓ ସହଜସାଧ୍ୟ କରିବା ।
- ଏହି କାର୍ଯ୍ୟକ୍ରମ ଦୂରଦୂରାନ୍ତ ତଥା ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସମାନ ଭାବେ ସହାୟକ ହେବ । ସମାଜର ତୃଣମୂଳ ସ୍ତରରେ ବସବାସ କରୁଥିବା ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁବିଧା ଯୋଗାଣ ମଧ୍ୟ ସୁଲଭ ହୋଇପାରିବ ।
- ଏହି ଦିଗରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସଂପର୍କୀତ ତଥ୍ୟାବଳୀକୁ ଗୋପନୀୟ ରଖାଯିବା ଉପରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି ।

Scan the QR code to listen to the Prime Minister's address at the launch of Digital Health Mission.

**କ୍ୟାବିନେଟ ନିଷ୍ପତ୍ତି**

# ଏଣିକି ଅଟୋମୋବାଇଲ୍ - ଡ୍ରୋନ ଶିଳ୍ପ କ୍ଷେତ୍ରକୁ ଉତ୍ପାଦନ ନିମନ୍ତେ 'ପ୍ରୋତ୍ସାହନ' ଦିଆଯିବ

ଉତ୍ପାଦନ ଆଧାରିତ ପ୍ରୋତ୍ସାହନ (ପିଏଲଆଇ) ଭାରତକୁ ଆତ୍ମନିର୍ଭର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସେଥିପାଇଁ ଚଳିତ ବର୍ଷର ବଜେଟରେ ୧.୯୭ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ଏବଂ ଏଥିପାଇଁ ଦେଶର ୧୩ଟି କ୍ଷେତ୍ରକୁ ବଛାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ଏହା ମାଧ୍ୟମରେ ୩୭.୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ଅତିରିକ୍ତ ଉତ୍ପାଦନ କରାଯାଇପାରିବ ଏବଂ ସେଥିସହ ସେହିସବୁ କ୍ଷେତ୍ରରେ ୧ କୋଟି ଅତିରିକ୍ତ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବାର ଆଶା କରାଯାଉଛି । ନିକଟରେ କେନ୍ଦ୍ର କ୍ୟାବିନେଟ ଅଟୋମୋବାଇଲ୍ ଓ ଡ୍ରୋନ ଶିଳ୍ପ ନିମନ୍ତେ ପିଏଲଆଇ ଘୋଷଣା କରିଛନ୍ତି ।ଏହି ଦୁଇ କ୍ଷେତ୍ର ଭାରତକୁ ପର୍ଯ୍ୟାବରଣ କ୍ଷେତ୍ରରେ ସ୍ୱଚ୍ଛ କରିବାରେ ସହାୟକ ହେବ ଏବଂ ଇଲେକ୍ଟ୍ରିକ୍ ଯାନବାହନ ଓ ଯାନବାହନମାନଙ୍କରେ ହାଇଡ୍ରୋଜେନ ଇନ୍ଧନ ବ୍ୟବହାର ବୃଦ୍ଧି କରିବ ।



**ନିଷ୍ପତ୍ତି: ଅଟୋମୋବାଇଲ ଓ ଡ୍ରୋନ୍ ଶିଳ୍ପ ଉତ୍ପାଦନ ଆଧାରିତ ପ୍ରୋତ୍ସାହନ (ପିଏଲଆଇ)ରେ ସାମିଲ ।**

ପ୍ରଭାବ: ଏହା ଦେଶର ଅଟୋମୋବାଇଲ୍ ଏବଂ ଡ୍ରୋନ୍ ଉତ୍ପାଦନ ଶିଳ୍ପ ସଂସ୍ଥାମାନଙ୍କୁ ପ୍ରୋତ୍ସାହନ ଯୋଗାଇବ । ସେହିଭଳି ଅତ୍ୟାଧୁନିକ, ଅଧିକ ସକ୍ରିୟ ଏବଂ ପରିବେଶ ଅନୁକୂଳ ଅଟୋମୋଟିଭ୍ ପ୍ରଯୁକ୍ତିକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଏହି ବ୍ୟବସ୍ଥା ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ଏଭଳି ଶିଳ୍ପସଂସ୍ଥାମାନଙ୍କୁ ମୋଟ ୨୬,୦୫୮ କୋଟି ଟଙ୍କା ପ୍ରଦାନ କରାଯିବାକୁ ସରକାର ନିଷ୍ପତ୍ତି କରିଛନ୍ତି ।

- ଦେଶର ଅଟୋ ସେକ୍ଟରକୁ ଏଥିପାଇଁ ସବୁଜ ସଂକେତ ମିଳିଛି ଯାହା ଦ୍ୱାରା ଭାରତରେ ସେମାନେ ଅଧିକ ଗୁଣାତ୍ମକ ମାନଯୁକ୍ତ ଅତ୍ୟାଧୁନିକ ଅଟୋମୋଟିଭ୍ ପ୍ରଯୁକ୍ତିଯୁକ୍ତ ଉତ୍ପାଦ ନିମ୍ନଲିଖିତ ଉପାୟରେ ପ୍ରସ୍ତୁତ କରିପାରିବେ-
- ୭.୬ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ଅତିରିକ୍ତ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିବ । ସେହିଭଳି ଏହି ଦୁଇ କ୍ଷେତ୍ରରେ ୪୨,୫୦୦ କୋଟି ଟଙ୍କାର ପୁଂଜି ନିବେଶର ସୁଯୋଗ ସୃଷ୍ଟି ହେବ ଓ ଏହା ଦ୍ୱାରା ଆଗାମୀ ୫ ବର୍ଷ ମଧ୍ୟରେ ୨.୩ ଲକ୍ଷ କୋଟି ଟଙ୍କାର ତଦନୁପାତିକ ଉତ୍ପାଦନ ହୋଇପାରିବ ।
- ଇଲେକ୍ଟ୍ରିକ୍ ଯାନ ଏବଂ ହାଇଡ୍ରୋଜେନ୍ ଇନ୍ଧନ ସେଲଯୁକ୍ତ ଯାନ ଉତ୍ପାଦନକୁ ପ୍ରୋତ୍ସାହନ ମିଳିବ । ଭାରତର ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ ଓ ତାହା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ସହାୟକ ହେବ । ବିଶ୍ୱ ଅଟୋମୋଟିଭ ବଜାରରେ ଭାରତର ଅଂଶ ବୃଦ୍ଧି ପାଇବ ।
- ଏବେ ଅଟୋମୋଟିଭ କ୍ଷେତ୍ରକୁ ପିଏଲଆଇ ଯୋଜନାରେ ସାମିଲ କରାଯାଇଛି । ଇତି ପୂର୍ବରୁ ଆରମ୍ଭ କରାଯାଇଥିବା ପିଏଲଆଇ ଯୋଜନାରେ ଆଡଭାନ୍ସଡ୍ କେମିଷ୍ଟ୍ରୀ ସେଲ୍ (ଏସିସି) (୧୮,୧୦୦ କୋଟି ଟଙ୍କା) ଏବଂ ଫାଷ୍ଟର ଆଡାପସନ ଅଫ୍ ମାନୁଫକ୍‌ଚରିଂ ଅଫ୍ ଇଲେକ୍ଟ୍ରିକ୍ ଭେହିକିଲ୍ସ (ଫେମ୍) (୧୦,୦୦୦ କୋଟି ଟଙ୍କା)କୁ ସାମିଲ କରାଯିବା ଦ୍ୱାରା ଭାରତ ପାରମ୍ପରିକ ଜୀବାଶ୍ମ ଇନ୍ଧନଯୁକ୍ତ ଅଟୋମୋଟିଭ୍ ପରିବହନ ବ୍ୟବସ୍ଥା ପର୍ଯ୍ୟାୟରୁ ବେଶ୍ ଆଗକୁ ପ୍ରଗତି କରିବାକୁ ସକ୍ଷମ ହୋଇପାରିବ ।

**ଡ୍ରୋନ୍ ଶିଳ୍ପକୁ ପ୍ରୋତ୍ସାହନ ମିଳିବ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତି ନିମ୍ନଲିଖିତ ଉପାୟରେ ପ୍ରସାରିତ ହେବ:**

ଆସନ୍ତା ୩ ବର୍ଷ ମଧ୍ୟରେ ୫ ହଜାର କୋଟି ଟଙ୍କାରୁ ଅଧିକ ପରିମାଣର ନିବେଶ ସୁଯୋଗ ସୃଷ୍ଟି ହେବ । ସେହିଭଳି ଏପ୍ରକାର ନିବେଶ ଦ୍ୱାରା ୧୫୦୦ କୋଟି ଟଙ୍କା ମୂଲ୍ୟର ତଦନୁପାତିକ ଉତ୍ପାଦନ ବୃଦ୍ଧି ପାଇବ। ଏହା ଫଳରେ ୧୦ ହଜାରରୁ ଅଧିକ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ।

**ନିଷ୍ପତ୍ତି: ଟେଲିକମ୍ କ୍ଷେତ୍ରରେ ଅନେକ ଢାଂଚାଗତ ଓ ପ୍ରକ୍ରିୟାଯୁକ୍ତ ସଂସ୍କାର ଘଟାଯାଇଛି ଯଦ୍ୱାର ନୂତନ ଭାରତ ପାଇଁ ଏକ ସୁଦୃଢ଼ ଟେଲିକମ୍ କ୍ଷେତ୍ର ସୃଷ୍ଟି ହୋଇପାରିବ ।**

ପ୍ରଭାବ: ଏହିସବୁ ସଂସ୍କାର ଦ୍ୱାରା ନିଯୁକ୍ତିକୁ ସୁରକ୍ଷିତ ରଖାଯାଇପାରିବ



ଏବଂ ନୂତନ କର୍ମସଂସ୍ଥାନ ସୃଷ୍ଟିର ସୁଯୋଗ ସୃଷ୍ଟି ହୋଇପାରିବ । ନୂତନ ସଂସ୍କାର ପ୍ରକ୍ରିୟା ଦ୍ୱାରା ସୁସ୍ଥ ପ୍ରତିଯୋଗୀତାର ବାତାବରଣ ସୃଷ୍ଟି ହେବ । ଏହାଦ୍ୱାରା ଉପଭୋକ୍ତାମାନଙ୍କ ସ୍ୱାର୍ଥ ଅଧିକ ମାତ୍ରାରେ ସୁରକ୍ଷିତ ହେବ । ଏହା ଟେଲିକମ୍ କମ୍ପାନୀମାନଙ୍କୁ ସେମାନଙ୍କର ଲିକୁଡ଼ିଟି ପୁଂଜି କରାଇବ ଓ କମ୍ପ୍ଲିଆନ୍ ବୋଝ ହ୍ରାସ କରିବ । ସର୍ବୋପରି ଏହି ସଂସ୍କାର ଦେଶର ଟେଲିକମ୍ କ୍ଷେତ୍ରରେ ଅଧିକ ପୁଂଜି ନିବେଶର ସୁଯୋଗ ସୃଷ୍ଟି କରିବ ।

- ନଅଟି ଢାଂଚାଗତ ସଂସ୍କାର ଏବଂ ପାଞ୍ଚଟି ବିଧିଗତ ସଂସ୍କାର ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇଛି । ସେଥିରେ ଅନ୍ୟ ଯୋଗାଯୋଗ କମ୍ପାନୀମାନଙ୍କୁ ପ୍ରଦାନ କରାଯିବାକୁ ଥିବା ରାଶି ନିମନ୍ତେ ଚାରିବର୍ଷ ପର୍ଯ୍ୟନ୍ତ ମୋରାଟୋରିଅମ୍ ଘୋଷଣା କରାଯାଇଛି ।
- ଏହି କ୍ଷେତ୍ର ନିମନ୍ତେ ୧୦୦ ପ୍ରତିଶତ ବିଦେଶୀ ପ୍ରତ୍ୟକ୍ଷ ପୁଂଜି ନିବେଶକୁ ଅନୁମତି ପ୍ରଦାନ କରାଯାଇଛି । ନିଯୁକ୍ତ, ବିକାଶ ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହନ ନିମନ୍ତେ ଆବଶ୍ୟକ ସଂସ୍କାର କରାଯାଇଛି। ୪ଜି, ସାର୍ବଜନିନ ବ୍ରଡବ୍ୟାଣ୍ଡ ହାସଲ, ୫ଜିରେ ନିବେଶ ପ୍ରସାରକୁ ପ୍ରୋତ୍ସାହିତ କରାଯାଇଛି । ▪

# ଭାରତର ପ୍ରଗତିରେ ବିଶ୍ୱ ପ୍ରଗତି ନିହିତ

**କୋଭିଡ ପରବର୍ତ୍ତୀ ଦୃଶ୍ୟପଟ୍ଟରେ ଭାରତର ବିଶ୍ୱସ୍ତରୀୟ ମର୍ଯ୍ୟାଦା ଅତି ମାତ୍ରାରେ ବୃଦ୍ଧି ପାଇଛି । ସମଗ୍ର ବିଶ୍ୱ ଏବେ ଭାରତ ଆଡକୁ ଏକ ନୂତନ ଆଶାର ଦୃଷ୍ଟିରେ ପ୍ରତୀକ୍ଷା କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ମାସରେ ତାଙ୍କର ୬୫ ଘଂଟିଆ ଆମେରିକା ଯାତ୍ରା ଓ ଅବସ୍ଥାନ କାଳରେ ସେଠାରେ ୨୪ ଟି ବୈଠକରେ ଯୋଗ ଦେଇଥିଲେ । ମିଳିତ ଜାତିସଂଘର ମଞ୍ଚଠାରୁ ଆରମ୍ଭ କରି ଅନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଶିଖର ଆଲୋଚନାରେ ଭାଗ ନେଇଥିଲେ । ଏହି ଅବସରରେ ସେ ସମସ୍ତଙ୍କୁ ଗୋଟିଏ ବାର୍ତ୍ତା ଦେଇଥିଲେ- ତାହା ହେଉଛି, ଭାରତର ପ୍ରଗତିରେ ସମଗ୍ର ବିଶ୍ୱର ପ୍ରଗତି ନିହିତ ।**



Scan the QR code to listen to the Prime Minister's address at the United Nations.

ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟର ସହ ବିଚାର କରାଯାଏ ତେବେ ମୋ ଦେଶ ହେଉଛି ଶାଶ୍ୱତ ଓ ଅମର । ବିଶ୍ୱ ଯେତେବେଳେ ମୋ ଦେଶକଥା ସ୍ମରଣ କରୁଛି, ସେତେବେଳେ ମୋ ଦେଶର ଭବିଷ୍ୟତକୁ ଜଳଜଳ କରି ଦେଖିପାରୁଛି । ବିଶ୍ୱ ଗର୍ବର ସହ କହିବା ଉଚିତ ଯେ ଏହା ସେହିଭଳି ଏକ ରାଷ୍ଟ୍ର, ଯାହା ମାନବକଲ୍ୟାଣ ନିମନ୍ତେ ଭବିଷ୍ୟତ ପାଇଁ ପଥ ପ୍ରଦର୍ଶନ କରିବ । ବିଶ୍ୱକୁ ସଂକଟରୁ ଉଦ୍ଧାର କରିବା ଲାଗି ଏହି ରାଷ୍ଟ୍ରର ସାମର୍ଥ୍ୟ ରହିଛି । ଏହା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଚ୍ଚାରଣ କରିଥିବା କେତୋଟି ଶବ୍ଦ ନୁହେଁ, ବରଂ ଏହା ହେଉଛି ତାଙ୍କର ପ୍ରତିବଦ୍ଧତା, ଯାହା ଭାରତକୁ ବିଶ୍ୱର

# ଭାରତ-ଆମେରିକା ଦ୍ୱିପାକ୍ଷିକ ଶିଖର ବୈଠକ

## ଭାରତ-ପ୍ରଶାନ୍ତମହାସାଗରୀୟ କ୍ଷେତ୍ର ଓ ବାଣିଜ୍ୟ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଜୋ-ବାଇଡେନ ଉଭୟ ଦେଶ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନାରେ ଅଧ୍ୟକ୍ଷତା କରିଥିଲେ । ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା କହିବା ଅନୁସାରେ ଓଭାଲ ଅଫିସଠାରେ ଅନୁଷ୍ଠିତ ଏହି ବୈଠକ ନିର୍ଦ୍ଧାରିତ ୬୦ ମିନିଟ୍ ପରିବର୍ତ୍ତେ ୯୦ ମିନିଟରୁ ଅଧିକ ସମୟ ଧରି ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରପତି ବାଇଡେନ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ସୁଦୃଢ କରିବା ନିମନ୍ତେ ତାଙ୍କର ସ୍ପଷ୍ଟ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ । ଉଭୟ ନେତା ଦୁଇଦେଶ ମଧ୍ୟରେ ଅତ୍ୟାଧୁନିକ ଶିଳ୍ପ ସହଯୋଗ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ନିବିଡ଼ ସହଯୋଗକୁ ସ୍ୱାଗତ କରିଥିଲେ ।



### ପ୍ରଧାନମନ୍ତ୍ରୀଙ୍କ ବିବୃତି-

- ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ ପରେ ଆପଣ (ରାଷ୍ଟ୍ରପତି ବାଇଡେନ) କୋଭିଡ, ଜଳବାୟୁ ପରିବର୍ତ୍ତନ ଓ କ୍ୱାଡ୍ ଭଳି ପ୍ରସଙ୍ଗ ଉପରେ ଅଧିକ ଗୁରୁତ୍ୱାରୋପ କରିଛନ୍ତି ।
- ମହାତ୍ମା ଗାନ୍ଧୀ ସଦାବେଳେ କହୁଥିଲେ ଯେ ଆମେ ହେଉଛୁ ଏ ବିଶ୍ୱର ଟ୍ରଷ୍ଟି । ଏହି ଭାବନା ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ସୁଦୃଢ କରିବ ।
- ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧିର ନିଜସ୍ୱ ଗୁରୁତ୍ୱ ରହିଛି । ଚଳିତ ଦଶନ୍ଧିରେ ଆମେ ବାଣିଜ୍ୟ କ୍ଷେତ୍ରରେ ପରସ୍ପରର ସହାୟକ ହୋଇପାରିବା ।
- ଆମେରିକା ନିକଟରେ ଏଭଳି ଅନେକ ଜିନିଷ ଅଛି, ଯାହା ଭାରତ ପାଇଁ ଖୁବ୍ ଆବଶ୍ୟକ । ସେହିଭଳି ଭାରତ ପାଖରେ ଅନେକ ଜିନିଷ ରହିଛି ଯାହା ଆମେରିକା ପାଇଁ ଏକାନ୍ତ ଜରୁରି ।
- ଭାରତ-ଆମେରିକା ମଧ୍ୟରେ ଥିବା ସଂପର୍କରେ ଏବେ ବୈପ୍ଳବିକ ପରିବର୍ତ୍ତନ ଓ ପ୍ରଗତି ଦେଖାଦେଇଛି । ଆମେ ଗଣତାନ୍ତ୍ରିକ ପରମ୍ପରା ଓ ମୂଲ୍ୟବୋଧ ପାଇଁ ସଂକଳ୍ପବଦ୍ଧ ।

### ରାଷ୍ଟ୍ରପତି ବାଇଡେନଙ୍କ ବିବୃତି

- ମୁଁ ବିଶ୍ୱାସ କରେ ଯେ ଆମେରିକା-ଭାରତ ସଂପର୍କ ଅନେକ ବିଶ୍ୱ ସମସ୍ୟାର ସମାଧାନ କରିପାରିବ ।
- ୨୦୦୬ ମସିହାରେ ମୁଁ କହିଥିଲି ଯେ ୨୦୨୦ ମସିହା ସୁଦ୍ଧା ଭାରତ-ଆମେରିକା ବିଶ୍ୱର ସବୁଠାରୁ ନିବିଡ଼ତମ ସଂପର୍କିତ ରାଷ୍ଟ୍ରରେ ପରିଣତ ହେବେ ।
- ବାଇଡେନ୍ ନିଜର ମୁମ୍ବାଇ ଗସ୍ତର ସ୍ମରଣ କରିଥିଲେ । ସେହି ସମୟରେ ସେ ଆମେରିକାର ଉପରାଷ୍ଟ୍ରପତି ଥିଲେ ।
- ପରିହାସ ଛଳରେ ବାଇଡେନ କହିଥିଲେ ଯେ ମୁମ୍ବାଇରେ ତାଙ୍କର ସଂପର୍କୀୟମାନେ ଅଛନ୍ତି । ମୁମ୍ବାଇର ଜଣେ ବ୍ୟକ୍ତିଙ୍କଠାରୁ ସେ ଗୋଟିଏ ପତ୍ର ପାଇଛନ୍ତି । ଯାହାଙ୍କ ନାମ ମଧ୍ୟ ବାଇଡେନ୍ ।
- ମୁଁ ଆଶା କରୁଛି ଯେ ଉଭୟରାଷ୍ଟ୍ର ମଧ୍ୟରେ ସଂପର୍କ ସୁଦୃଢ ହେବ ଏବଂ ସେମାନେ ଏକ ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର କାଏମ ରଖିବା ଦିଗରେ କାର୍ଯ୍ୟ କରିବେ । ସେହିଭଳି କୋଭିଡ-୧୯ଠାରୁ ନେଇ ଜଳବାୟୁ ପରିବର୍ତ୍ତନ ପର୍ଯ୍ୟନ୍ତ ପ୍ରତ୍ୟେକ ସମସ୍ୟାର ସମାଧାନ ନିମନ୍ତେ ଘନିଷ୍ଠତାର ସହ କାର୍ଯ୍ୟ କରିବେ ।

Scan the QR code to listen to the Prime Minister's address during the India-US bilateral talks.

ଶୀର୍ଷସ୍ଥାନରେ ଅବସ୍ଥାପିତ କରିବ । ସ୍ୱାମୀ ବିବେକାନନ୍ଦ ଭାରତକୁ ବିଶ୍ୱଗୁରୁରେ ପରିଣତ କରିବାର ସ୍ୱପ୍ନ ଦେଖୁଥିଲେ ।

କିନ୍ତୁ ଏହାକୁ ବାସ୍ତବତାରେ ପରିଣତ କରିବାର ଉଦ୍ୟମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ହିଁ ଆରମ୍ଭ ହୋଇଥିଲା । ଗତ କେତେବର୍ଷ ମଧ୍ୟରେ ଭାରତରେ ଘଟିଥିବା ପରିବର୍ତ୍ତନ ବାସ୍ତବିକ ବୈପ୍ଳବାତ୍ମକ । ଏହି କାରଣରୁ ବିଶ୍ୱର ସବୁଠାରୁ ବଡ଼ ସଂକଟ ସମୟରେ ମଧ ଭାରତ ପ୍ରାୟ ୧୫୦ରୁ ଅଧିକ ରାଷ୍ଟ୍ରଙ୍କୁ ସହାୟତା ଯୋଗାଇଥିଲା । ଏବଂ କରୋନା ମହାମାରୀର ଜଟିଳ ସମୟରେ ଏହା କେବଳ ବିଶ୍ୱକୁ ନିଜର ସାମର୍ଥ୍ୟ ପ୍ରଦର୍ଶନ କରିନଥିଲା, ବରଂ ଏହି ସମସ୍ୟାର ସମାଧାନ ନିମନ୍ତେ ଉପଯୁକ୍ତ ସାହସ ପ୍ରଦର୍ଶନ କରିଥିଲା।

ଏହାର ଫଳ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବୈଦେଶିକ ନୀତି ପାଂଚଟି ମୁଖ୍ୟ ଚିନ୍ତାଧାରା ଉପରେ ଆଧାରିତ ହେବାସହ କାର୍ଯ୍ୟକାରୀ କରାଯାଉଛି। ସେହି ପାଂଚଟି ନୀତି ହେଲା- ଆଲୋଚନା, ସମ୍ମାନ, ସହଯୋଗ, ଶାନ୍ତି ଏବଂ ସାର୍ବଜନୀନ ସମୃଦ୍ଧି । ବିଶ୍ୱ ମଂଚରେ ଭାରତ ଏବେ ସୁଦୃଢ ହୋଇଛି। ତାହା ଜି-୨୦, କ୍ୱାଡ୍, ସାଂଘାଇ ସହଯୋଗ ସଂଗଠନ, ୟୁରୋପୀୟ ସଂଘ ଶିଖର ବୈଠକ, ଆସିଆନ୍ ଏବଂ ଇଷ୍ଟର୍ଣ୍ଣ ଇକୋନୋମିକ ଫୋରମ ପର୍ଯ୍ୟନ୍ତ ବ୍ୟାପ୍ତ । ଦେଶର ଇତିହାସରେ ପ୍ରଥମ ଥରପାଇଁ ଜଣେ ପ୍ରଧାନମନ୍ତ୍ରୀ ମିଳିତ ଜାତିସଂଘ ନିରାପତ୍ତା ପରିଷଦର ବୈଠକରେ ଅଧ୍ୟକ୍ଷତା କରିବାର ଗୌରବ ଅର୍ଜନ କରିଛନ୍ତି। ଭାରତକୁ ଏକ ସୁଦୃଢ, ଆଧୁନିକ ଏବଂ ଆତ୍ମନିର୍ଭର ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା କେବଳ ଭାରତ ପାଇଁ ନୁହେଁ, ସମଗ୍ର ମାନବସମାଜ ପାଇଁ ସହାୟକ ହେବ । ଏହି କାରଣରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସେପ୍ଟେମ୍ବର ୨୨-୨୫ ତାରିଖର ଆମେରିକା ଗସ୍ତ ବେଶ୍ ସଫଳ ଥିଲା । ମିଳିତ ଜାତିସଂଘର ମଂଚ ଉପରୁ ସେ ବିଶ୍ୱ ସମୁଦାୟକୁ ଦୃଢ କଣ୍ଠରେ ସ୍ପଷ୍ଟସ୍ୱରରେ କହିଥିଲେ ଯେ ଭାରତ ଏବେ ବିଶ୍ୱର ନେତୃତ୍ୱ ନେବାକୁ ସଂପୂର୍ଣ୍ଣ ପ୍ରସ୍ତୁତ। କାରଣ ବିଶ୍ୱର ବିକାଶ ଓ କଲ୍ୟାଣ ସେତିକିବେଳେ ସମ୍ଭବ ହୋଇପାରିବ, ଯେତେବେଳେ ଭାରତ ବିକାଶ ଲାଭ କରିବ। କାରଣ ଭାରତ ନିକଟରେ ଏବେ ବାସ୍ତବତା ଦୃଷ୍ଟିକୋଣରୁ ଶ୍ରେଷ୍ଠ ମାନବସମ୍ବଳ ରହିଛି ।

### ଭାରତର ମାନବ ସମ୍ବଳ, ବିଶ୍ୱର ଶକ୍ତି

ମିଳିତ ଜାତିସଂଘର ମଂଚ ଉପରୁ ପ୍ରଧାନମନ୍ତ୍ରୀ ଭାରତର ବିଶାଳ ଜନସଂଖ୍ୟାକୁ ବିଶ୍ୱର ମାନବସମ୍ବଳ ଭାବେ ଅଭିହିତ କରିଥିଲେ । ଭାରତର ମହାନ ପରମ୍ପରାର ଦୃଷ୍ଟାନ୍ତ ଦେଇ ସେ କହିଥିଲେ ଯେ ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଭାରତ ଏବେ ତାର ସ୍ୱାଧୀନତାର ୭୫ତମ ବର୍ଷରେ ପାଦ ଦେଇଛି । ଯାହାକି ବିବିଧତା ଓ ସୁଦୃଢ ଗଣତନ୍ତ୍ରର ପ୍ରତୀକ। ସେ କହିଥିଲେ ଯେ ଗୋଟିଏ ରାଷ୍ଟ୍ର ଯେଉଁଠାରେ ଡଜନ ଡଜନ ଭିନ୍ନ ଭିନ୍ନ ଭାଷା, ଶହଶହ କଥା ଏବଂ ବିଭିନ୍ନ ପ୍ରକାରର ଜୀବନଶୈଳୀ ଓ ଖାଦ୍ୟପାନୀୟ ରହିଛି ତାହା ହେଉଛି ଏକ ସ୍ପନ୍ଦିତ ଗଣତନ୍ତ୍ରର ଶ୍ରେଷ୍ଠ ଉଦାହରଣ । ସେ କହିଲେ ଯେ ଆଜି ବିଶ୍ୱର ପ୍ରତି ୬ଜଣ ଲୋକଙ୍କ ଭିତରେ ଜଣେ ହେଉଛନ୍ତି ଭାରତୀୟ । ଯେତେବେଳେ ଭାରତୀୟମାନେ ପ୍ରଗତି କରନ୍ତି, ବିଶ୍ୱ ତାର ପ୍ରଗତିର ଧାରାକୁ ତ୍ୱରାନ୍ୱିତ କରିଥାଏ । ସେ କହିଲେ ଯେ 'ଯେତେବେଳେ ଭାରତର

## କ୍ୱାଡ ଶିଖର ବୈଠକ

# ବିଶ୍ୱ ଶାନ୍ତି ଓ ନିରାପତ୍ତା ସମେତ ଅନେକ ପ୍ରସଙ୍ଗ ଉପରେ ଆଲୋଚନା

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ସେପ୍ଟେମ୍ବର ୨୪ ତାରିଖ ଦିନ ମଧ୍ୟ କ୍ୱାଡ ଚତୁଃପକ୍ଷିୟ ନିରାପତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହା ଭାରତ, ଜାପାନ, ଅଷ୍ଟ୍ରେଲିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଚାରିଗୋଟି ରାଷ୍ଟ୍ରଙ୍କ ଏକ ରଣନୀତିକ ସହଯୋଗ ସଂଗଠନ ।
- ଆମେରିକା ରାଷ୍ଟ୍ରପତି ଜୋ ବାଇଡ଼େନ, ଜାପାନ ପ୍ରଧାନମନ୍ତ୍ରୀ ୟୋସିସେଡ଼େ ସୁଗା ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କର୍ଟ ମୋରିସନ କ୍ୱାଡ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଯୋଗ ଦେଇଥିଲେ । ଏହି ଶିଖର ବୈଠକର ଉଦ୍ଘାଟନ ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ:
- ‘ବିଶ୍ୱର ମଙ୍ଗଳ ସାଧନ ନିମନ୍ତେ ଏକ ଶକ୍ତି’ ଭାବେ କ୍ୱାଡ କାର୍ଯ୍ୟ କରିବ । ମୋର ପୂର୍ଣ୍ଣ ବିଶ୍ୱାସ ଯେ କ୍ୱାଡ ସଂଗଠନରେ ଆମର ସହଯୋଗ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ତଥା ସମଗ୍ର ବିଶ୍ୱରେ ଶାନ୍ତି ଓ ସମୃଦ୍ଧିକୁ ସୁନିଶ୍ଚିତ କରିବା ନିମନ୍ତେ ସହାୟକ ହେବ ।
- କ୍ୱାଡ ଟିକାକରଣ ପ୍ରୟାସ ଭାରତ- ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ରାଷ୍ଟ୍ରମାନଙ୍କର କରୋନା ଟିକାକରଣ ଦିଗରେ ସହାୟକ ହେବ । ସହଭାଗୀ ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରରେ କାର୍ଯ୍ୟ କରିବା ଆଗକୁ ଅଗ୍ରସର ହେବାକୁ କ୍ୱାଡ ନିଷ୍ପତ୍ତି ଗ୍ରହଣ କରିଛି । ଯୋଗାଣ ଚେନ୍, ବିଶ୍ୱ ନିରାପତ୍ତା, ଜଳବାୟୁ ପରିବର୍ତ୍ତନ ଏବଂ କରୋନା ମହାମାରୀ ଭଳି ଅନେକ ପ୍ରସଙ୍ଗ ଉପରେ ଏକତ୍ର କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କରିବା ସକାଶେ କ୍ୱାଡ ସହମତ ହୋଇଛି ।
- ୨୦୦୪ ମସିହାର ସୁନାମୀ ପରଠାରୁ ପ୍ରଥମ ଥର ପାଇଁ କ୍ୱାଡ ସଦସ୍ୟଭୁକ୍ତ ରାଷ୍ଟ୍ରର ନେତୃବର୍ଗ ବ୍ୟକ୍ତିଗତ ଭାବେ ମିଳିତ ହୋଇଛନ୍ତି ଏବଂ ଭାରତ- ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ କାର୍ଯ୍ୟରେ ସହଯୋଗ ନିମନ୍ତେ ମତ ପୋଷଣ କରିଛନ୍ତି । ଆଜି ଯେତେବେଳେ ବିଶ୍ୱ କରୋନା ମହାମାରୀ ବିରୁଦ୍ଧରେ ଲଢ଼େଇ ଜାରି ରଖିଛି, ସେତେବେଳେ ଆମେ ପୁଣି ଥରେ ଏକତ୍ର ଭାବେ ମାନବ ସମାଜର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବାକୁ ଆମର ପ୍ରତିବଦ୍ଧତା ପ୍ରକଟ କରୁଛୁ ।



Scan the QR code to listen to the Prime Minister's address at the Quad Group meeting.

ପ୍ରଗତି ବୃଦ୍ଧିପାଏ, ବିଶ୍ୱ ଆଗକୁ ବଢେ । ଯେତେବେଳେ ଭାରତରେ ସଂସ୍କାର ଘଟେ, ବିଶ୍ୱରେ ପରିବର୍ତ୍ତନ ସମ୍ଭବ ହୋଇଥାଏ । ’

ଏହି ଭାବନାରେ ଉଦ୍‌ବୁଦ୍ଧ ହୋଇ ସେ ଆତ୍ମନିର୍ଭର ଭାରତ ଅଭିଯାନକୁ ଏକ ମନ୍ତ୍ରଭାବେ ଅବତାରଣା କରିବା ସହ ଆଗକୁ ଆଗେଇବା ନିମନ୍ତେ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲେ । ଏହା ଭାରତକୁ ଏକ ଗଣତାନ୍ତ୍ରିକ ଓ ବିଶ୍ୱର ନିର୍ଭରଯୋଗ୍ୟ ସହଭାଗୀ ରାଷ୍ଟ୍ରରେ ପରିଣତ କରିଛି ।

### କରୋନା ମହାମାରୀ ସମୟରେ ଭାରତ ପାଲଟିଛି ବିଶ୍ୱର ତ୍ରାଣକର୍ତ୍ତା

ଗତ ୧୦୦ବର୍ଷ ମଧ୍ୟରେ ସମଗ୍ର ବିଶ୍ୱ ଏବେ କରୋନା ନାମକ ସର୍ବବୃହତ ମହାମାରୀର ସମ୍ମୁଖୀନ ହୋଇଛି । କିନ୍ତୁ ଭାରତରେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଘଟିଥିବା ନବସୃଜନ ସମଗ୍ର ବିଶ୍ୱପାଇଁ ସହାୟକ ହୋଇପାରିଛି । ଏହା ଭାରତୀୟ ବଂଶୋଦ୍ଭବ ଡ଼ାକ୍ତର, ଉଦ୍ଭାବକ, ନବସୃଜନକାରୀ, ଇଞ୍ଜିନିୟର, ମ୍ୟାନେଜର, ଯେଉଁମାନେ କି ବିଦେଶରେ ବସବାସ କରୁଛନ୍ତି, ସେମାନେ ଭାରତୀୟ ଆଦର୍ଶରେ ଉଦବୁଦ୍ଧ ହୋଇ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମାନବସମାଜ ପ୍ରତି ଥିବା ସେବାଭାବନାରେ ନିଜକୁ ନିୟୋଜିତ କରିଛନ୍ତି । କରୋନା ମହାମାରୀ ସମଗ୍ର ବିଶ୍ୱକୁ ଏକ ମହାଶିକ୍ଷା ଦେଇଛି ଯେ ବିଶ୍ୱ ଅର୍ଥନୀତିକୁ ଏବେ ଅଧିକ ପ୍ରସାରିତ ଓ ବିବିଧତାରେ ପରିଣତ କରିବାକୁ ହେବ । ପ୍ରଧାନମନ୍ତ୍ରୀ ମୋଦୀ ମିଳିତ ଜାତିସଂଘ ମଂଚରେ ଏ ପ୍ରସଙ୍ଗ ଉପସ୍ଥାପନ କରି କହିଥିଲେ ଯେ ଭାରତର ଟିକା ଉତ୍ପାଦନର ପ୍ଲାଟଫର୍ମ-କୋୱିନ୍, ଗୋଟିଏ ଦିନରେ କୋଟି କୋଟି ଲୋକଙ୍କୁ ଟିକା ଦେବା ନିମନ୍ତେ ଡିଜିଟାଲ ସହାୟତା ଯୋଗାଇ ଆସିଛି। ସେ କହିଲେ ଯେ ଭାରତ ଯାହା ‘ସେବା ପରମ ଧର୍ମ’ ଆଦର୍ଶରେ ବଂଚିଆସିଛି । ଏବେ ନିଜର ସୀମିତ ସମ୍ବଳ ସତ୍ୱେ ଟିକା ବିକାଶ ଓ ଉତ୍ପାଦନ କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛି । ଭାରତ ବିଶ୍ୱର ପ୍ରଥମ ଡିଏନଏ ଟିକାର ବିକାଶ ଘଟାଇଛି । ଯାହାକି ୧୨ ବର୍ଷରୁ ଅଧିକ ବୟସର ଯେ କୌଣସି ବ୍ୟକ୍ତିଙ୍କୁ ଦିଆଯାଇପାରିବ । ପ୍ରଧାନମନ୍ତ୍ରୀ କହିଲେ ଯେ ଭାରତର ବୈଜ୍ଞାନିକମାନେ କରୋନା ପାଇଁ ନାସିକାରେ ପକାଯିବାକ୍ଷମ ଔଷଧ ଉତ୍ପାଦନରେ ନିୟୋଜିତ ରହିଛି । ଏହା ମାନବସମାଜ ପ୍ରତି ନିଜର ଦାୟିତ୍ୱବୋଧକୁ ସ୍ମରଣ ପୂର୍ବକ ଭାରତ କରିଚାଲିଛି । ଭାରତ ସଦାସର୍ବଦା ବିଶ୍ୱର ସବୁଠାରୁ ଅଧିକ ଟିକା ଆବଶ୍ୟକ ଥିବା ରାଷ୍ଟ୍ରମାନଙ୍କୁ ଯୋଗାଇ ଆସିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଟିକା ପ୍ରସ୍ତୁତ କରିବା ନିମନ୍ତେ ବିଶ୍ୱର ଟିକା ନିର୍ମାତାମାନଙ୍କୁ ଭାରତକୁ ଆସିବା ଲାଗି ଆହ୍ୱାନ ଜଣାଇଥିଲେ । ସେ କହିଲେ ଯେ ଭାରତ ବିଜ୍ଞାନ ଭିତିକ କାର୍ଯ୍ୟପନ୍ଥା ଗ୍ରହଣରୁ ସମସ୍ତ ପ୍ରକାର ବାସ୍ତବ ଶିକ୍ଷା ଲାଭ କରୁଛି ଏବଂ ନିଜକୁ ସୁଦୃଢ କରି ଚାଲିଛି । ତେଣୁ ଦେଶର ବିଦ୍ୟାଳୟମାନଙ୍କରେ ହଜାର ହଜାର ଅଟଳ ଟିଙ୍କରିଂ ଲାବରେଟରୀମାନ ସ୍ଥାପନ କରାଯାଇଛି ।

ଇନକ୍ୟୁବେଟରମାନ ସ୍ଥାପିତ ହୋଇଛି ଏବଂ ଦେଶରେ ଏକ ସୁଦୃଢ଼ ଷ୍ଟାର୍ଟଅପ୍ ବାତାବରଣ ସୃଷ୍ଟି ହୋଇଛି । ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଭାରତ ମହାଶୂନ୍ୟକୁ ୭୫ଟି ଉପଗ୍ରହ ପ୍ରେରଣ କରିବାକୁ ଯାଉଛି । ଏହିସବୁ ଉପଗ୍ରହ ଦେଶର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମିତ ହୋଇଛି ।

**ବିଶ୍ୱ ସ୍ତରରେ ଭାରତର ସଫଳତା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମଗ୍ର ବିଶ୍ୱକୁ ଏହା ଜଣାଇ ଦେଇଥିଲେ ଯେ ଭାରତର ଗଣତନ୍ତ୍ରର କିଭଳି ସାମର୍ଥ୍ୟ ରହିଛି । ଏହି ପ୍ରସଙ୍ଗର ଅବତାରଣା କରି ସେ କହିଥିଲେ ଯେ ଏକଦା ଗୋଟିଏ ରେଳ ଷ୍ଟେସନରେ ନିଜ ପିତାଙ୍କୁ ତା'ଙ୍କ ଚା' ଦୋକାନରେ ସହାୟତା କରୁଥିବା ଏକ ଛୋଟ ବାଳକ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଆଜି ଚତୁର୍ଥ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ଭାବେ ଉଦ୍‌ବୋଧନ ଦେବାର ସୌଭାଗ୍ୟ ପାଇଛି । ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ସର୍ବାଧିକ ସମୟ ରହିଥିବା ଏବଂ ତା' ପରେ ଭାରତର ପ୍ରଧାନମନ୍ତ୍ରୀ ରୂପେ ୭ ବର୍ଷ ଧରି କାର୍ଯ୍ୟ କରି ସେ ଦୀର୍ଘ ୨୦ ବର୍ଷ ଧରି ଦେଶବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଆସିଛନ୍ତି। ସେ କହିଲେ ଯେ ଭାରତର ଗଣତନ୍ତ୍ର ଆଜି ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଆର୍ଥିକ ଆଦର୍ଶ ଓ ଚିନ୍ତାଧାରା 'ଅନ୍ତ୍ୟୋଦୟ'ରେ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପିତ କରିଛି । ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଥିଲେ ଅନ୍ତ୍ୟୋଦୟର ପ୍ରବକ୍ତା ଯାହାର ମୂଳ ଲକ୍ଷ୍ୟ ହେଲା ସମାଜର ସର୍ବଶେଷ ବ୍ୟକ୍ତିଙ୍କ ନିକଟରେ ବିକାଶର ସୁଫଳକୁ ପହଞ୍ଚାଇବା। ସମାନ୍ତରାଳ ଭାବେ, 'ସମସ୍ତଙ୍କ ପାଇଁ ବିକାଶ' ହେଉଛି ଆଜିର ନୂତନ ଭାରତର ଆଭିମୁଖ୍ୟ ଏବଂ ଏହା ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଉଛି । ଏହା ଫଳରେ, ଗତ ସାତ ବର୍ଷ ମଧ୍ୟରେ, ଭାରତର ୪୩ କୋଟିରୁ ଅଧିକ ନାଗରିକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହିତ ସଂଯୋଗ କରାଯାଇଛି । ସେମାନେ ଏପର୍ଯ୍ୟନ୍ତ ସେହି ସୁଯୋଗରୁ ବଞ୍ଚିତ ରହି ଆସିଥିଲେ । ସେହିଭଳି, ୩୬ କୋଟିରୁ ଅଧିକ ଗରିବ ଲୋକଙ୍କୁ ବୀମା ବ୍ୟବସ୍ଥାରେ ସାମିଲ କରାଯାଇଛି। ପୂର୍ବରୁ ସେମାନେ କେବେ ସେକଥା ଚିନ୍ତା ସୁଦ୍ଧା କରିନଥିଲେ । ପ୍ରାୟ ୫୦ କୋଟିରୁ ଅଧିକ ନାଗରିକଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଯାଇ ଭାରତ ସେମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସହିତ ସଂଯୋଗ କରିପାରିଛି। ଭାରତରେ ୩ କୋଟି ବାସହୀନ ଲୋକଙ୍କୁ ପକ୍କା ଘର ଯୋଗାଇ ଦିଆଯାଇଛି । କେବଳ ସେତିକି ନୁହେଁ, ପ୍ରଦୂଷିତ ଜଳ କେବଳ ଭାରତ ପାଇଁ ନୁହେଁ ସମଗ୍ର ବିଶ୍ୱ ପାଇଁ ଏକ ବିରାଟ ସମସ୍ୟା ହୋଇ ରହି ଆସିଥିଲା । ବିଶେଷ କରି ଦରିଦ୍ର ଓ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଏହି ସମସ୍ୟା ସବୁଠାରୁ ଉତ୍କଟ ହୋଇ ରହିଥିଲା । କିନ୍ତୁ ଏହି ସମସ୍ୟାର ମୁକାବିଲା କରି ଭାରତ ଏହା ବିରୋଧରେ ଏକ ବିରାଟ ଅଭିଯାନ ଆରମ୍ଭ କରିଛି ଏବଂ ୧୭୦ ନିୟୁତରୁ ଅଧିକ ଘରକୁ ପାଇପ ଯୋଗେ ସ୍ୱଚ୍ଛ ଜଳ ଯୋଗାଇ ଦିଆଯାଇଛି ।

ବିଶ୍ୱର ବଡ଼ ବଡ଼ ସଂଗଠନମାନେ ସ୍ୱୀକାର କରିଛନ୍ତି ଯେ ଯେକୌଣସି ରାଷ୍ଟ୍ରର ବିକାଶ ନିମନ୍ତେ ଏହାର ନାଗରିକମାନଙ୍କର ଭୂମି ଓ ଘର ଉପରେ ସମ୍ପତ୍ତି ଅଧିକାର ପ୍ରଦାନ ଏକାନ୍ତ ଜରୁରି । ତାହା ହେଉଛି ସେଭଳି ସମ୍ପତ୍ତିର ମାଲିକାନା ରେକର୍ଡ । ବିଶ୍ୱର ବହୁ ବଡ଼ ବଡ଼ ରାଷ୍ଟ୍ରମାନଙ୍କରେ ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କ ପାଖରେ ଏଭଳି ସମ୍ପତ୍ତିଗତ ଅଧିକାର ରେକର୍ଡ଼ ନାହିଁ । କିନ୍ତୁ ଆଜି ଆମେ ନାଗରିକମାନଙ୍କୁ ସେମାନଙ୍କ ଦ୍ୱାରମୁହଁରେ ଏଭଳି ଜମି ଓ ଘରବାଡ଼ିର ଡିଜିଟାଲ ରେକର୍ଡ଼ ପହଞ୍ଚାଇବାର ବ୍ୟବସ୍ଥା କରୁଛୁ । କୋଟି କୋଟି ଲୋକଙ୍କ ଜମିବାଡ଼ିକୁ ଡ୍ରୋନ୍ ସହାୟତାରେ ମପାଯାଉଛି ଏବଂ ଏହି କାର୍ଯ୍ୟ ଭାରତର ୬ ଲକ୍ଷରୁ ଅଧିକ ଗ୍ରାମରେ ସଂପାଦିତ ହେଉଛି ।

**ଆତଙ୍କବାଦ ବିରୋଧରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ**

ବିଶ୍ୱ ଶାନ୍ତି ଓ ସଂହତିର ସୁରକ୍ଷା ନିମନ୍ତେ ଭାରତ ସଦା ସର୍ବଦା ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଆସୁଛି । ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଜାତିସଂଘ ସାଧାରଣ ପରିଷଦରେ ନିଜର ଭାଷଣ ପ୍ରସଙ୍ଗରେ କୌଣସି ରାଷ୍ଟ୍ରର ନାମ ଉଲ୍ଲେଖ ନକରି କହିଥିଲେ ଯେ କୌଣସି ରାଷ୍ଟ୍ର ନିଜର ସ୍ୱାର୍ଥସିଦ୍ଧି ନିମନ୍ତେ କୌଣସି ସ୍ପର୍ଶକାତର ସ୍ଥିତିକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଅନୁଚିତ । ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରି ପ୍ରଧାନମନ୍ତ୍ରୀ କହିଲେ ଯେ ସମ୍ପ୍ରତି ଆଫଗାନିସ୍ତାନରେ ଯେଉଁ ସ୍ଥିତି ଉପୁନ୍ନ ହୋଇଛି ସେଥିରେ ସେଠାକାର ନାଗରିକ, ମହିଳା, ଶିଶୁ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କର ଏବେ ସହାୟତା ଆବଶ୍ୟକ । ଏଥିରେ ସମସ୍ତେ ନିଜ ନିଜର ଦାୟିତ୍ୱ ବହନ କରିବା ଉଚିତ । ଯେଉଁ ରାଷ୍ଟ୍ର ଆତଙ୍କବାଦକୁ ସମର୍ଥନ ଯୋଗାଉଛନ୍ତି ସେମାନଙ୍କୁ ଚେତାବନୀ ଦେଇ ପ୍ରଧାନମନ୍ତ୍ରୀ କହିଲେ ଯେ ଆତଙ୍କବାଦ ଏଭଳି ଏକ ସାଧନ ତାହାକୁ ଯେଉଁମାନେ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି ତାହା ସେମାନଙ୍କ ପାଇଁ ମଧ୍ୟ ସେତିକି ବିପଦ ହୋଇପାରେ । ସେମାନେ ତାହା ଭଲ ରୂପେ

## ଉପରାଷ୍ଟ୍ରପତି କମଳା ହାରିସଙ୍କ ସହ ସାକ୍ଷାତ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମିଳିତ ଯୁକ୍ତରାଷ୍ଟ୍ର ଆମେରିକାର ଉପରାଷ୍ଟ୍ରପତି କମଳା ହାରିସଙ୍କୁ ସାକ୍ଷାତ କରିଥିଲେ । ତାଙ୍କ ସହିତ ଏହି ସାକ୍ଷାତ ଆଲୋଚନା ୨୦୨୧ ସେପ୍ଟେମ୍ବର ୨୩ ତାରିଖ ଦିନ ୱାସିଂଟନ ଡିସିଠାରେ ହୋଇଥିଲା । ଏହି ଦୁଇ ନେତା ନିଜ ନିଜ ଦେଶରେ କୋଭିଡ-୧୯ ସମ୍ପର୍କିତ ସ୍ଥିତି ଆଲୋଚନା କରିଥିଲେ। ଏଥିସହିତ ଟିକାକରଣର ତ୍ୱରିତ ପଦକ୍ଷେପ, ଜରୁରୀ ଔଷଧର ଯୋଗାଣ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ଯନ୍ତ୍ର କ୍ଷେତ୍ରରେ ଆବଶ୍ୟକ ହେଉଥିବା ଯନ୍ତ୍ରପାତିର ଯୋଗାଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ଆମ ଦେଶରେ ନିକଟରେ ଜାତୀୟ ଉଦଯାନ ମିଶନ ଆରମ୍ଭ ହୋଇଥିବା ଏବଂ ଏ ଦିଗରେ ଅକ୍ଷୟ ଶକ୍ତି ବ୍ୟବହାର ଦିଗରେ ହେଉଥିବା ଅବିଶ୍ରାନ୍ତ ଚେଷ୍ଟା ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଆମେରିକା ଉପରାଷ୍ଟ୍ରପତି କମଳା ହାରିସଙ୍କୁ ଭାରତ ଗସ୍ତ ନିମନ୍ତେ ନିମନ୍ତ୍ରଣ କରିଥିଲେ ।



Scan QR code to watch video of talks with US Vice President Kamala Harris.

## ଜାପାନ ପ୍ରଧାନମନ୍ତ୍ରୀ ମହାନୁଭବ ସୁଗା ୟୋସିହିଡ଼େଙ୍କ ସହିତ ସାକ୍ଷାତ

ଜାପାନ ପ୍ରଧାନମନ୍ତ୍ରୀ ମହାନୁଭବ ସୁଗା ୟୋସିହିଡ଼େଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହା ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତ। ଉଭୟ ପ୍ରଧାନମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ଥିବା ବିବିଧ ସଂପର୍କର ପ୍ରଗତି ପ୍ରସଙ୍ଗରେ ସମୀକ୍ଷା କରିଥିଲେ ଏବଂ ନିକଟରେ ଘଟିଥିବା



ବିଭିନ୍ନ ବିଶ୍ୱ ଓ କ୍ଷେତ୍ରୀୟ ଘଟଣାବଳୀ ଯେଉଁଥିରେ ଆଫଗାନିସ୍ତାନ ପ୍ରସଙ୍ଗ ସାମିଲ, ସେ ସଂପର୍କରେ ଆଲୋଚନା କରିଥିଲେ । ସେମାନେ ଏକ ମୁକ୍ତ, ଅବାଧ ଓ ସମାବେଶୀ ଭାରତ- ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ନିମନ୍ତେ ନିଜର ପ୍ରତିଶ୍ରୁତିବଦ୍ଧତା ପ୍ରକଟ କରିଥିଲେ । ସେମାନେ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଆର୍ଥିକ ସହଭାଗୀତାକୁ ସ୍ୱାଗତ କରିଥିଲେ ଏବଂ ମୁମ୍ବାଇ- ଅହମ୍ମଦାବାଦ ହାଇ ସ୍ପିଡ୍ ରେଳ (ଏମଏଏଚଏସଆର) ପ୍ରକଳ୍ପର ସୁଗମ ଓ ସମୟୋଚିତ ପ୍ରବର୍ତ୍ତନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧତା ପ୍ରକଟ କରିଥିଲେ ।

## ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କର୍ଟ ମୋରିସନଙ୍କ ସହିତ ସାକ୍ଷାତ

ସେପ୍ଟେମ୍ବର ୨୩ ତାରିଖ ଦିନ ୱାସିଂଟନ ଡିସି ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ୱାଡ ଶିଖର ବୈଠକ ପୃଷ୍ଠଭୂମିରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କର୍ଟ ମୋରିସନଙ୍କ ସହିତ ଦ୍ୱିପାକ୍ଷିକ ବୈଠକରେ ମିଳିତ ହୋଇଥିଲେ। ଏହି ବୈଠକ ଅବସରରେ ଉଭୟ ପ୍ରଧାନମନ୍ତ୍ରୀ ବିଭିନ୍ନ ଦ୍ୱିପାକ୍ଷିକ, କ୍ଷେତ୍ରୀୟ ଓ ବିଶ୍ୱସ୍ତରୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଉଭୟ ରାଷ୍ଟ୍ର ମଧ୍ୟରେ ନିୟମିତ ବ୍ୟବଧାନରେ ଅନୁଷ୍ଠିତ ହେଉଥିବା ଉଚ୍ଚସ୍ତରୀୟ



ଆଲୋଚନାରେ ସନ୍ତୋଷ ବ୍ୟକ୍ତ କରିଥିଲେ । ସେଥି ମଧ୍ୟରେ ନିକଟରେ ଅନୁଷ୍ଠିତ ଭାରତ- ଅଷ୍ଟ୍ରେଲିଆ ବୈଦେଶିକ ମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ୨+୨ କଥାବାର୍ତ୍ତା ସାମିଲ। ଉଭୟ ପ୍ରଧାନମନ୍ତ୍ରୀ ପାରସ୍ପରିକ ହିତକର କ୍ଷେତ୍ରରେ ତଥା ଏକ ମୁକ୍ତ, ଅବାଧ, ସମୃଦ୍ଧ ଏବଂ ନୀତିଭିତ୍ତିକ ଭାରତ - ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ବଜାୟ ରଖିବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ପ୍ରକଟ କରିଥିଲେ ।



## ନୂତନ ଭାରତ ନିର୍ମାଣ ନିମନ୍ତେ ବିଶ୍ୱର ପ୍ରମୁଖ କର୍ପୋରେଟ୍ ହସ୍ତୀମାନେ ବଢ଼ାଇଲେ ସହଯୋଗର ହାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଆମେରିକା ଗସ୍ତର ପ୍ରଥମ ଦିନରେ ବିଶ୍ୱର ପାଞ୍ଚଟି ବୃହତ୍ କର୍ପୋରେଟ ହାଉସର ସିଇଓମାନଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ । ସେମାନଙ୍କ ମଧ୍ୟରେ ଜେନେରାଲ ଅଟୋମିକ୍ସର ବିବେକ ଲାଲ, ଆଡ଼ୋବର ଶାନ୍ତନୁ ଲାଲ, କ୍ୱାଲକମ୍‌ର ସିଇଓ କ୍ରିଷ୍ଟିଆନୋ ଆର ଆମୋନ, ଫାଷ୍ଟ ସୋଲାରର ମାର୍ଗ ୱିଡ଼ମର ଏବଂ ବ୍ଲାକଷ୍ଟୋନର ଷ୍ଟିଫେନ ଏ ଶ୍ୱାର୍ଜମାନ । ଏହି ବୈଠକ ବେଳେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତରେ ଏବେ ଉପଲବ୍ଧ ସୁଯୋଗ ସଂପର୍କରେ ସେମାନଙ୍କ ସମ୍ମୁଖରେ ଅବତାରଣା କରିଥିଲେ ଏବଂ ଭାରତରେ ସେମାନଙ୍କର ପୁଞ୍ଜି ନିବେଶ ବୃଦ୍ଧି କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ । ଭାରତର ଟେଲିକମ୍ ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତରେ ଥିବା ସୁଯୋଗ ପ୍ରସଙ୍ଗ ଏହି ବୈଠକରେ ଆଲୋଚିତ ହୋଇଥିଲା । କର୍ପୋରେଟ ଲିଡ଼ରମାନଙ୍କ ସହିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ସମ୍ପ୍ରତି ତାଙ୍କ ସରକାର ଘୋଷଣା କରିଥିବା ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ (ପିଏଲଆଇ) ଯାହାକି ଭାରତରେ ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡ଼ିଜାଇନ ଏବଂ ଉତ୍ପାଦନ (ଇଏସଡ଼ିଏମ) ତଥା ସେମିକଣ୍ଡକ୍ଟର ଯୋଗାଣ ଚେନ୍‌ର ବିକାଶ ଏବଂ ଭାରତରେ ସ୍ଥାନୀୟ ନବସୃଜନର ବାତାବରଣ ସଂପର୍କରେ ସୂଚନା ଦେଇଥିଲେ ।

### ୧୫୭ଟି ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜି ସ୍ୱଦେଶ ଫେରାଇ ଆଣିଲେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ

ପ୍ରଧାନମନ୍ତ୍ରୀ ତାଙ୍କର ଆମେରିକା ଗସ୍ତ ଶେଷରେ ୧୫୭ଟି ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜିକୁ ସ୍ୱଦେଶ ଫେରାଇ ଆଣିଛନ୍ତି । ସେହିସବୁ ପ୍ରାଚୀନ କଳାକୃତି ମଧ୍ୟରେ ସାଂସ୍କୃତିକ ଐତିହ୍ୟରାଜି ଏବଂ କଳାକୃତି ରହିଛି ଯାହା କି ହିନ୍ଦୁ, ବୌଦ୍ଧ ଏବଂ ଜୈନ କୀର୍ତ୍ତିରାଜି । ସେସବୁ ପ୍ରତ୍ୟେକ କଳାକୃତିର ଐତିହାସିକ ବୈଶିଷ୍ଟ୍ୟ ରହିଛି ଯାହାକି ଏକାଦଶ ଠାରୁ ଚତୁର୍ଦ୍ଦଶ ଶତାବ୍ଦୀ ସମୟର । ଏପରିକି ଆଉ କେତେକ କଳାକୃତି ଖ୍ରୀଷ୍ଟପୂର୍ବ ସମୟର ବୋଲି ଜଣାପଡ଼ିଛି । ମୋଦୀ ସରକାର ବିଦେଶକୁ ଚୋରି ହୋଇଥିବା କିମ୍ବା ଚାଲାଣ ହୋଇଥିବା



ପ୍ରାଚୀନ ଐତିହ୍ୟ ଓ ବୈଭବକୁ ଫେରାଇ ଆଣିବା ନିମନ୍ତେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଏହା ତା'ର ଏକ ନମୂନା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଜୋ ବାଇଡ଼େନ ଏଭଳି ଦୁର୍ମୂଲ୍ୟ ପ୍ରାଚୀନ କଳାକୃତି ଚୋରୀ, ବେଆଇନ ଚାଲାଣ ଓ କାରବାରକୁ ରୋକିବା ନିମନ୍ତେ ଦୁଇ ଦେଶର ଉଦ୍ୟମକୁ ସୁଦୃଢ଼ କରିବା ନିମନ୍ତେ ପ୍ରତିବଦ୍ଧତା ପ୍ରକଟ କରିଥିଲେ ।

ଜାଣିରଖିବା ଉଚିତ। ଆଫଗାନିସ୍ତାନ ଭୂମିକୁ ଆତଙ୍କବାଦର ପ୍ରସାର ଓ ଆତଙ୍କବାଦୀ ଆକ୍ରମଣ ନିମନ୍ତେ ଉପଯୋଗ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସାମୁଦ୍ରିକ ଐତିହ୍ୟର ସୁରକ୍ଷା ଏବଂ ଏହି ସମ୍ପଦର ଉପଯୁକ୍ତ ଉପଯୋଗ ଉପରେ ଗୁରୁତ୍ୱ ଆରୋପ କରି ପ୍ରଧାନମନ୍ତ୍ରୀ ମୋଦୀ କହିଲେ ଯେ ଅନ୍ତରାଷ୍ଟ୍ରୀୟ ବାଣିଜ୍ୟ ହେଉଛି ବିଶ୍ୱର ଜୀବନରେଖା ଯାହାକୁ ସମ୍ପ୍ରସାରଣବାଦ ଏବଂ ନିଷିଦ୍ଧବାଦ ଭଳି ଦୌଡ଼ କ୍ରବଳରୁ ସୁରକ୍ଷିତ ରଖାଯିବା ଉଚିତ। ସେ କହିଲେ ଯେ ଏଥିପାଇଁ ଅନ୍ତରାଷ୍ଟ୍ରୀୟ ସମୁଦାୟ ଏକ ସ୍ୱରରେ ସେମାନଙ୍କ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ ।

### ଜାତିସଂଘ ସଂସ୍କାର ଜରୁରୀ

ଭାରତର ମହାନ ଦାର୍ଶନିକ, ଆଚାର୍ଯ୍ୟ ଚାଣକ୍ୟ ଆଜକୁ ଅନେକ ଶତାବ୍ଦୀ ପୂର୍ବରୁ କହିଥିଲେ, " କାଳାତି କ୍ରମାତ୍ କାଳ ଏବ କଲମ୍ ପିବତି" । ଅର୍ଥାତ୍, ଯେତେବେଳେ ଉଚିତ କାର୍ଯ୍ୟ ଉଚିତ ସମୟରେ ସଂପାଦନ କରାନଯାଏ ସେତେବେଳେ ସେହି ସମୟ ହିଁ ସେ କାର୍ଯ୍ୟର ସଫଳତାକୁ ନିଃଶେଷ କରିଦେଇଥାଏ । ଏହି ଆପ୍ତବାକ୍ୟକୁ ଉଚ୍ଚାରଣ କରି ପ୍ରଧାନନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଲେ ଯେ ଯଦି ମିଳିତ ଜାତିସଂଘ ନିଜର ସମୟୋଚିତ ଭୂମିକା କାଏମ ରଖିବାକୁ ଚାହେଁ, ତେବେ ଏହି ସଂଗଠନ ନିଜର ଯଥାର୍ଥତାକୁ ଉନ୍ନତ କରିବା ସହିତ ମର୍ଯ୍ୟାଦା ବୃଦ୍ଧି କରିବାକୁ ହେବ । ସେ ଜାତିସଂଘ ମଞ୍ଚରେ ସୂଚାଇଥିଲେ ଯେ ଆଜି ଏହି ଅନୁଷ୍ଠାନ ବିରୋଧରେ ଅନେକ ପ୍ରଶ୍ନ ଉଠୁଛି । ବିଶ୍ୱର ଅନେକ ଭାଗରେ ଏବେ ଛାୟାଯୁଦ୍ଧ ଚାଲିଛି- ଆତଙ୍କବାଦ ଓ ଆଫଗାନିସ୍ତାନ ସଂକଟ ଏହି ପ୍ରଶ୍ନକୁ ଆହୁରି ଗଭୀର କରିଛି । ଏଭଳି ସ୍ଥିତିରେଏହା ଜରୁରି ଯେ ମିଳିତ ଜାତିସଂଘ ବିଶ୍ୱର ସ୍ଥିତି ଦୃଷ୍ଟିରୁ ନିଜକୁ ସୁଦୃଢ଼ କରିବା ଉଚିତ। ପ୍ରଧାନମନ୍ତ୍ରୀ ଦୃଢ଼ବିଶ୍ୱାସ ପ୍ରକଟ କରି କହିଥିଲେ ଯେ ସମସ୍ତଙ୍କ ପ୍ରୟାସରେ ବିଶ୍ୱରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ହୋଇପାରିବ ଯାହାକି ଏକ ସୁସ୍ଥ, ନିରାପଦ ଏବଂ ସମୃଦ୍ଧ ବିଶ୍ୱ ନିମନ୍ତେ ଏକାନ୍ତ ଜରୁରି । ■

# ସଂସଦ ଟିଭି ଦ୍ୱାରା ଗଣତନ୍ତ୍ରର ସ୍ୱର ଆହୁରି ମଜବୁତ ହେବ




**ଯୋଗାଯୋଗ ଏବଂ କଥାବାର୍ତ୍ତା ମାଧ୍ୟମରେ ଏକବିଂଶ ଶତାବ୍ଦୀ ବୈପ୍ଲବିକ ପରିବର୍ତ୍ତନ ଆଣୁଛି, ଯେଉଁଥିରେ ଗଣମାଧ୍ୟମ ଓ ଟିଭି ଚାନେଲଗୁଡିକ ଏକ ବଳିଷ୍ଠ ଭୂମିକା ଗ୍ରହଣ କରୁଛନ୍ତି । ଗଣତନ୍ତ୍ରର ସ୍ୱରକୁ ଅଧିକ ମଜବୁତ କରିବା ପାଇଁ ନିଆଯାଇଥିବା ଅନ୍ୟତମ ମହତ୍ୱାକାଂକ୍ଷୀ ପଦକ୍ଷେପ ସ୍ୱରୂପ ଲୋକସଭା ଓ ରାଜ୍ୟସଭା ଟିଭିର ବିଲୋପ କରାଯାଇ ଅମୃତ ମହୋତ୍ସବ ବର୍ଷରେ ପୂର୍ବର ଚାନେଲଗୁଡିକର ରୂପାନ୍ତରଣ ମାଧ୍ୟମରେ ସଂସଦ ଟିଭି ସୃଷ୍ଟି କରାଯାଇଛି ।**

ଭାରତୀୟ ସଂସଦ ଗଣତନ୍ତ୍ରର ମନ୍ଦିର ଏବଂ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ହେବା ପରେ ସଂସଦର ପାହାଚଗୁଡିକରେ ପ୍ରଧାନମନ୍ତ୍ରୀଙ୍କର ମଥାନତ କରିବାର ଭଙ୍ଗିମା ଏହାର ଗୁରୁତ୍ୱକୁ ଦର୍ଶାଉଛି । ଗତ ଅଳ୍ପ କିଛି ବର୍ଷ ମଧ୍ୟରେ, ସଂସଦର କାର୍ଯ୍ୟଧାରାରେ ଗତି ଏବଂ ପାରଦର୍ଶିତା ମଧ୍ୟ ବୃଦ୍ଧି ପାଇଛି। ସଂସଦୀୟ ବ୍ୟବସ୍ଥାର ଅର୍ଥ କେବଳ ରାଜନୀତି ନୁହେଁ, ଏକଥାକୁ ମଧ୍ୟ ହୃଦୟଙ୍ଗମ କରିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ନୀତିସବୁ ହିଁ ଦେଶର ଦିଗ ନିର୍ଣ୍ଣୟ କରିଥାଆନ୍ତି ।

ଏହି ଭାବନା ସହିତ, ୨୦୨୧ ଫେବୃଆରୀରେ ଲୋକସଭା ଟିଭି ଓ ରାଜ୍ୟସଭା ଟିଭିର ବିଲୋପ କରି ସଂସଦ ଟିଭି ସୃଷ୍ଟି ପାଇଁ ନିଷ୍ପତି ନିଆଯାଇଥିଲା । ସେପ୍ଟେମ୍ବର ୧୫ ତାରିଖ ଆନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଏବଂ ଦୂରଦର୍ଶନ ଦିବସ ଅବସରରେ ସଂସଦୀୟ ବ୍ୟବସ୍ଥାକୁ ଏକ ମଜବୁତ୍ ଓ ପାରଦର୍ଶୀ ମାର୍ଗରେ ସର୍ବସାଧାରଣଙ୍କ ନିକଟରେ ପହଂଚାଇବାର ଲକ୍ଷ୍ୟ ନେଇ ସଂସଦ ଟିଭିର ଯାତ୍ରା ଆରମ୍ଭ ହୋଇଥିଲା। ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ଏହି ଚାନେଲର ଶୁଭାରମ୍ଭ କରାଯାଇଥିଲା ।

ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତର ଜନସାଧାରଣଙ୍କ ପାଇଁ

### ସଂସଦ ଟିଭିର କାର୍ଯ୍ୟକ୍ରମଗୁଡିକ ମୁଖ୍ୟତଃ ଏହି ୪ଟି ଶ୍ରେଣୀରେ ବିଭକ୍ତ କରାଯାଇଛି

**01** ସଂସଦ ଏବଂ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡିକର କାର୍ଯ୍ୟଧାରା

**02** ଶାସନ ଏବଂ ଯୋଜନା/ନୀତିର କାର୍ଯ୍ୟାନ୍ୱୟନ

**03** ଭାରତର ଇତିହାସ ଓ ସଂସ୍କୃତି

**04** ସାମ୍ପ୍ରତିକ ପ୍ରସଙ୍ଗ, ସ୍ୱାର୍ଥ, ଚିନ୍ତା

## ସଂସଦ ଟିଭିର କାର୍ଯ୍ୟକ୍ରମ

- **ଟୁଡେ ଇନ୍ ପାର୍ଲାମେଂଟ:** ଗୃହରେ ସେହି ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା
- **ହାଉସ ହାଇଲାଇଟସ:** ସଂସଦର ଉଭୟ ଗୃହର କାର୍ଯ୍ୟଧାରାର ପ୍ରମୁଖ ବିବରଣୀର ପ୍ରଦର୍ଶନ ।
- **ଏକମ୍ ସତ୍:** ଏହି ଅନୁକ୍ରମିକ କାର୍ଯ୍ୟକ୍ରମ ଅଧିନରେ ସମସ୍ତ ଧର୍ମରେ ରହିଥିବା ଯୋଗସୂତ୍ର କିଭଳି ପରସ୍ପରକୁ ସଂଯୋଗ କରୁଛି ତାହା ଉପରେ ଗୁରୁତ୍ୱ ଦିଆଯିବ ।
- **ଟ୍ରାନ୍ସଫରମିଙ୍ଗ ଇଣ୍ଡିଆ:** ପରିବର୍ତ୍ତନଶୀଳ ଭାରତ ଉପରେ ଆଲୋଚନା ।
- **ଇକୋନୋମିକ ସୂତ୍ର:** ଏହା ମାଧ୍ୟମରେ ସରକାରଙ୍କ ନୀତିଗୁଡିକ କିପରି ନିର୍ଦ୍ଧାରିତ ହେଉଛି ଦର୍ଶକମାନେ ସେ ସମ୍ପର୍କରେ ଜାଣିବେ ।
- **ଟୁ ଦ ପଏଂଟ:** ଏହା ଦର୍ଶକମାନଙ୍କୁ ଦେଶର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ପରିଚିତ କରାଇବ ।
- **ଦ ଡିଫେଣ୍ଡର୍ସ:** ଏହା ଦେଶର ଆଭ୍ୟନ୍ତରୀଣ, ରଣନୈତିକ ନିରାପତା ନୀତି ଏବଂ ପ୍ରସଙ୍ଗଗୁଡିକୁ ସରଳ ଭାଷାରେ ଉପସ୍ଥାପନ କରିବ ।
- **ହିଷ୍ଟ୍ରି:** ଭାରତୀୟ ସଂସ୍କୃତିର ସୂତ୍ର: ଏହା ଆମର ସମୃଦ୍ଧ ଐତିହ୍ୟ ଏବଂ ଦର୍ଶନର ଗଭୀରତାକୁ ଦର୍ଶକଙ୍କ ନିକଟରେ ଉପସ୍ଥାପିତ କରିବ ।
- **ମାଇଁ ଷ୍ଟୋରୀ:** ଦର୍ଶକମାନେ ମହିଳା ସାଂସଦମାନଙ୍କ ସଂଘର୍ଷର କାହାଣୀ ଜାଣିବାକୁ ପାଇବେ ।
- **ଇଣ୍ଡିଆସ୍ ଷ୍ଟାର୍ଟ ଅପ୍ ଜର୍ଣ୍ଣି:** ଏଥିରେ ଦେଶର ଯୁବ ଉଦ୍ୟୋଗୀମାନଙ୍କୁ ପରିଚିତ କରାଯିବ ।
- **ଇଣ୍ଡିପେଣ୍ଡେଂଟ ଇଣ୍ଡିଆ ଆଟ୍ ୭୫:** ସ୍ୱାଧୀନତାର ୭୫ତମ ବାର୍ଷିକୀ ଅବସରରେ ଅନେକଗୁଡିଏ ଅନୁକ୍ରମିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଅମର କ୍ରାନ୍ତି, ୟେ ଭି ନାୟକ, ୭୫ ମାଇଲଷ୍ଟୋନସ୍ ଅଫ ଆଜାଦୀ, ଦ ଚେଞ୍ଜମେକର୍ସ, ୭୫ ଲ'ଜ୍ ଦ୍ୟାଟ ଗେଭ ଡିରେକ୍ସନ୍ ଟୁ ଇଣ୍ଡିଆ ଭଳି ଅନୁକ୍ରମିକ କାର୍ଯ୍ୟକ୍ରମ ଏଥିରେ ସ୍ଥାନ ପାଇବ ।
- **ଆସେମ୍ବ୍ଲି ଡିବେଟସ୍:** ରାଜ୍ୟ ବିଧାନସଭାଗୁଡିକରେ ଆଲୋଚନା କରାଯାଇଥିବା ସେହିସବୁ ପ୍ରସଙ୍ଗ ଯାହାର ମଧ୍ୟ ଜାତୀୟ ସ୍ତରରେ ପ୍ରଭାବ ରହିଛି ଏଥିରେ ତାହା ପ୍ରଦର୍ଶିତ ହେବ ।
- **ୟୋର ଏମପିଜ୍:** ଏହି କାର୍ଯ୍ୟକ୍ରମରେ ସାଂସଦମାନଙ୍କ ଜୀବନ ସହ ଜଡିତ ପ୍ରତିଟି ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ପ୍ରଦର୍ଶିତ ହେବ ।
- **ଭାରତ କା ରେହନେ ୱାଲା ହୁଁ:** ଏହା ଆମର ଇତିହାସ ଏବଂ କଳା ଓ ସଂସ୍କୃତି ଉପରେ ଆଲୋକପାତ କରିବ ।
- **ଭାଇବ୍ରାଂଟ୍ ଇଣ୍ଡିଆ:** ଏହି କାର୍ଯ୍ୟକ୍ରମରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ସାରାଂଶ ପ୍ରସାରିତ ହେବ ।
- **ଅଭିବ୍ୟକ୍ତି:** ଏଥିରେ କଳାଜଗତର ପ୍ରସିଦ୍ଧ କଳାକାରମାନେ କଳାର ସୂକ୍ଷ୍ମ ପ୍ରଭେଦଗୁଡିକ ସମ୍ପର୍କରେ ବୁଝାଇବେ ।
- **ହେଲ୍‌ଦି ଇଣ୍ଡିଆ:** ଏହା ରୋଗ ପ୍ରତିରୋଧ ଉପରେ ଦର୍ଶକମାନଙ୍କୁ ଉପଯୁକ୍ତ ପରାମର୍ଶ ପ୍ରଦାନ କରିବ ।
- **ସ୍ମାର୍ଟ ଫାର୍ମିଙ୍ଗ:** ଏହା କୃଷିକ୍ଷେତ୍ରରେ ହୋଇଥିବା ପରୀକ୍ଷା ନିରୀକ୍ଷା ଏବଂ ସଫଳତା ଉପରେ ଉଠାଯାଇଥିବା ଅନନ୍ୟ ପଦକ୍ଷେପଗୁଡିକୁ ପ୍ରଦର୍ଶିତ କରିବ ।
- **ଆର୍ଟ ଅଫ ସାଇନସ:** ବିଜ୍ଞାନ ଓ ପ୍ରଯୁକ୍ତି ଜଗତରେ ଘଟୁଥିବା ନୂଆ ନୂଆ ଆବିଷ୍କାର ସହିତ ଏହା ଦର୍ଶକଙ୍କୁ ପରିଚିତ କରାଇବ ।
- **ହେଲୋ ଇଣ୍ଡିଆ ରାଉଣ୍ଡ ଅପ୍:** ଏହା ଦେଶ ତଥା ସମଗ୍ର ବିଶ୍ୱର ଘଟଣାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିବ ।
- **ଡେମୋକ୍ରାସି ଅଫ ଦ ୱାର୍ଲ୍ଡ:** ଏହା ଅନ୍ୟ ଦେଶଗୁଡିକର ସଂସଦରେ ଉଠୁଥିବା ପ୍ରସଙ୍ଗଗୁଡିକ ଉପରେ ସୂଚନା ପ୍ରଦାନ କରିବ ।
- **ଆଇକନିକ୍ ସ୍ପିଚ୍:** ଅନେକଗୁଡିଏ କ୍ଷୁଦ୍ର ଭିଡିଓ ଯାହା ଆପଣଙ୍କ ଜ୍ଞାନର ଉତ୍ସ ହେବ ।

ଉତ୍ସର୍ଗୀକୃତ ସଂସଦ ଟିଭି ଆମ ସଂସଦର ଶ୍ରେଷ୍ଠ ପରମ୍ପରାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ପାଳନର ଅଂଶ ଭାବେ ଆରମ୍ଭ କରାଯାଇଛି । ଏହି ଚାନେଲ ସଂସଦୀୟ କାର୍ଯ୍ୟକଳାପକୁ ଦକ୍ଷତାର ସହିତ ପ୍ରଦର୍ଶିତ କରିଚାଲିବା ସହ ଦେଶର ନାଗରିକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବ। ଏହା ମଧ୍ୟ ସମ୍ବଳର ଉତମ ଏବଂ ପାରଦର୍ଶୀ ଉପଯୋଗ କରିବ । ଗୋଟିଏ ପକ୍ଷରେ ଏହା ଗୁଣବତାରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହିତ ଅନ୍ୟ ପକ୍ଷରେ ବ୍ୟୟ ମଧ୍ୟ ହ୍ରାସ ପାଇବ । ଏହି ନୂଆ ନୂଆ କାର୍ଯ୍ୟକ୍ରମସବୁ ଦେଶର ସାଂସ୍କୃତିକ, ଆର୍ଥିକ ଏବଂ ସାମାଜିକ ଦିଗ ଉପରେ ଜନସାଧାରଣଙ୍କୁ ଜ୍ଞାନ ପ୍ରଦାନ କରିବ। ଏହା ମଧ୍ୟ ଦେଶର ବିକାଶ ଯାତ୍ରା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ସହ ଆନ୍ତର୍ଜାତୀୟ ପ୍ରସଙ୍ଗଗୁଡିକ ଉପରେ ସମ୍ବାଦ ପରିବେଷଣ କରିବ ।

ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ, ଭାରତ ହେଉଛି ଗଣତନ୍ତ୍ରର ଜନନୀ। ଯେଉଁଠି ଏହା କେବଳ ଏକ ବ୍ୟବସ୍ଥା ନୁହେଁ ବରଂ ଏକ ବିଚାରଧାରା। ସଂସଦ ଟିଭିର ଗୁରୁତ୍ୱ ସଂପର୍କରେ ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଯେଉଁଠାରେ ଉତମ ଏବଂ ସତ୍ୟ ଆଧାରିତ ବିଷୟବସ୍ତୁ ରହିଛି, ଲୋକମାନେ ଆପେ ଆପେ ସେଥିରେ ସାମିଲ ହୋଇଯାଆନ୍ତି । ଗଣମାଧ୍ୟମ ପାଇଁ ଏହା ଯେତିକି ପ୍ରଯୁଜ୍ୟ, ଦେଶର ସଂସଦୀୟ ବ୍ୟବସ୍ଥା ପାଇଁ ମଧ୍ୟ ସମାନ ଭାବରେ ପ୍ରଯୁଜ୍ୟ । ସେ କହିଥିଲେ, ବିଷୟବସ୍ତୁ ହିଁ ସଂଯୋଗର ସୂତ୍ର । ସେ ବିଶ୍ୱାସ କରନ୍ତି ଯେ, ଗୃହର କାର୍ଯ୍ୟଧାରାର ସହିତ ସାଧାରଣ ଜନତା ନିଜକୁ ସାମିଲ କରିବା ବେଶ ଗୁରୁତ୍ୱପୂର୍ଣ୍ଣ । ଏହି କଥାକୁ ମନରେ ରଖି ସଂସଦ ଟିଭିର ରୂପରେଖ ପ୍ରସ୍ତୁତ କରାଯାଇଛି । ଏବଂ ଏହି ଉଦ୍ୟମ ଦେଶର ଗଣତାନ୍ତ୍ରିକ ଆଧାରକୁ ଆହୁରି ଦୃଢ କରିବ । ■

## କୃଷିର ଉନ୍ନତି ପାଇଁ ବିଜ୍ଞାନର ଉପଯୋଗ

# ୩୫ଟି ଉନ୍ନତ କିସମ ଫସଲ କୁପୋଷଣ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଜଟିଳ ଆହ୍ୱାନର ମୁକାବିଲା କରିବ

**ସ୍ୱାସ୍ଥ୍ୟ, ଶିଳ୍ପ ଅବା କୃଷି ହେଉ– କେନ୍ଦ୍ର ସରକାର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନର ପ୍ରୋତ୍ସାହନ ଦ୍ୱାରା ପରମ୍ପରାର ଆଦିମ ଅଭ୍ୟାସକୁ ବଦଳାଇ ଭାରତକୁ ଆତ୍ମନିର୍ଭର କରାଇବା ଦିଗରେ ଦ୍ରୁତ ଗତିରେ ଅଗ୍ରସର ହେଉଛନ୍ତି । ବିଶେଷକରି କୃଷି ଏହିଭଳି ଏକ କ୍ଷେତ୍ର, ଯାହାର ଅଭିନବତା ଦ୍ୱାରା ପ୍ରଗତି ପାଇଁ ଅସୀମ ସମ୍ଭାବନା ରହିଛି । ଏହି କଥାକୁ ଧ୍ୟାନରେ ରଖି, ପ୍ରଥମେ ଜୈବ ପୋଷଣଯୁକ୍ତ ୭୦ଟି ଉନ୍ନତ କିସମର ବିହନ କୃଷକମାନଙ୍କ ପାଇଁ ଉପଲବ୍ଧ କରାଯାଇଛି । ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱତନ୍ତ୍ର ଗୁଣ ଥିବା ୩୫ଟି କିସମର ବିହନକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଗୋଟିଏ ପକ୍ଷରେ, ଏହି ବିହନଗୁଡିକ ଜଳବାୟୁ ପରିବର୍ତ୍ତନର ଆହ୍ୱାନଗୁଡିକୁ ମୁକାବିଲା କରିବା ପାଇଁ ସକ୍ଷମ ହୋଇଥିବାବେଳେ ଏହା କୁପୋଷଣକୁ ଦୂର କରିବା ପାଇଁ ମଧ୍ୟ ସକ୍ଷମ...**






ଗୋଆର ଦର୍ଶନା ପେଦନେକର ଯେତେବେଳେ ପିଲା ଥିଲେ ସେତେବେଳେ ସେ ତାଙ୍କ ପିତାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ପାରମ୍ପରିକ କୃଷିରୁ ମିଳୁଥିବା ଲାଭ ତାଙ୍କୁ ଏହି କ୍ଷେତ୍ର ପ୍ରତି ଆକର୍ଷିତ କରିଥିଲା। ତେବେ ଗତବର୍ଷର କୋଭିଡ ମହାମାରୀ ସମୟରେ ତାଲାବନ୍ଦ ତାଙ୍କ ପାଇଁ ନୂତନ ସମସ୍ୟା ସୃଷ୍ଟି କରିଥିଲା । ସେ ପୂର୍ବରୁ ନଡିଆ ଚାଷରୁ ଭଲ ଲାଭ କରୁଥିଲେ, ତାହା ହ୍ରାସ ପାଇବାକୁ ଲାଗିଲା । ଫଳରେ ଦର୍ଶନା ନଡିଆର ଖାଦ୍ୟ ପ୍ରକ୍ରିୟାକରଣ ଦିଗକୁ ମନ ବଳାଇଲେ। ଏବେ ସେ ନଡିଆକୁ ଶୁଖାଇ ସେଥିରୁ ତେଲ ବାହାର କରୁଛନ୍ତି ଏବଂ ପରେ ତାକୁ ବିକ୍ରୀ କରୁଛନ୍ତି । ସେ ଲିଟର ପିଛା ୩୦୦ ଟଙ୍କା ଦରରେ ନଡିଆ ତେଲ ବିକ୍ରୀ କରୁଛନ୍ତି । ଏହି ଉଦ୍ୟମ ତାଙ୍କ ପାଇଁ ନୂତନ ମାର୍ଗ ଉନ୍ମୁକ୍ତ କରିଛି । ଏହି ନଡିଆ ତେଲ ଲିଟର ପିଛା ୩୦୦ ଟଙ୍କାରେ ବିକ୍ରୀ ହେଉଛି ତାହା ଦର୍ଶନାଙ୍କ ପାଇଁ ଏକ ଲାଭଦାୟକ ଉଦ୍ୟମ ପାଲଟିଛି । କେବଳ ଏତିକି ନୁହେଁ, ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର)ରୁ ପ୍ରଶିକ୍ଷଣ ନେବା ପରେ ଦର୍ଶନା ଏବେ ଧାନ, ଟମାଟୋ ଓ ଲଙ୍କା ଭଳି ପାରମ୍ପରିକ ଫସଲକୁ ନୂଆ ଉପାୟରେ ଚାଷ କରୁଛନ୍ତି । ସେ ନିଜର ୪ ଏକର ଜମିରେ ଜିଆ ଖତ ମଧ୍ୟ ପ୍ରସ୍ତୁତ କରୁଛନ୍ତି ।

ଦର୍ଶନା କୁହନ୍ତି, "ପାରମ୍ପରିକ କୃଷି ଅପେକ୍ଷା ଖାଦ୍ୟ ପ୍ରକ୍ରିୟାକରଣରେ ବେଶ ଲାଭ ରହିଛି ।" ସର୍ବୋପରି, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିରୁ ସହାୟତା ଏବଂ ଉପଯୁକ୍ତ ପ୍ରଶିକ୍ଷଣ ତାଙ୍କୁ ଏକ ନୂତନ ପଥ ପ୍ରଦର୍ଶନ କରିଛି ।

# ବିଶେଷ ଗୁଣବତା ସମ୍ପନ୍ନ ୩୫ଟି କିସମର ଫସଲ

ଭାରତୀୟ କୃଷି ଗବେଷଣା ପରିଷଦ ୨୦୨୧ ମସିହାରେ ଜଳବାୟୁ ପରିବର୍ତ୍ତନ ଏବଂ କୁପୋଷଣ ଜନିତ ଆହ୍ୱାନଗୁଡିକର ମୁକାବିଲା କରିବା ପାଇଁ ବିଶେଷ ଗୁଣବତା ସମ୍ପନ୍ନ ଫସଲ କିସମ ବିକାଶ କରିଛି । ଏହି ୩୫ଟି କିସମ ମଧ୍ୟରେ ରହିଛି ମରୁଡି ସହିଷ୍ଣୁ କିସମର ବୁଟ, ଝାଉଁଳିବା ଏବଂ ଖଦଖଦଡିଆ ଅଗାଡି ପ୍ରତିରୋଧୀ ମସୁର, ସଅଳ ଅମଳକ୍ଷମ ସୋୟାବିନ, ରୋଗ ପ୍ରତିରୋଧୀ ଧାନର ବିଭିନ୍ନ କିସମ, ଏବଂ ଗହମ, ମାଣ୍ଡିଆ, ବାଜରା, ଯଅ, ବୁଟ, କ୍ୱିନୋଆ, କୁଟ୍ଟୁ, ପେଣ୍ଡି ବିନ୍ ଓ ରାଜମାର ଜୈବ ପୋଷଣଯୁକ୍ତ କିସମ । ଏଥିରେ ଆହୁରି ମଧ୍ୟ କେତେକ ଫସଲରେ ମନୁଷ୍ୟ ଓ ପ୍ରାଣୀଙ୍କ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ପୃଷ୍ଟତତ୍ତ୍ୱକୁ ଦୂର କରିବାରେ ନିର୍ଦ୍ଦିଷ୍ଟ ଗୁଣବତାଯୁକ୍ତ କିସମ ମଧ୍ୟ ଅନ୍ତର୍ଭୁକ୍ତ ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦବୋଧନର ମୁଖ୍ୟାଂଶ:

- ଗତ ୬-୭ ବର୍ଷ ମଧ୍ୟରେ କୃଷି ସହ ଜଡିତ ଆହ୍ୱାନଗୁଡିକର ମୁକାବିଲା ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିକୁ ପ୍ରାଥମିକତା ଭିତିରେ ଉପଯୋଗ କରାଯାଉଛି । ନୂତନ ପରିସ୍ଥିତି ବିଶେଷକରି ପରିବର୍ତ୍ତନଶୀଳ ଜଳବାୟୁ ସହ ଖାପଖାଉଥିବା ଅଧିକ ପୋଷଣଯୁକ୍ତ ବିହନ ଉପରେ ଆମେ ଅଧିକ ଧ୍ୟାନ ଦେଉଛୁ ।
- କରୋନା ସହ ସଂଗ୍ରାମ ଚାଲିଥିବାବେଳେ ଗତବର୍ଷ ହିଁ ଆମେ ଦେଖିଥିଲୁ ଯେ ପଙ୍ଗପାଳମାନେ ଅନେକ ରାଜ୍ୟକୁ ଆକ୍ରମଣ କରିଥିଲେ । ଭାରତ ବହୁ ଉଦ୍ୟମ କରି ଏହି ଆକ୍ରମଣକୁ ପ୍ରତିହତ କରାଯାଇଥିଲା ଏବଂ ଚାଷୀଙ୍କୁ ଅନେକ କ୍ଷତିରୁ ରକ୍ଷା କରାଯାଇଥିଲା ।
- ଚାଷୀଙ୍କୁ ଜଳ ସୁରକ୍ଷା ଦେବାପାଇଁ ଆମେ ଜଳସେଚନ ପ୍ରକଳ୍ପ ଆରମ୍ଭ କଲୁ । ଦଶନ୍ଧି ଦଶନ୍ଧି ଧରି ପଡିରହିଥିବା ୧୦୦ଟି ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେଉଛୁ। ଫସଲକୁ ରୋଗ ଦାଉରୁ ରକ୍ଷା କରିବା ଏବଂ ଅଧିକ ଅମଳ ପାଇଁ କୃଷକମାନଙ୍କୁ ନୂତନ କିସମର ବିହନ ଯୋଗାଇ ଦିଆଗଲା ।
- ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ସହିତ, ଆମେ କ୍ରୟ ପ୍ରକ୍ରିୟାକୁ ମଧ୍ୟ ଅଧିକ ଉନ୍ନତ କଲୁ ଯାହାଦ୍ୱାରା ଅଧିକରୁ ଅଧିକ କୃଷକ ଏଥିରୁ ଲାଭ ପାଇପାରିବେ । ଏହି ରବି ଋତୁରେ ୪୩୦ ଲକ୍ଷ ମେଟ୍ରିକ ଟନରୁ ଅଧିକ ଗହମ କ୍ରୟ କରାଯାଇଛି ।
- କୃଷକମାନଙ୍କୁ ପ୍ରଯୁକ୍ତି ସହ ଯୋଡିବା ପାଇଁ, ଆମେ ସେମାନଙ୍କ ନିମିତ୍ତ ବ୍ୟାଙ୍କରୁ ସାହାଯ୍ୟ ପାଇବା ବ୍ୟବସ୍ଥାକୁ ଆହୁରି ସହଜ କରିଛୁ । ଆଜି କୃଷକମାନେ ପାଣିପାଗ ସମ୍ପର୍କିତ ସୂଚନା ଅଧିକ ଉନ୍ନତ ଉପାୟରେ ପାଇ ପାରୁଛନ୍ତି । ନିକଟରେ, ଏକ ଅଭିଯାନ ଚଳାଇ ୨ କୋଟିରୁ ଅଧିକ କୃଷକଙ୍କୁ କିଷାନ କ୍ରେଡିଟ କାର୍ଡ ପ୍ରଦାନ କରାଯାଇଛି ।
- ଜଳବାୟୁ ପରିବର୍ତନ କାରଣରୁ, ନୂତନ ପ୍ରକାରର କୀଟ, ନୂଆ ନୂଆ ରୋଗ, ମହାମାରୀ ଆଦି ଜନ୍ମ ନେଉଛି । ଏହି କାରଣରୁ ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ଗୁରୁତର ସଙ୍କଟ ଦେଖାଦେଇଛି ଏବଂ ଏହାଦ୍ୱାରା ପ୍ରାଣୀଧନ ଓ ଫସଲ ମଧ୍ୟ ପ୍ରଭାବିତ ହେଉଛି। ଏହିସବୁ ଦିଗଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଗବେଷଣାର ଆବଶ୍ୟକତା ରହିଛି ।
- ଯେତେବେଳେ ବିଜ୍ଞାନ, ସରକାର ଏବଂ ସମାଜ ଏକତ୍ର କାର୍ଯ୍ୟ କରିବେ, ତାର ଫଳାଫଳ ଅଧିକ ଉତମ ହେବ । କୃଷକ ଏବଂ ବୈଜ୍ଞାନିକମାନଙ୍କର ଏଭଳି ଏକ ମେଂଟ ନୂତନ ଆହ୍ୱାନର ମୁକାବିଲା ନିମନ୍ତେ ଦେଶର ଶକ୍ତି ବୃଦ୍ଧି କରିବ ।
- କୃଷକମାନଙ୍କୁ କେବଳ ଫସଲ ଭିତିକ ଆୟ ବ୍ୟବସ୍ଥାରୁ ବାହାରକୁ ଆଣି, ସେମାନଙ୍କୁ ମୂଲ୍ୟ ଯୁକ୍ତ ଏବଂ ଅନ୍ୟାନ୍ୟ କୃଷି ବିକଳ୍ପ ଉପରେ କାର୍ଯ୍ୟ କରିବା ପାଇଁ ଅନୁପ୍ରେରିତ କରାଯାଉଛି ।
- ବିଜ୍ଞାନ ଓ ଗବେଷଣାରୁ ବାହାରୁଥିବା ସମାଧାନ ଦ୍ୱାରା, ଏବେ ବିଭିନ୍ନ ପ୍ରକାରର ବାଜରା ଏବଂ ଅନ୍ୟ କିସମର ଶସ୍ୟକୁ ଆହୁରି ଉନ୍ନତ କରିବା ଆବଶ୍ୟକ । ଏହାର ଉଦ୍ଦେଶ୍ୟ ହେଉଛି ଭିନ୍ନ ଭିନ୍ନ ଆବଶ୍ୟକତା ଅନୁଯାୟୀ ଏଗୁଡିକ ଦେଶର ବିଭିନ୍ନ ଭାଗରେ ଚାଷ କରାଯାଇ ପାରିବ ।

ପ୍ରକୃତପକ୍ଷେ ଦର୍ଶନା ହେଉଛି ନୂତନ ବିଚାରଧାରାର ଏକ ପ୍ରତୀକ। ସେ ବିଜ୍ଞାନକୁ କୃଷି ସହ ସଂଯୋଗ କରି ନୂତନ ଅଭିନବ ଉପାୟରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଲକ୍ଷ୍ୟ ରଖିଛି । କେବଳ ଅଭିନବତାର ସାହାଯ୍ୟରେ ଦୀର୍ଘ ଦିନ ଧରି ରହି ଆସିଥିବା ପାରମ୍ପରିକ ଅଭ୍ୟାସକୁ ପରିବର୍ତନ କରାଯାଇପାରିବ। ଭାରତ ଗତ ୭ ବର୍ଷ ହେବ ଏହି ପଥରେ ଅଗ୍ରସର ହେଉଛି। ଆଇସିଏଆର ଦ୍ୱାରା ବିକଶିତ ୩୫ଟି ସ୍ୱତନ୍ତ୍ର ଗୁଣବତାଯୁକ୍ତ ଉନ୍ନତ କିସମର ଫସଲକୁ ସେପ୍ଟେମ୍ବର ୨୮ ତାରିଖ ଦିନ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, "ଯେତେବେଳେ ବିଜ୍ଞାନ, ସରକାର ଏବଂ ସମାଜ ମିଳିତ ଭାବରେ କାର୍ଯ୍ୟ କରିବେ ଏହାର ଫଳାଫଳ ଖୁବ ଭଲ ହେବ । କୃଷକ ଏବଂ ବୈଜ୍ଞାନିକମାନଙ୍କର ଏଭଳି ଏକ ମିଳିତ ଉଦ୍ୟମ ଦେଶକୁ ନୂତନ ଆହ୍ୱାନର ମୁକାବିଲା କରିବା ପାଇଁ ଶକ୍ତି ଯୋଗାଇବ। "ଅନେକ ଗବେଷଣା ପରେ ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ଏଭଳି କିସମର ବିହନ ବିକଶିତ କରାଯାଇଛି । ଏହାଦ୍ୱାରା ଜଳବାୟୁ ପରିବର୍ତ୍ତନ ଏବଂ କୁପୋଷଣର ପ୍ରଭାବକୁ ଦୂର କରାଯାଇପାରିବ। ପ୍ରଧାନମନ୍ତ୍ରୀ ମଧ୍ୟ ରାୟପୁରଠାରେ ନେସନାଲ ଇନଷ୍ଟିଚ୍ୟୁଟ ଅଫ ବାୟୋଲୋଜିକାଲ ଷ୍ଟ୍ରେସ ମ୍ୟାନେଜମେଂଟର ନବନିର୍ମିତ ପରିସରର ଉଦଘାଟନ କରିଥିଲେ । ମୌଳିକ ଏବଂ ନୀତିଗତ ଗବେଷଣା, ମାନବ ସମ୍ବଳର ବିକାଶ ଏବଂ ଜୈବିକ ସମସ୍ୟାର ସମାଧାନ ପାଇଁ ନୀତିଗତ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଏହି ପ୍ରତିଷ୍ଠାନ ସ୍ଥାପନ କରାଯାଇଛି । ■



# ଉଡାନ୍

## ସାଧାରଣ ଲୋକଙ୍କ ପାଇଁ ବିମାନ ଯାତ୍ରାକୁ ସହଜଲବ୍ଧ କରାଉଛି

**'ହାୱାଇ ଚପଲ' ପିନ୍ଧୁଥିବା ଜଣେ ବ୍ୟକ୍ତିକୁ 'ହୱାଇ ଜାହାଜ'ରେ ଯାତ୍ରା କରୁଥିବାର ଦେଖିବା ହେଉଛି ମୋର ସ୍ୱପ୍ନ, ଏହି କଥା ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିବଦ୍ଧତାର ପ୍ରତିଫଳନ। ଏହା ମାତ୍ର ୨୫୦୦ ଟଙ୍କା ମୂଲ୍ୟରେ ସାଧାରଣ ଲୋକଙ୍କ ପାଇଁ ବିମାନ ଯାତ୍ରାକୁ ଉପଲବଧ କରାଇ ପାରିଛି ।**

ବିହାରର ଦରଭଙ୍ଗାରୁ ନିଜ ପିତାଙ୍କ ସହ ବିମାନରେ ଯାତ୍ରା କରୁଥିବା ମୁକୁନ୍ଦ ଝା ଗୋଟିଏ ଛବି ଟୁଇଟ କରି କହିଛନ୍ତି, "ମୁଁ ପ୍ରଥମଥର ପାଇଁ ମୋ ପିତାଙ୍କ ସହ ବିମାନରେ ଯାତ୍ରା କରୁଛି । ଦରଭଙ୍ଗାକୁ ବିମାନ ବନ୍ଦର ଦେଇଥିବାରୁ, ନରେନ୍ଦ୍ର ମୋଦୀ ଜୀ ଧନ୍ୟବାଦ ।" ମୁକୁନ୍ଦଙ୍କ ଟୁଇଟ୍‌ର ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, "ଏହା ଜାଣି ଖୁସି ହେଲି । ବିମାନ ଚଳାଚଳ କ୍ଷେତ୍ରରେ, ଆମେ ଯୋଗାଯୋଗ ଓ ସୁବିଧାର ବୃଦ୍ଧି ଦିଗରେ ଅନେକ କାର୍ଯ୍ୟ କରୁଛୁ। ବିହାରର ପ୍ରଗତିରେ ଦରଭଙ୍ଗା ବିମାନ ବନ୍ଦର ଉଲ୍ଲେଖନୀୟ ଭୂମିକା ରହିଛି।"

ଏହା ହୁଏତ ବ୍ୟକ୍ତିଗତ ଅଭିଜ୍ଞତାର ଏକ ସରଳ ଅଭିବ୍ୟକ୍ତି ହୋଇପାରେ, କିନ୍ତୁ ଆମେ ଯେତେବେଳେ ସ୍ଥୂଳ ଭାବରେ ଦେଖିବା, ଉଡାନ୍ ଯୋଜନା ଦେଶର ବିମାନ ଯାତ୍ରାର ରୂପାନ୍ତର କରିପାରିଛି ଏଥିରୁ ତାହାର ପ୍ରମାଣ ମିଳୁଛି । ଦରଭଙ୍ଗା ପରି ଛୋଟ ସହରରେ ମଧ ବହୁ ପ୍ରତୀକ୍ଷା ପରେ ଏକ ଛୋଟ ବିମାନ ବନ୍ଦର ପ୍ରତିଷ୍ଠା କରାଯାଇଛି । ଆଜି ଏକ ଡଜନରୁ ଅଧିକ ଉଡାଣ ସହିତ ଦରଭଙ୍ଗା ସିଧାସଳଖ ଆକାଶ ମାର୍ଗ ଦ୍ୱାରା ଅନେକ ରାଜ୍ୟ ସହିତ ଯୋଡି ହୋଇଯାଇଛି । ଏକ ସୁଲଭ ମୂଲ୍ୟରେ ଯାତ୍ରୀ ଭଡାରେ ବିମାନ ଯାତ୍ରା କରିବା ପାଇଁ ସାଧାରଣ ଲୋକର ସ୍ୱପ୍ନକୁ ଏହା ସାକାର କରିଛି। ମାତ୍ର ୨୫୦୦ ଟଙ୍କାର ଭଡାରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିବା ଏବେ ସମ୍ଭବ ହୋଇପାରିଛି, ଯାହା କିଲୋମିଟର ପ୍ରତି ହାରାହାରି ଖର୍ଚ୍ଚକୁ ୫ଟଙ୍କା ମଧ୍ୟରେ ସିମୀତ ରଖିଛି । ପୁଣି କିଲୋମିଟର ପ୍ରତି ୧୦ ଟଙ୍କା ଖର୍ଚ୍ଚ ହେଉଥିବା ଟାକ୍ସି ଯାତ୍ରାଠାରୁ ମଧ ଶସ୍ତା।

### ଉଡାନ୍ ଯୋଜନାର ପ୍ରାରମ୍ଭ

୨୦୧୬ ମସିହାରେ ପ୍ରଥମଥର ପାଇଁ ଦେଶର ଜାତୀୟ ବେସାମରିକ ବିମାନ ଚଳାଚଳ ନୀତି ଘୋଷଣା କରାଗଲା। ଏଥିରେ ଉଡାନ୍ ଯୋଜନାକୁ ଅନ୍ୟତମ ସର୍ବୋଚ୍ଚ ପ୍ରାଥମିକତାରେ ରଖାଯାଇଥିଲା । ଉଡାନ୍ ହେଉଛି "ଉଡେ ଦେଶ କା ଆମ ନାଗରିକ"ର ସଂକ୍ଷିପ୍ତ ରୂପ, ଯାହାର ଅର୍ଥ ହେଉଛି ସାଧାରଣ ନାଗରିକ ମଧ ବିମାନ ଯାତ୍ରା କରିପାରିବ । ଏହି ଲକ୍ଷ୍ୟ ନେଇ ୨୦୧୬ ଅକ୍ଟୋବରରେ ଉଡାନ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ୨୦୧୭ ଏପ୍ରିଲରେ ଉଡାନ୍ ଯୋଜନା ଅଧିନରେ ପ୍ରଥମଥର ପାଇଁ ଶିମଲା-ଦିଲ୍ଲୀ

# ଉଡାନ କିପରି ବିମାନ ଚଳାଚଳ କ୍ଷେତ୍ରର ରୂପାନ୍ତର କରିଛି

## ପୂର୍ବରୁ

- ୨୦୧୩ ମସିହାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଭାରତରେ ବିମାନରେ ଯାତାୟତକୁ ନେଇ ଏକ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିଥିଲା । ଏଥିରୁ ଜଣାପଡିଥିଲା ଯେ, ବିମାନ ସଂଯୋଗ ଦେଶର କିଛି ବଛା ବଛା ସହର ପର୍ଯ୍ୟନ୍ତ ସିମୀତ । କ୍ଷୁଦ୍ର ଏବଂ ମଧ୍ୟମ ସହରର ଲୋକମାନେ କୌଣସି ସୁଫଳ ପାଉନାହାନ୍ତି ।
- ୨୦୧୫-୧୬ର ଅଧ୍ୟୟନରୁ ଜଣାପଡିଲା ଯେ, କେବଳ ୬ଟି ମହାନଗର ମଧ୍ୟରେ ୬୫ ପ୍ରତିଶତ ବିମାନ ସଂଯୋଗ ଏବଂ ୬୧ ପ୍ରତିଶତ ବିମାନ ଯାତାୟତ ମଧ୍ୟରେ ସୀମିତ ରହିଛି ।

## ବର୍ତ୍ତମାନ

- ପୂର୍ବରୁ ବିମାନ ସଂଯୋଗ କେବଳ ଭାରତର ୬ଟି ପ୍ରମୁଖ ମହାନଗର ମଧ୍ୟରେ ସିମୀତ ଥିବାବେଳେ ଏବେ ଏହାର ୭୦ ପ୍ରତିଶତ ବୋଝ କ୍ଷୁଦ୍ର ଓ ମଧ୍ୟମ ସହର ଦିଗକୁ ସମ୍ପ୍ରସାରିତ ହୋଇଛି ।
- ବିମାନ ଯାତାୟତ ବୃଦ୍ଧି କାରଣରୁ ବିମାନ ସେବା ସଂସ୍ଥାଗୁଡିକର ପରିଚାଳନାଗତ ଖର୍ଚ୍ଚ ଶତକାଡା ୧୨ରୁ ୧୩ ପ୍ରତିଶତ ହ୍ରାସ ପାଇଛି। ଘରୋଇ ବିମାନ ଯାତାୟତରେ କ୍ଷୁଦ୍ର ସହରର ଯାତ୍ରୀମାନଙ୍କର ସଂଖ୍ୟାରେ ୫ ପ୍ରତିଶତ ବୃଦ୍ଧି ଘଟିଛି ।

## ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରୋତ୍ସାହନ

ଏହା ପର୍ଯ୍ୟଟନ ଓ ବାଣିଜ୍ୟ ସହିତ ଯୋଗାଯୋଗରେ ଉନ୍ନତି ଆଣିଛି । ରୋଜଗାରକୁ ମଧ୍ୟ ପ୍ରୋତ୍ସାହନ ମିଳିଛି





### ନିଯୁକ୍ତି

ବିମାନ ବନ୍ଦର ପରିଚାଳନା, ବିମାନ ରକ୍ଷଣାବେକ୍ଷଣ, ବିମାନ ଯାତାୟତ ନିୟନ୍ତ୍ରଣ ଏବଂ ବୈଷୟିକ କର୍ମଚାରୀ ଆଦି କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କର୍ମଚାରୀ-କୁ-ବିମାନ ଅନୁପାତ ୧୦୦:୧ ଭାବେ ଧରାଯାଉଛି । ଏହାର ଅର୍ଥ ହେଉଛି ଏକ ଅତିରିକ୍ତ ବିମାନ ସେବାରେ ମୁତୟନ ହେବା ସହିତ ଆଉ ୧୦୦ ଲୋକ ନିଯୁକ୍ତି ପାଉଛନ୍ତି ।

### ବ୍ୟବସାୟ

ଆନ୍ତର୍ଜାତିକ ବିମାନ ଚଳାଚଳ ସଂଗଠନର ରିପୋର୍ଟ ଅନୁଯାୟୀ ଅଧିକ ଉତମ ବିମାନ ସେବା ଅର୍ଥନୀତିରେ ୩ ପ୍ରତିଶତ ଏବଂ ରୋଜଗାରରେ ୬ ପ୍ରତିଶତ ବୃଦ୍ଧି ଘଟାଇଥାଏ । ଉଡାଣ ଯୋଜନା ଅଧିନରେ ଭାରତର ଛୋଟ ଛୋଟ ସହରରେ ବ୍ୟବସାୟକୁ ମଧ ଫାଇଦା ମିଳିଛି । ଉଦାହରଣ ସ୍ୱରୂପ ବିମାନ ଉଡାଣ ଯୋଜନା ମାଧ୍ୟମରେ ଅହମଦାବାଦ-କିଶନଗଡ, ଇନ୍ଦୋର-କିଶନଗଡ, ଦିଲ୍ଲୀ-କିଶନଗଡ ଏବଂ ହାଇଦ୍ରାବାଦ-କିଶନଗଡ ସହର ମଧ୍ୟରେ ବିମାନ ସେବା ଆରମ୍ଭ କରାଯାଇଛି । ଏହାଦ୍ୱାରା କିଶନଗଡର ବ୍ୟବସାୟରେ ତିନିଗୁଣା ବୃଦ୍ଧି ଘଟିଛି ।

### ପର୍ଯ୍ୟଟନ



ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଉଡାଣ ଯୋଜନା ଅଧିନରେ ୪୬ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ଚିହ୍ନଟ କରାଯାଇଛି । ଆଗ୍ରା, ଉଦୟପୁର, ବାରଣାସୀ, ଗୋଆ ଭଳି ପର୍ଯ୍ୟଟନ ସ୍ଥଳୀ ସମେତ ଅଗରତାଲା-ଆଇଜଲ, ଶିଲଂ-କୋଲକାତା, ଗୌହାଟୀ-ପେକ୍ୟୋଙ୍ଗ, ଦିମାପୁର-ଇମ୍ଫାଲ ଭଳି ଉତର-ପୂର୍ବାଂଚଳର ଆକାଶମାର୍ଗକୁ ମଧ ଉଡାଣ ଯୋଜନା ସହ ସଂଯୋଗ କରାଯାଇଛି । ଅହମଦାବାଦରେ ଷ୍ଟାଚ୍ୟୁ ଅଫ ୟୁନିଟି ନିକଟରେ ସାବରମତୀ ନଦୀତଟରୁ ଜଳ ବିମାନଘାଟୀର ଶୁଭାରମ୍ଭ କରାଯାଇଛି । ଉତରାଖଣ୍ଡର ଟେହରୀ ଡ୍ୟାମ୍, ତେଲଙ୍ଗାନାର ନାଗାର୍ଜୁନ ସାଗର ଏବଂ ଆଣ୍ଡାମାନ ନିକୋବରରେ ଜଳ ବିମାନଘାଟି ନିର୍ମାଣ କରାଯାଉଛି ।

ବିମାନ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କ୍ଷୁଦ୍ର ଏବଂ ମଧ୍ୟମ ସହରଗୁଡିକୁ ବିମାନ ସେବା ଦ୍ୱାରା ବଡ ବଡ ସହର ସହ ସଂଯୋଗ କରିବା ହେଉଛି ଉଡାନ୍ ଯୋଜନାର ଲକ୍ଷ୍ୟ । ଉଡାନ୍ ଯୋଜନା ଅଧିନରେ ଏକ ସାଧାରଣ ବିମାନରେ ଏକ ଘଂଟାର ଯାତ୍ରା ପାଇଁ ଭଡା କିମ୍ବା ହେଲିକପ୍ଟର ଯୋଗେ ଅଧଘଂଟାର ଯାତ୍ରା ଭଡା ୫୦୦ କିଲୋମିଟର ନିମନ୍ତେ ୨୫୦୦ ଟଙ୍କା ରଖାଯାଇଛି ।

ଏହି ଯୋଜନା ଅଧିନରେ ବିମାନ ସେବା ପ୍ରଦାନକାରୀ ସଂସ୍ଥା ବିମାନ ମାର୍ଗ ପାଇଁ ନିଲାମି ଡାକିଥାଆନ୍ତି । ସର୍ବନିମ୍ନ ରିହାତି ପାଇବାକୁ ଚାହୁଁଥିବା ବିମାନ ସେବା ପ୍ରଦାନକାରୀ ସଂସ୍ଥାକୁ ଠିକା ପ୍ରଦାନ କରାଯାଇଥାଏ । ଏହି ଭଡା ସୀମା ମଧ୍ୟରେ ପ୍ରତ୍ୟେକ ଉଡାଣରେ ବିମାନ ସେବା ପ୍ରଦାନକାରୀଙ୍କୁ ଅଧା କିମ୍ବା ଅନ୍ୟୁନ ୯ ଅବା ସର୍ବାଧିକ ୪୦ଟି ସିଟ୍ ବୁକ୍ କରିବାକୁ ପଡିଥାଏ ।

ଭାୟାବିଲିଟି ଗ୍ୟାପ୍ ଫଣ୍ଡିଙ୍ଗ (ଭିଜିଏଫ) ପ୍ରଣାଳୀ ଜରିଆରେ

# ନୂତନ ଅଧ୍ୟାୟର ଅଭ୍ୟୁଦୟ

- ଉଡାନ ଯୋଜନା ଅଧିନରେ ଏପର୍ଯ୍ୟନ୍ତ ଉଡାନ୍ ୧, ଉଡାନ୍ ୨, ଉଡାନ୍ ୩, ଉଡାନ୍ ୩.୧, ଉଡାନ୍ ୪, ଉଡାନ୍ ୪.୧ ପର୍ଯ୍ୟାୟକୁ ଅନୁମୋଦନ ମିଳିଛି । ଏହି ଯୋଜନା ଅଧିନରେ ୭୦ଟି ବିମାନ ବନ୍ଦରକୁ ଚିହ୍ନଟ କରାଯାଇଛି । ବର୍ତ୍ତମାନ, ୫ଟି ହେଲିକପ୍ଟର ଓ ୨ଟି ଜଳ ବିମାନଘାଟି ସମେତ ୫୩ଟି ବିମାନ ବନ୍ଦରରୁ ୩୬୯ଟି ମାର୍ଗରେ ବିମାନ ସେବା ଯୋଗାଇ ଦିଆଯାଉଛି। ହେଲିକପ୍ଟର ଏବଂ ଜଳ ବିମାନ ସେବାକୁ ମଧ୍ୟ ଉଡାନ୍ ଯୋଜନାରେ ସାମିଲ କରାଯାଇଛି ।
- ଉଡାନ୍ ଯୋଜନା ଅଧିନରେ ୧୧ଟି ସେବା ପ୍ରଦାନକାରୀ ସଂସ୍ଥା ଯାତ୍ରୀମାନଙ୍କୁ ଶସ୍ତା ଟିକେଟ ଯୋଗାଇ ଦେଉଛନ୍ତି । ୨୦୨୧ ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ଉଡାନ୍ ଯୋଜନା ଅଧିନରେ ୧,୪୩,୩୬୧ଟି ଉଡାଣ ଭରାଯାଇଛି । ଯାତ୍ରୀମାନେ ଯେପରି ଶସ୍ତା ଦରରେ ଟିକେଟ ପାଇପାରିବେ ସେଥିପାଇଁ ସରକାର ଏପର୍ଯ୍ୟନ୍ତ ରିହାତି ଆକାରରେ ୧୩୪୧ କୋଟି ଟଙ୍କା ଯୋଗାଇ ଦେଇଛନ୍ତି ।



## ଭବିଷ୍ୟତର 'ଉଡାନ'...

- ଏପର୍ଯ୍ୟନ୍ତ ଉଡାନ୍ ଯୋଜନା ଅଧିନରେ ପ୍ରାୟ ୭୨ ଲକ୍ଷ ଲୋକ ସୁଲଭ ମୂଲ୍ୟରେ ବିମାନ ଯାତ୍ରା କରିସାରିଛନ୍ତି । ଦେଶର ମୋଟ ଘରୋଇ ଯାତ୍ରୀଙ୍କ ଯାତାୟତରେ, କ୍ଷୁଦ୍ର ଏବଂ ମଧ୍ୟମ ସହରର ବିମାନ ବନ୍ଦରଗୁଡିକର ଭାଗରେ ୫ % ପର୍ଯ୍ୟନ୍ତ ବୃଦ୍ଧି ପାଇଛି ।
- ଉଡାନ୍ ଅଧିନରେ, ୨୦୨୪ ମସିହା ସୁଦ୍ଧା ୧୦୦୦ ନୂତନ ମାର୍ଗ ସହ ଆହୁରି ୧୦୦ଟି ଅତିରିକ୍ତ ବିମାନବନ୍ଦର କାର୍ଯ୍ୟକ୍ଷମ ହେବ । ୩୦ଟି ହେଲିପୋର୍ଟ ଏବଂ ଜଳ ବିମାନ ପାଇଁ ୧୦ଟି ଜଳ ବିମାନଘାଟୀ ଆରମ୍ଭ କରାଯିବ । ଉତର- ପୂର୍ବ ରାଜ୍ୟଗୁଡିକରେ ୧୦ଟି ବିମାନ ବନ୍ଦର ସ୍ଥାପନ ପାଇଁ ପ୍ରସ୍ତାବ ରହିଛି ।
- ସନ୍ତୁଳିତ ଆଂଚଳିକ ବିକାଶ ପାଇଁ, ଏହି ଯୋଜନା ଅଧିନରେ ଦେଶର ୫ଟି ଭୌଗୋଳିକ ଇଲାକା ବିମାନ ସେବାକୁ ସମାନ ଭାବରେ ସମ୍ପ୍ରସାରିତ କରାଯିବ ।
- କୃଷି ଉଡାଣ ଯୋଜନା ଅଧିନରେ କୃଷି ଉତ୍ପାଦଗୁଡିକର ବିମାନ ଯୋଗେ ପରିବହନ ପାଇଁ ବ୍ୟବସ୍ଥା କରାଯିବ । ଏହା ବିଶେଷକରି ଉତର ପୂର୍ବ ଏବଂ ଅନଗ୍ରସର ଜିଲ୍ଲାଗୁଡିକୁ ଲାଭ ପହଂଚାଇବ ।

ସରକାର କମ୍ ଭଡା କାରଣରୁ କ୍ଷତିର ସମ୍ମୁଖୀନ ହେଉଥିବା ବିମାନ ସେବା ପ୍ରଦାନକାରୀ କମ୍ପାନିଗୁଡିକର କ୍ଷତି ଭରଣା କରୁଛନ୍ତି । ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ମଧ୍ୟ ସେହି ଏକା କାରଣ ପାଇଁ ବିମାନ ବନ୍ଦର ଫି ଛାଡ କରିଛି । ସେହିଭଳି ରାଜ୍ୟ ସରକାରଗୁଡିକ ମଧ୍ୟ ନିରାପତା, ବିଜୁଳି, ଏବଂ ଅଗ୍ନି ନିର୍ବାପନ ସୁବିଧା ବିନା ମୂଲ୍ୟରେ ଯୋଗାଇ ଦେଉଛନ୍ତି । ଏକ ସାଧାରଣ ପୃଷ୍ଠଭୂମିରୁ ପ୍ରଧାନମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଂଚିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପ୍ରତ୍ୟେକ ନୀତିରେ ସାଧାରଣ ନାଗରିକଙ୍କର କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଥାଆନ୍ତି। ତାଙ୍କର ଦୂରଦୃଷ୍ଟିସମ୍ପନ୍ନତାର ଫଳ ସ୍ୱରୂପ ଦେଶର ମଧ୍ୟବିତ୍ତ ଶ୍ରେଣୀ ବିମାନରେ ଯାତ୍ରା କରିବାର ସ୍ୱପ୍ନକୁ ସାକାର କରିବା ପାଇଁ ସକ୍ଷମ ହୋଇପାରିଛି । ପ୍ରଧାନମନ୍ତ୍ରୀ ମୋଦୀ କହନ୍ତି, " ବିଶ୍ୱରେ ଦୃତଗତିରେ ବୃଦ୍ଧି ପାଉଥିବା ବିମାନ ଚଳାଚଳ ବଜାରରେ ପହଂଚିବା ପାଇଁ ଉଡାଣ ଦେଶକୁ ସାହାଯ୍ୟ କରିଛି ।" ▪

# ଜନ୍ମଭୂମି ପ୍ରତି ମମତା ସେମାନଙ୍କ ଜୀବନର ପ୍ରାଥମିକତା ଥିଲା

**ଭାରତର ସ୍ୱାଧୀନତା ସଂଗ୍ରାମ କେବଳ ମାତ୍ର ସ୍ୱାଧୀନତା ପାଇଁ ଆନ୍ଦୋଳନର ଏକ ଗାଥା ନଥିଲା ବରଂ ଏହା ମାନବ ଇତିହାସର ସବୁଠାରୁ ଅନନ୍ୟ ଘଟଣା ଥିଲା । ସେତେବେଳେ ଲକ୍ଷ ଲକ୍ଷ ଲୋକ ଉପନିବେଶବାଦୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ । କୌଣସି ଧର୍ମ, ବିଚାରଧାରା ଓ ବର୍ଗ ପ୍ରତି ନିଜ ନିଜର ପ୍ରାଥମିକତାକୁ ପଛରେ ଛାଡି ଲୋକମାନେ ରାଷ୍ଟ୍ରୀୟ ସ୍ୱାର୍ଥକୁ ସର୍ବାଗ୍ରେ ରଖିଥିଲେ । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ଅମୃତ ମହୋତ୍ସବ ପାଳନ କରୁଥିବାବେଳେ, ଏହି ଉତ୍ସବ ଲୋକମାନଙ୍କ ବଳିଦାନକୁ ସ୍ମରଣ କରିବା ଏବଂ ସେମାନଙ୍କ ବୀରତ୍ୱ ଉପରେ ସଚେତନତା ସୃଷ୍ଟି କରିବାର ମଧ୍ୟ ଏକ ଅବସର...**



“

ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି । ଆମକୁ ଏହି ଉତ୍ସବରେ ସାମିଲ ହେବାକୁ ପଡିବ । ଏଥିରେ ଉତ୍ସାହର ସହ ଅଂଶଗ୍ରହଣ କରିବାକୁ ପଡିବ । ଆମର ସଙ୍କଳ୍ପକୁ ବାରମ୍ବାର ଦୋହରାଇବାକୁ ପଡିବ । ଏହା ଆମ ସମସ୍ତଙ୍କର କର୍ତବ୍ୟ । ଆମର ସ୍ୱାଧୀତନା ସଂଗ୍ରାମକୁ ମନରେ ରଖି ଆପଣମାନେ ଯାହାବି କରିବେ ତାହା ନିଶ୍ଚିତ ଭାବେ ଅମୃତର ଏକ ବିନ୍ଦୁ ଭଳି ପବିତ୍ର ହେବ ଏବଂ ଅନେକ ଭାରତୀୟଙ୍କ ଉଦ୍ୟମରେ ପ୍ରସ୍ତୁତ ଏହି ଅମୃତ କୁମ୍ଭ ଆଗାମୀ ବର୍ଷମାନଙ୍କରେ ଆଗ୍ରହକୁ ଅନୁପ୍ରେରିତ କରିବ ।

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଭାରତର ସ୍ୱାଧୀନତା ସଂଗ୍ରାମ କେବଳ ମାତ୍ର ସ୍ୱାଧୀନତା ପାଇଁ ଆନ୍ଦୋଳନର ଏକ ଗାଥା ନଥିଲା ବରଂ ଏହା ମାନବ ଇତିହାସର ସବୁଠାରୁ ଅନନ୍ୟ ଘଟଣା ଥିଲା । ଲକ୍ଷ ଲକ୍ଷ ଲୋକ ଉପନିବେଶବାଦୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ । କୌଣସି ଧର୍ମ, ବିଚାରଧାରା ଓ ବର୍ଗ ପ୍ରତି ନିଜ ନିଜର ପ୍ରାଥମିକତାକୁ ପଛରେ ଛାଡି ଲୋକମାନେ ରାଷ୍ଟ୍ରୀୟ ସ୍ୱାର୍ଥକୁ ସର୍ବାଗ୍ରେ ରଖିଥିଲେ । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ଅମୃତ ମହୋତ୍ସବ ପାଳନ କରୁଥିବାବେଳେ, ଏହି ଉତ୍ସବ ଲୋକମାନଙ୍କ ବଳିଦାନକୁ ସ୍ମରଣ କରିବା ଏବଂ ସେମାନଙ୍କ ବୀରତ୍ୱ ଉପରେ ସଚେତନତା ସୃଷ୍ଟି କରିବାର ମଧ୍ୟ ଏକ ଅବସର...

ଭାରତର ଇତିହାସରେ ଅକ୍ଟୋବର ୧୬ ତାରିଖର ବିଶେଷ ଗୁରୁତ୍ୱ ରହିଛି କାରଣ ଏହି ଦିବସ ବଙ୍ଗ ବିଭାଜନ ପାଇଁ ବ୍ରିଟିଶ ସରକାରଙ୍କ ନିଷ୍ପତିର କାର୍ଯ୍ୟକାରୀତାକୁ ମନେ ପକାଇଦିଏ । ଏହି ବିଭାଜନ ମଧ୍ୟ ବଙ୍ଗ-ଭଙ୍ଗ ନାମରେ ପରିଚିତ । ଏହି ବିଭାଜନ ପଛରେ ଲର୍ଡ କର୍ଜନଙ୍କର ଏକମାତ୍ର ଉଦ୍ଦେଶ୍ୟ କେବଳ ବ୍ରିଟିଶ ଶାସନ ବିରୁଦ୍ଧରେ ବୃଦ୍ଧି ପାଉଥିବା ରାଜନୈତିକ ସ୍ୱର ଉତୋଳନକୁ ଦମନ କରିବା ନଥିଲା ବରଂ ସେମାନଙ୍କର ବିଭାଜିତ କର ଏବଂ ଶାସନ କର ନୀତିର ଅଂଶସ୍ୱରୂପ ଭିନ୍ନ ଭିନ୍ନ ସମ୍ପ୍ରଦାୟକୁ ପରସ୍ପର ବିରୁଦ୍ଧରେ ମତାଇବା ମଧ୍ୟ ଥିଲା । ଏହି ନିଷ୍ପତି କେବଳ ବଙ୍ଗରେ ନୁହେଁ ବରଂ ସମଗ୍ର ଦେଶରେ ବିଦ୍ରୋହ ସୃଷ୍ଟି କରିଥିଲା । ବଙ୍ଗ ବିଭାଜନ ଏବଂ ପରେ ପରେ ଏହାକୁ ନେଇ ଘଟିଥିବା ଘଟଣାଗୁଡିକ କେବଳ ଯେ ଭାରତକୁ ଏକତ୍ରିତ କରିନଥିଲା ବରଂ ଭାରତୀୟ ଜାତୀୟ ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ନିର୍ବାହ କରିଥିଲା, ଏହାଫଳରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ହାସଲ କରିଥିଲା । ବଙ୍ଗ ବିଭାଜନ ଯେଉଁଭଳି ଭାବରେ ଦେଶକୁ ଏକାଠି କରିଥିଲା ଏବଂ ସ୍ୱଦେଶୀ ଭାବନାକୁ ଜାଗ୍ରତ କରିଥିଲା, ସ୍ୱାଧୀନତାର ୭୫ତମ ବର୍ଷରେ ସେହି ସମାନ ଭାବରେ ଦେଶ “ଭାରତ ଯୋଡୋ’ ଲକ୍ଷ୍ୟ ନେଇ ଆଗକୁ ବଢିଚାଲିଛି ।

ଅମୃତ ମହୋତ୍ସବର ଧାରାବାହିକ କାର୍ଯ୍ୟକ୍ରମ ଦେଶ ପାଇଁ ନିଜର ଜୀବନ ଉତ୍ସର୍ଗ କରିଥିବା ମହାନ୍ ଯୋଦ୍ଧାଙ୍କ ବିଷୟ ଉପସ୍ଥାପନ କରିବ...

## ନିର୍ମଳା ଦେଶପାଣ୍ଡେ: ଗାନ୍ଧୀବାଦୀ ବିଚାରଧାରାର ବିଶିଷ୍ଟ ସମାଜସେବୀ

**ଆବିର୍ଭାବ: ୧୯ ଅକ୍ଟୋବର ୧୯୨୯, ତିରୋଧାନ: ୧ ମେ ୨୦୦୮**

ନିର୍ମଳା ଦେଶପାଣ୍ଡେ କେବଳ ଜଣେ ସୁପରିଚିତ ଗାନ୍ଧିବାଦୀ କାର୍ଯ୍ୟକର୍ତ୍ତା, ବିଚାରକ, ସାହିତ୍ୟିକ ଏବଂ ରାଜ୍ୟସଭା ସଦସ୍ୟ ନଥିଲେ ବରଂ ସେ ମଧ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ସହିତ ସମ୍ପୃକ୍ତ ଥିଲେ । ୨୩ ବର୍ଷ ବୟସରେ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିବା ନିର୍ମଳା ଦେଶପାଣ୍ଡେ ବିନୋବା ଭାବେଙ୍କ ସହିତ ଦେଶରେ ୪୦ ହଜାର କିଲୋମିଟର ଭ୍ରମଣ କରିଥିଲେ । ନାଗପୁରର ବିମଳା ଏବଂ ପୁରୁଷୋତମ ଦେଶପାଣ୍ଡେଙ୍କ କନ୍ୟା, ନିର୍ମଳା ଦେଶପାଣ୍ଡେ ସାମ୍ପ୍ରଦାୟିକ ସଦଭାବର ପ୍ରୋତ୍ସାହନ ସହିତ ସାମାଜିକ ନ୍ୟାୟ ଏବଂ ଧର୍ମ ନିରପେକ୍ଷତା ପ୍ରତିଷ୍ଠା ଉଦ୍ଦେଶ୍ୟରେ ମହିଳା, ଆଦିବାସୀ ଏବଂ ବଂଚିତ ଲୋକମାନଙ୍କ ସେବାରେ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ । ସେ ଆଜୀବନ ଅହିଂସା ଏବଂ ଶାନ୍ତିର ବାର୍ତା ପ୍ରଚାର କରିଥିଲେ । ସେ ସାରା ଜୀବନ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଅନୁସରଣ କରିବା ପାଇଁ ନିରନ୍ତର ଉଦ୍ୟମ କରିଥିଲେ । ସେହିପରି ସମାଜ ମହାତ୍ମାଗାନ୍ଧୀଙ୍କ ଆଦର୍ଶର ଅନୁସରଣ କରୁ ବୋଲି ମଧ ସେ ଚାହୁଁଥିଲେ । ଲେଖାପ୍ରତି ତାଙ୍କର ବିଶେଷ ରୁଚି ରହିଥିବାରୁ ସେ ଅନେକ ପୁସ୍ତକ ରଚନା କରିଥିଲେ । ଆଜୀବନ ଅବିବାହିତ ରହିଥିବା ନିର୍ମଳା ଦେଶପାଣ୍ଡେ ଦୁଇଥର ରାଜ୍ୟସଭାକୁ ମନୋନୀତ ହୋଇଥିଲେ । ସେ ମଧ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନୀତ ହୋଇଥିଲେ ।



ଦେଶପାଣ୍ଡେ ତାଙ୍କର ସାରା ଜୀବନ ଶାନ୍ତି ଓ ଅହିଂସାର ସିଦ୍ଧାନ୍ତର ମୂର୍ତିମନ୍ତ ପ୍ରତୀକ ଥିଲେ ।

## କିତୁରର ରାଣୀ ଚିନ୍ନାମ୍ମା ଇଂରେଜ ସରକାରଙ୍କ ମନୋବଳକୁ ଭାଙ୍ଗି ଦେଇଥିଲେ

**ଆବିର୍ଭାବ: ୨୩ ଅକ୍ଟୋବର ୧୭୭୮, ତିରୋଧାନ: ୨୧ ଫେବୃଆରୀ ୧୮୨୯**

ବର୍ତ୍ତମାନର କର୍ଣ୍ଣାଟକର ଏକ ଗଡଜାତ ରାଜ୍ୟ କିତୁରର ମହାରାଣୀ ଚିନ୍ନାମା ୧୮୫୭ ମସିହାର ସ୍ୱାଧୀନତାର ପ୍ରଥମ ସଂଗ୍ରାମର ୩୩ ବର୍ଷ ପୂର୍ବରୁ ବ୍ରିଟିଶ ବିରୁଦ୍ଧରେ ବିଦ୍ରୋହର ଶଙ୍ଖନାଦ କରିଥିଲେ । ଏହି କାରଣରୁ ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମର 'ପ୍ରଭାତୀ ତାରକା' ଭାବେ ମଧ ପରିଚିତ । ବ୍ରିଟିଶ ବିରୁଦ୍ଧରେ ସଂଗ୍ରାମ କରିଥିବା ପ୍ରଥମ ଭାରତୀୟ ଶାସକମାନଙ୍କ ମଧରେ ସେ ଅନ୍ୟତମ । ୧୭୭୮ ମସିହା ଅକ୍ଟୋବର ୨୩ ତାରିଖରେ ଚିନ୍ନାମ୍ମା କର୍ଣ୍ଣାଟକର ବେଲାଗବି ଜିଲ୍ଲାର ଏକ ଛୋଟ ଗାଁ କାକଟିରେ ଜନ୍ମଗ୍ରହଣ କରିଥିଲେ । ସେ ଦେଶାଇ ବଂଶର ରାଜା ମଲ୍ଲଶର୍ଜାଙ୍କୁ ବିବାହ କରିବା ପରେ କିତୁରର ରାଣୀ ହୋଇଥିଲେ । ୧୮୨୪ ମସିହାରେ ଚିନ୍ନାମ୍ମାଙ୍କ ସ୍ୱାମୀଙ୍କର ପରଲୋକ ହେବା ପରେ ତାଙ୍କର ଏକମାତ୍ର ପୁଅ ମଧ ସେହିବର୍ଷ ମୃତ୍ୟୁବରଣ କରିଥିଲେ । ସ୍ୱାମୀ ଓ ପୁତ୍ରଙ୍କ ମୃତ୍ୟୁ ପରେ ରାଣୀ ଚିନ୍ନାମ୍ମା ଶିବାଲିଙ୍ଗାପ୍ପାଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କଲେ ଏବଂ ତାଙ୍କୁ ରାଜସିଂହାସନର ଉତରାଧିକାରୀ ଘୋଷଣା କଲେ । ତେବେ ଏହା ବ୍ରିଟିଶମାନଙ୍କୁ ଉତ୍ୟକ୍ତ କରିଥିଲା, ଯେଉଁମାନେ ଯେକୌଣସି ମତେ କିତୁରକୁ ଅକ୍ତିଆର କରିବା ଉଦ୍ଦେଶ୍ୟରେ ଶିବଲିଙ୍ଗାପ୍ପାଙ୍କୁ ବହିଷ୍କାର କରିବାକୁ ଆଦେଶ ଦେଲେ । ଫଳରେ ଯୁଦ୍ଧ ଆରମ୍ଭ ହୋଇଗଲା ଏବଂ ରାଣୀ ଚିନ୍ନାମ୍ମା ସାହସର ସହିତ ବ୍ରିଟିଶମାନଙ୍କ ସହ ଲଢେଇ କଲେ । ପରିଶେଷରେ ରାଣୀ ପରାଜିତ ହେଲେ ଏବଂ ତାଙ୍କୁ ବନ୍ଦୀ କରି ନିଆଗଲା । ବନ୍ଦୀ ଅବସ୍ଥାରେ ୧୮୨୯ ମସିହା ଫେବୃଆରୀ ୨୧ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।



ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଚେନ୍ନାମାଙ୍କୁ 'ପ୍ରଭାତୀ ତାରା' କୁହାଯାଏ ।

## ଆଚାର୍ଯ୍ୟ ନରେନ୍ଦ୍ର ଦେବ ନିଖୁଣ ଏବଂ ସରଳତାର ପ୍ରତୀକ ଥିଲେ

**ଆବିର୍ଭାବ: ୩୧ ଅକ୍ଟୋବର ୧୮୮୯, ତିରୋଧାନ: ୧୯ ଫେବୃଆରୀ ୧୯୫୬**

ଆଚାର୍ଯ୍ୟ ନରେନ୍ଦ୍ର ଦେବ ଭାରତର ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ, ବିଦ୍ୱାନ, ଶିକ୍ଷାବିତ୍ ଓ ସମାଜବାଦୀ ନେତା ଥିଲେ । ତାଙ୍କର ସାହିତ୍ୟ ପ୍ରତି ରୁଚି ରହିଥିଲା । ଆଚାର୍ଯ୍ୟ ନରେନ୍ଦ୍ର ଦେବ ୧୮୮୯ ମସିହା ଅକ୍ଟୋବର ୩୧ ତାରିଖରେ ଉତରପ୍ରଦେଶର ସୀତାପୁରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ବଳଦେବ ପ୍ରସାଦ ଓ ମାତାଙ୍କ ନାମ ଥିଲା ଜବାହାର ଦେବୀ । କାଶୀ ବିଦ୍ୟାପୀଠରେ ଯୋଗ ଦେବା ପରେ ଆଚାର୍ଯ୍ୟ ଉପାଧି ତାଙ୍କ ନାମର ଅଂଶ ପାଲଟିଗଲା । ଦେଶକୁ ସ୍ୱାଧୀନ କରାଇବା ତାଙ୍କର ସ୍ୱପ୍ନ ଥିଲା । ତେଣୁ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ ଆନ୍ଦୋଳନରେ ସେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ବହୁବାର ଜେଲ ମଧ ଯାଇଥିଲେ । ଆଚାର୍ଯ୍ୟଜୀ ଜଣେ ଦକ୍ଷ ଓ ବାସ୍ତବ ସତ୍ୟାଗ୍ରହୀ ଥିଲେ, ଏବଂ ଏହି କାରଣରୁ ଗାନ୍ଧିଜୀ ତାଙ୍କୁ ଜଣେ ରତ୍ନ ବୋଲି କହୁଥିଲେ । ସାମାଜିକ ପରିବର୍ତ୍ତନର ଅଗ୍ରଦୂତ ଭାବେ ସେ ମଧ ଗାନ୍ଧିଜୀଙ୍କ ଗଠନମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଜୀବନର ପ୍ରାରମ୍ଭିକ କାଳରେ ତାଙ୍କର ଆହ୍ଲାବାଦ ରହଣୀ ସମୟରେ ସେ ବାଲ୍ ଗଙ୍ଗାଧର ତିଲକ, ଲଜ୍‌ପତ୍ ରାୟ, ବିପିନ୍ ଚନ୍ଦ୍ର ପାଲ, ଅରବିନ୍ଦ ଘୋଷ ଓ ଅନ୍ୟାନ୍ୟ ନେତାଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ଥିଲେ ବୋଲି ବିଶ୍ୱାସ କରାଯାଏ । ବନ୍ଦେ ମାତରମ ଏବଂ ଆର୍ଯ୍ୟ ଖବରକାଗଜର ସେ ଜଣେ ନିୟମିତ ପାଠକ ଥିଲେ । ଦେଶ ସ୍ୱାଧୀନ ହେବା ପରେ ମଧ ଆଚାର୍ଯ୍ୟ ନରେନ୍ଦ୍ର ଦେବ ରାଷ୍ଟ୍ର ସେବାରେ ନିୟୋଜିତ ରହିଥିଲେ । ଆଚାର୍ଯ୍ୟ ନରେନ୍ଦ୍ର ଦେବ ଉତ୍ତରପ୍ରଦେଶ ବିଧାନସଭାରୁ ଇସ୍ତଫା ଦେଇ ୧୯୪୮ ମସିହା ମାର୍ଚ୍ଚ ମାସରେ ସମାଜବାଦୀ ପାର୍ଟି ଗଠନ କରିଥିଲେ । ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ଜୀବନ, ସଂଘର୍ଷ, ତ୍ୟାଗ, ଯନ୍ତ୍ରଣା ଏବଂ ମାନବତା ଓ ରାଷ୍ଟ୍ରସେବାର ଏକ ମହାନ୍ ଗାଥା । ୧୯୫୬ ମସିହା ଫେବୃଆରୀ ୧୯ ତାରିଖରେ ତାଙ୍କର ପରଲୋକ ଘଟିଥିଲା ।

# ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିବା ଯୁବ ଦଧିଚୀ -ଯତୀନ ଦାଶ

**ଆବିର୍ଭାବ: ୨୭ ଅକ୍ଟୋବର ୧୯୦୪, ତିରୋଧାନ: ୧୩ ସେପ୍ଟେମ୍ବର ୧୯୨୯**



ଯତୀନ୍ଦ୍ରନାଥ ଦାଶ ଜଣେ ବିପ୍ଳବୀ ଥିଲେ, ସେ ସ୍ୱାଧୀନତା ସଂଗ୍ରାମ ସମୟରେ ଥରେ ନୁହେଁ ଅନେକଥର ବ୍ରିଟିଶ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲେ । ସେ ଯେତେବେଳେ ଶହୀଦ ହେଲେ ସୁଭାଷ ଚନ୍ଦ୍ର କହିଥିଲେ, "ଦଧିଚୀ ମହର୍ଷି ଯେପରି ବଜ୍ର ନିର୍ମାଣ ପାଇଁ ନିଜର ଅସ୍ଥିକୁ ଦାନ କରି ଦେଇଥିଲେ, ଯତୀନ୍ ନିଜ ଶରୀରକୁ ଠିକ ସେହିଭଳି ଦାନ କରିଦେଲେ । ସେ ଆଧୁନିକ ଭାରତର ଯୁବ ଦଧିଚୀ।" ୧୯୦୪ ମସିହା ଅକ୍ଟୋବର ୨୭ ତାରିଖରେ ସେ ପୂର୍ବର କଲିକତା ତଥା ବର୍ତ୍ତମାନର କୋଲକାତାର ଏକ ସାଧାରଣ ପରିବାରରେ ପିତା ବଙ୍କିମ ବିହାରୀ ଦାଶ ଏବଂ ମାତା ସୁହାସିନୀ ଦେବୀଙ୍କଠାରୁ ଜନ୍ମଗ୍ରହଣ କରିଥିଲେ। ଯତୀନ ଦାଶ ମହାତ୍ମାଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିଲେ ଏବଂ ଏଥିପାଇଁ ଅନେକବାର ଜେଲ ଯାଇଥିଲେ । ପରେ ସେ ବିଶିଷ୍ଟ ବିପ୍ଳବୀ ସଚ୍ଛିନ୍ଦ୍ର ନାଥ ସାନ୍ୟାଲଙ୍କ ସମ୍ପର୍କରେ ଆସିଥିଲେ ଏବଂ ବୈପ୍ଳବିକ ଅନୁଷ୍ଠାନ ହିନ୍ଦୁସ୍ତାନ ରିପବ୍ଲିକାନ୍ ଆସୋସିଏସନର ସଦସ୍ୟ ହୋଇଥିଲେ । ହିନ୍ଦୁସ୍ତାନ ରିପବ୍ଲିକାନ୍ ଆସୋସିଏସନ୍ ସହ ତାଙ୍କର ସମ୍ପର୍କ କାଳରେ ସେ ବୋମା ତିଆରି କୌଶଳ ଶିଖିଥିଲେ । ୧୯୨୮ରେ ଆୟୋଜିତ କାଲକାଟା କଂଗ୍ରେସରେ ସେ ମଧ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସହାୟକ ଭାବେ କାର୍ଯ୍ୟ କରିଥିଲେ । ପରେ ଭଗତ ସିଂହଙ୍କ ଅନୁରୋଧ କ୍ରମେ ବୋମା ତିଆରି ପାଇଁ ସେ ଆଗ୍ରା ଯାତ୍ରା କରିଥିଲେ । ଏହା ବିଶ୍ୱାସ କରାଯାଏ ଯେ ଭଗତ ସିଂହ ଏବଂ ବଟୁକେଶ୍ୱର ଦତ ୧୯୨୯ ଏପ୍ରିଲ ୮ ତାରିଖରେ ସେଂଟ୍ରାଲ ଆସେମ୍ବ୍ଲି ଉପରକୁ ଯେଉଁ ବୋମା ଫିଙ୍ଗିଥିଲେ ତାକୁ ଯତୀନ ଦାଶ ତିଆରି କରିଥିଲେ । ଲାହୋର ଷଡଯନ୍ତ୍ର ମାମଲାରେ ତାଙ୍କୁ କୋର୍ଟ ଚାଲାଣ କରାଗଲା ଏବଂ ଜେଲ୍ ପଠାଇ ଦିଆଗଲା । ଜେଲ୍ ଭିତରେ ରାଜନୈତିକ ବନ୍ଦୀଙ୍କ ଦୟନୀୟ ସ୍ଥିତି ତାଙ୍କୁ ବିଚଳିତ କରିଦେଇଥିଲା, ସେମାନଙ୍କୁ ୟୁରୋପୀୟ ବନ୍ଦୀମାନଙ୍କ ଭଳି ବ୍ୟବହାର କରାଯାଉ ବୋଲି ଯତୀନ ଦାଶ ଦାବି କରିଥିଲେ । ତାଙ୍କ ଦାବୀ ପୂରଣ ପାଇଁ ସେ ଲାହୋର ଜେଲରେ ଅନଶନ ଆନ୍ଦୋଳନ ଆରମ୍ଭ କରିଥିଲେ । ଏହି କଷ୍ଟଦାୟୀ ଅନଶନ ଆନ୍ଦୋଳନ ୬୩ ଦିନ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟରେ, ବ୍ରିଟିଶ କର୍ତ୍ତୃପକ୍ଷ ଯତୀନ ଦାଶଙ୍କୁ ଖୁଆଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥଲେ, କିନ୍ତୁ ସେ ତାଙ୍କ ଅନଶନ ଆନ୍ଦୋଳନରୁ ଓହରି ନଥିଲେ । ପରିଶେଷରେ ୬୩ ଦିନ ପରେ ସେପ୍ଟେମ୍ବର ୧୩ ତାରିଖରେ ମାତ୍ର ୨୫ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଥିଲା ।

**ମାତ୍ର ୨୫ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ସେ ୬୩ ଦିନ ଧରି ଅନଶନ ଆନ୍ଦୋଳନ କରିଥିଲେ**

# ଆଶଫାକୁଲ୍ଲା ଖାନ୍ – ବ୍ରିଟିଶ ସରକାରଙ୍କ ଆଖିରେ ଧୂଳି ଦେଇ ତାଙ୍କର ତହବିଲ ଲୁଟି ନେଇଥିଲେ

**ଆବିର୍ଭାବ: ୨୨ ଅକ୍ଟୋବର ୧୯୦୦, ତିରୋଧାନ: ୧୯ ଡିସେମ୍ବର ୧୯୨୭**



ଆଶଫାକୁଲ୍ଲା ଖାନ୍ ୧୮୯୦ ମସିହା ଅକ୍ଟୋବର ୨୨ ତାରିଖରେ ଉତ୍ତରପ୍ରଦେଶର ଶାହାଜାହାନପୁରଠାରେ ଜନ୍ମଗ୍ରହଣ କରିଥିଲେ । କାକୋରୀ ଘଟଣାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଆଶଫାକୁଲ୍ଲା ଖାନ୍ କେବଳ ଜଣେ ମହାନ୍ ଉର୍ଦ୍ଦୁ କବି ନଥିଲେ ବରଂ ରାମ ପ୍ରସାଦ ବିସମିଲଙ୍କର ମଧ ଜଣେ ଘନିଷ୍ଠ ବନ୍ଧୁ ଥିଲେ । ସେ ସେହି ବିପ୍ଳବୀମାନଙ୍କ ମଧ୍ୟରୁ ଜଣେ, ଯିଏ ମାତ୍ର ୨୭ ବର୍ଷ ବୟସରେ ହସି ହସି ଫାଶୀ ଖୁଂଟରେ ଝୁଲି ପଡିଥିଲେ । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅସହଯୋଗ ଆନ୍ଦୋଳନରେ ମଧ ସେ ଅଂଶଗ୍ରହଣ କରିଥିଲେ । ୧୯୨୨ ମସିହା ଫେବୃଆରୀ ୪ ତାରିଖରେ ଚୌରିଚୌରା ଘଟଣା ପରେ ମହାତ୍ମାଗାନ୍ଧୀ ଆନ୍ଦୋଳନରୁ ଓହରି ଯିବା ପରେ ଆଶଫାକୁଲ୍ଲା ଏବଂ ଅନ୍ୟ ବିପ୍ଳବୀମାନେ କ୍ଷୁବ୍‌ଧ ହୋଇଥିଲେ । ଚୌରିଚୌରାରେ ଅସହଯୋଗ ଆନ୍ଦୋଳନର ଅଂଶଗ୍ରହଣକାରୀଙ୍କର ପୁଲିସ୍ ସହ ଗଣ୍ଡଗୋଳ ହେବା ଫଳରେ ୨୨ ଜଣ ପୁଲିସ୍ କର୍ମୀ ଓ ୩ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଥିଲା । ୩ ବର୍ଷ ପରେ ଚନ୍ଦ୍ରଶେଖର ଆଜାଦଙ୍କ ନେତୃତ୍ୱରେ ୧୯୨୫ ମସିହା ଅଗଷ୍ଟ ୮ ତାରିଖରେ ବିପ୍ଳବୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା, ଯେଉଁଠାରେ ଶାହାରାନପୁର-ଲକ୍ଷ୍ନୌ ଯାତ୍ରିବାହୀ ଟ୍ରେନକୁ ଲୁଟିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ଟ୍ରେନଟି ସରକାରୀ ତହବିଲକୁ ଧରି ଯାତ୍ରା କରୁଥିଲା, ଏବଂ ଯୋଜନା ଅନୁଯାୟୀ ତା' ପରଦିନ ଅର୍ଥାତ୍ ୧୯୨୫ ଅଗଷ୍ଟ ୯ ତାରିଖରେ କାକୋରୀ ଷ୍ଟେସନଠାରେ ଟ୍ରେନ୍ ଲୁଟାଯିବାର କଥା ଥିଲା । ଆଶଫାକୁଲ୍ଲା ଏବଂ ତାଙ୍କର ଅନ୍ୟ ସାଥୀ, ଯେଉଁମାନେ ସେତେବେଳେ ହିନ୍ଦୁସ୍ତାନ ରିପବ୍ଲିକାନ୍ ଆସୋସିଏସନ୍‌ରେ ଯୋଗ ଦେଇଥିଲେ, ସେମାନେ ପ୍ରସିଦ୍ଧ କାକୋରୀ ଟ୍ରେନ୍ ଡକାୟତିକୁ ସଫଳ କରିଥିଲେ । ଏହି ଦୁଃସାହସିକ ଘଟଣା ପରେ ଅନେକ ଦିନ ପର୍ଯ୍ୟନ୍ତ ସେ ପୋଲିସ୍ ଆଖିରୁ ଦୂରେଇ ରହିବାରେ ସଫଳ ହୋଇଥିଲେ । କିନ୍ତୁ ତାଙ୍କର ଜଣେ ସ୍କୁଲ ସାଥୀ ତାଙ୍କୁ ଧୋକା ଦେଇ ପୁଲିସର ସୂଚନାକାରୀ ପାଲଟି ଯାଇଥିଲା । ୧୯୨୬ ମେ ୨୧ ତାରିଖରେ କାକୋରୀ ଷଡଯନ୍ତ୍ର ମାମଲାର ଶୁଣାଣି ଆରମ୍ଭ ହୋଇଥିଲା ଏବଂ ୧୯୨୭ ଜୁଲାଇରେ ଚୂଡାନ୍ତ ରାୟ ଘୋଷଣା କରାଯାଇଥିଲା । ରାମ ପ୍ରସାଦ ବିସମିଲ, ଆଶଫକୁଲ୍ଲା ଖାନ୍, ଠାକୁର ରୋଶନ ସିଂହ ଏବଂ ରାଜେନ୍ଦ୍ର ଲାହିରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ୧୯୨୭ ଡିସେମ୍ବର ୧୯ ତାରିଖରେ ଏହି ସମସ୍ତଙ୍କୁ ଗୋରଖପୁର ଜେଲରେ ଫାଶୀ ଦିଆଯାଇଥିଲା ।

**ମାତ୍ର ୨୭ ବର୍ଷ ବୟସରେ ସେ ହସି ହସି ନିଜ ଜୀବନ ଦେଇଥିଲେ**

## ଭଗିନୀ ନିବେଦିତା ଭାରତର ଏହି ମହାନ ଭୂମି ପ୍ରତି ଜୀବନ ଉତ୍ସର୍ଗ କରିଥିଲେ

ଆବିର୍ଭାବ: ୨୮ ଅକ୍ଟୋବର ୧୮୬୭ ତିରୋଧାନ: ୧୩ ଅକ୍ଟୋବର ୧୯୧୧



ସ୍ୱାମୀ ବିବେକାନନ୍ଦଙ୍କର ଶିଷ୍ୟା ନିବେଦିତା ଆଇରିସ ବଂଶୋଦ୍ଭବ ଥିଲେ ଏବଂ ତାଙ୍କର ପ୍ରକୃତ ନାମ ଥିଲା ମାର୍ଗାରେଟ ଏଲିଜାବେଥ ନୋବଲ । ନିବେଦିତା ୧୮୬୭ ମସିହା ଅକ୍ଟୋବର ୨୮ ତାରିଖରେ ଉତ୍ତର ଆୟର୍ଲାଣ୍ଡର କାଉଂଟି ଟାୟରନରେ ଜନ୍ମଗ୍ରହଣ କରିଥିଲେ । ମାର୍ଗାରେଟ ଏଲିଜାବେଥ ନୋବଲଙ୍କୁ ସ୍ୱାମୀ ବିବେକାନ୍ଦଙ୍କ ଦ୍ୱାରା ଭଗିନୀ ନିବେଦିତା ନାମ ପ୍ରଦତ୍ତ କରାଯାଇଥିଲା, ଯାହାର ଅର୍ଥ ହେଉଛି 'ଈଶ୍ୱରଙ୍କ ପ୍ରତି ଉତ୍ସର୍ଗୀକୃତ' । ନିବେଦିତାର ଆଉ ଏକ ଅର୍ଥ ହେଉଛି ଯିଏ ମହିଳାମାନଙ୍କ ଶିକ୍ଷା ପ୍ରତି ଉତ୍ସର୍ଗୀକୃତା । ସେ ଭାରତୀୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇ ଭାରତକୁ ନିଜର କର୍ମଭୂମି ଭାବେ ବାଛିନେବା ସହିତ ଭାରତୀୟମାନଙ୍କର ସେବା କରିଥିଲେ ଏବଂ ସବୁବେଳେ ଭାରତକୁ ନିଜର ମାତୃଭୂମୀ ଭାବେ ବିବେଚନା କରୁଥିଲେ । ଏଥିପାଇଁ ସେ ଭାରତର ସ୍ୱାଧୀନତା ସଂଗ୍ରାମୀ ଓ ବିପ୍ଳବୀମାନଙ୍କୁ ସମର୍ଥନ କରୁଥିଲେ ଏବଂ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ରବୀନ୍ଦ୍ରନାଥ ଟାଗୋର, ଜଗଦୀଶ ଚନ୍ଦ୍ର ବସୁ, ଅବନିନ୍ଦ୍ରନାଥ ଟାଗୋର ଏବଂ ନନ୍ଦଲାଲ ବୋଷଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସହ ମଧ୍ୟ ସେ ସମ୍ପର୍କରେ ଆସିଥିଲେ । ଏହା ବିଶ୍ୱାସ କରାଯାଏ ଯେ, ସେ ମହର୍ଷି ଅରୋବିନ୍ଦୋ ଘୋଷଙ୍କୁ ବ୍ରିଟିଶ ଷଡଯନ୍ତ୍ର ସମ୍ପର୍କରେ ସତର୍କ କରାଇବା ପରେ ପଣ୍ଡିଚେରୀ (ବର୍ତ୍ତମାନର ପୁଡୁଚେରୀ) ଚାଲିଯିବା ପାଇଁ ପରାମର୍ଶ ଦେଇଥିଲେ । ସେ ମଧ୍ୟ ରମେଶ ଚନ୍ଦ୍ର ଦତ୍ତ ଏବଂ ଯଦୁନାଥ ସରକାରଙ୍କୁ ଭାରତୀୟ ଦୃଷ୍ଟିକୋଣରୁ ଇତିହାସ ଲେଖିବା ପାଇଁ ଅନୁପ୍ରାଣିତ କରିଥିଲେ । ସେ ମଧ୍ୟ ନାରୀ ଶିକ୍ଷାକୁ ନେଇ ବେଶ୍ ସଚେତନ ଥିଲେ । ସେଥିପାଇଁ ସେ ତତ୍କାଳୀନ କାଲକାଟାରେ ବାଳିକାମାନଙ୍କ ପାଇଁ ଏକ ବିଦ୍ୟାଳୟ ଖୋଲିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଗୁରୁ ରାମକୃଷ୍ଣ ପରମହଂସଙ୍କ ଆଧାତ୍ମିକ ସହଧର୍ମିଣୀ ମଦର ଶାରଦାଙ୍କ ଦ୍ୱାରା ନିବେଦିତା ସ୍କୁଲ ଉଦ୍‌ଘାଟିତ ହୋଇଥିଲା । ତାଙ୍କଠାରୁ ଅନୁପ୍ରାଣୀତ ହୋଇ କେନ୍ଦ୍ର ସରକାର ଏବେ ବାଳିକାମାନଙ୍କ ଶିକ୍ଷା ପାଇଁ ବେଟି ବଚାଓ-ବେଟି ପଢାଓ ଯୋଜନା ଚଳାଇଛନ୍ତି । ନିବେଦିତା ମଧ୍ୟ ଜଣେ ସଫଳ ଲେଖିକା ଥିଲେ ଏବଂ ସେ ମଧ୍ୟ ଭାରତୀୟମାନଙ୍କ ମଧ୍ୟରେ ଜାତୀୟତାର ଭାବନା ଜାଗ୍ରତ କରିବା ପାଇଁ ଅନେକ ପୁସ୍ତକ ରଚନା କରିଥିଲେ ।

**ଭଗିନୀ ନିବେଦିତା ନାରୀକୁ ନେଇ ବେଶ ସଚେତନ ଥିଲେ**

## 'ବିହାର କେଶରୀ' ଡକ୍ଟର ଶ୍ରୀ କ୍ରିଷ୍ଣା ସିଂହ – ସାମାଜିକ ନ୍ୟାୟର ପ୍ରତୀକ

ଆବିର୍ଭାବ: ୨୧ ଅକ୍ଟୋବର ୧୮୮୭, ତିରୋଧାନ: ୩୧ ଜାନୁଆରୀ ୧୯୬୧



ଗାନ୍ଧୀବାଦୀ ବିଚାରଧାରା ଉପରେ ବିଶ୍ୱାସ ରଖୁଥିବା ଶ୍ରୀ କ୍ରିଷ୍ଣା ସିଂହ କେବଳ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନଥିଲେ ବରଂ ଆଧୁନିକ ବିହାରର ସ୍ଥପତି ଥିଲେ । 'ବିହାର କେଶରୀ', 'ବିହାର ବିଭୂତି', 'ଶ୍ରୀବାବୁ' ଭଳି ତାଙ୍କର ଅନେକ ଶ୍ରଦ୍ଧାନାମ ଲୋକମାନଙ୍କର ତାଙ୍କ ପ୍ରତି ସ୍ନେହ ଓ ସମ୍ମାନର ପ୍ରମାଣ ଦେଇଥାଏ । ଶ୍ରୀ କ୍ରିଷ୍ଣ ସିଂହ ନୱାଡା ଜିଲ୍ଲାର ଖାନୱା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ମାତ୍ର ୫ ବର୍ଷ ହୋଇଥିବାବେଳେ ତାଙ୍କ ମାଆଙ୍କ ଦେହାନ୍ତ ଘଟିଥିଲା । ଶ୍ରୀ କ୍ରିଷ୍ଣା ସିଂହ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଡାକରାରେ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ଯୁବା ବୟସରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ବନାରସର ସେଂଟ୍ରାଲ ହିନ୍ଦୁ କଲେଜରେ ସେ ଗାନ୍ଧିଜୀଙ୍କୁ ଭେଟିଥିଲେ । ୧୯୧୭ ମସିହାରେ ଗାନ୍ଧିଜୀ ଯେତେବେଳେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କଲେ, ଶ୍ରୀ କ୍ରିଷ୍ଣା ସିଂହ ଚାଷୀମାନଙ୍କ ଗୋଷ୍ଠୀର ନେତୃତ୍ୱ ନେଇଥିଲେ । ୧୯୨୧ ମସିହାରେ ଯେତେବେଳେ ମହାତ୍ମାଗାନ୍ଧୀ ଦେଶର ସ୍ୱାଧୀନତା ପାଇଁ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ ସେ ଓକିଲାତି ଛାଡି ସ୍ୱାଧୀତନା ସଂଗ୍ରାମରେ ଯୋଗ ଦେଲେ । ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ କାଳରେ ସେ ମଧ୍ୟ ବେଶ ସକ୍ରିୟ ଥିଲେ । ୧୯୩୩ ମସିହାର ଆଇନ୍ ଅମାନ୍ୟ ଆନ୍ଦୋଳନ କାଳରେ ସେ ଗିରଫ ହୋଇ ହଜାରୀବାଗ ଜେଲକୁ ଯାଇଥିଲେ । ୧୯୪୧ ସତ୍ୟାଗ୍ରହ ପାଇଁ ଗାନ୍ଧିଜୀ ଶ୍ରୀ କ୍ରିଷ୍ଣା ସିଂହଙ୍କୁ ବିହାର ପ୍ରଥମ ସତ୍ୟାଗ୍ରହୀ ନିଯୁକ୍ତ କରିଥିଲେ । ୧୯୪୨ ମସିହାର ଭାରତ ଛାଡ ଆନ୍ଦୋଳନ କାଳରେ ସେ ମଧ୍ୟ ଜେଲ ଯାଇଥିଲେ । ସେ ଆଜୀବନ ସାମାଜିକ ନ୍ୟାୟ ପାଇଁ ସଂଘର୍ଷ କରିଥିଲେ । ବିହାରର ମୁଖ୍ୟମନ୍ତ୍ରୀ ଭାବରେ ସେ ଜମିଦାରୀ ପ୍ରଥାର ଉଚ୍ଛେଦ କରିଥିଲେ । କେବଳ ଏତିକି ନୁହେଁ, ଦେଓଘରର ବୈଦ୍ୟନାଥ ଧାମ ମନ୍ଦିରରେ ଦଳିତମାନଙ୍କ ପ୍ରବେଶ ପାଇଁ ସେ ମଧ୍ୟ ଅଭିଯାନ ଚଳାଇଥିଲେ । ପରିଶେଷରେ, ସେ ଏଥିରେ ସଫଳ ହୋଇଥିଲେ ଏବଂ ବାବା ବୈଦ୍ୟନାଥ ଧାମ ମନ୍ଦିରକୁ ଦଳିତମାନଙ୍କ ପ୍ରବେଶ ତାଙ୍କରି ପ୍ରୟାସ ଦ୍ୱାରା ସମ୍ଭବ ହୋଇଥିଲା ।

**ଆଇନ୍ ଅମାନ୍ୟ ଆନ୍ଦୋଳନ ସମୟରେ ଗିରଫ ହୋଇଥିଲେ**



**Narendra Modi** @narendra...
India is using technology in every sphere of governance and healthcare is no exception.

Be it Aarogya Setu or CoWin, technology has been of great help in fighting COVID-19.

Likewise, telemedicine has helped several people.



**Rajnath Singh** @rajnathsingh ·
I welcome PM Shri @narendramodi on his return to India from an extremely successful and fruitful visit to the United States. His visit will certainly go a long way in further strengthening India-USA friendship and shaping the global perspective on the Indian world view.



**Amit Shah** @AmitShah ·
जनता को आपदा हेतु तैयार करना जरुरी है। आपदा के समय त्वरित रिस्पोंड करने में 'आपदा मित्र' ही सबसे पहले सहायता कर सकते हैं।

मोदीजी के नेतृत्व में हम आपदा प्रभावित 350 जिलों में आपदा मित्र कार्यक्रम की शुरुआत करने जा रहे हैं और सभी वॉलंटियर्स के बीमा का जिम्मा भी भारत सरकार उठाएगी।



**Nitin Gadkari** @nitin_gadkari ·
पंक्ति में खड़े आखिरी व्यक्ति की जिंदगी बेहतर हो, दीनदयाल उपाध्याय जी का एकात्म मानव दर्शन का सपना पूरा हो, देश की इकॉनोमी #5TrillionDollar की बने, इसमें सहकारिता मंत्रालय की महत्वपूर्ण भूमिका होगी। #SahkarSeSamriddhi



**Narendra Singh Tomar** @nst...
सरकार ने शहद के उत्पादन और निर्यात को बढ़ावा देने के लिए राष्ट्रीय मधुमक्खी पालन और शहद मिशन (एनबीएचएम) शुरु किया है।
इसके तहत आज गुजरात सहकारी दुग्ध विपणन संघ लिमिटेड और राष्ट्रीय मधुमक्खी बोर्ड के सक्रिय सहयोग से "अमूल हनी" लॉन्च किया।



**Anurag Thakur** @ianuragtha...
I'm happy to announce the restructuring of sports science and performance management systems in SAI towards better results in Olympics.

Over 300 sports science specialists and high performance coaches, analysts and other personnel to be hired towards targetted results.

# PM in Mann Ki Baat: No one should be left out of vaccine's circle of safety

EXPRESS NEWS SERVICE
NEW DELHI, SEPTEMBER 26

PRIME MINISTER Narendra Modi on Sunday greeted the people ahead of the upcoming festival season even as he cautioned them to maintain Covid protocols and to ensure that those who are yet to receive their vaccinations are also inoculated.

In his monthly Mann Ki Baat radio broadcast, recorded before he left for the US for an official visit, Modi said everyone should get the vaccine administered when his or her turn comes and should also ensure that no one is left out of this "circle of safety".

"With regards to vaccination, the country has made many such records which are being talked about the world over," he said. "Those around you who have not gotten vaccinated also have to be taken to the vaccine centre. Even after getting vaccinated, the necessary protocol

generation today is giving khadi the place of pride that khadi had during freedom struggle...

"On October 2, on revered Bapu's birth anniversary, let us aim for another new record... For the festive season, every khadi, handloom, cottage industry purchase of yours should strengthen the campaign for 'Vocal for Local', it should break all old records," said the Prime Minister.

Modi dedicated this month's Mann ki Baat to World Rivers Day, which is marked on Sunday. The Prime Minister said in India, we revere rivers, but on the other hand, we pollute them. Pointing out that great progress was being made through the government's Namami Gange programme, Modi said the money collected through the e-auction of gifts which he has received (launched on September 17 and to continue till October 8), will be given to Namami Gange.

The Prime Minister also mentioned the feat of the team of eight specially-abled persons

## TRACKING THE SECOND SURGE

574 DAYS SINCE PANDEMIC BEGAN

NEW CASES: 26,305
ACTIVE CASES: 3,01,489
TOTAL VACCINATION: 85,60,81,527

DAILY DEATHS 278 | TOTAL DEATHS 4,47,196 | WEEKLY CFR 0.87% | OVERALL CFR 1.34%



TESTS TODAY: 13,68,992 | TOTAL TESTS: 56,46,12,237
WEEKLY POSITIVITY: 1.83% | OVERALL POSITIVITY: 5.96%

### STATES REPORTING MOST CASES

| STATE | NEW CASES | ACTIVE CASES | WEEKLY POSITIVITY | TOTAL VACCINATION |
|---|---|---|---|---|
| Kerala | 15,951 | 1,63,776 | 15.86% | 3,50,64,877 |
| Maharashtra | 3,206 | 37,860 | 2.33% | 7,81,02,782 |
| Tamil Nadu | 1,694 | 17,285 | 1.10% | 4,41,52,468 |
| Mizoram | 1,478 | 15,788 | 16.01% | 11,05,944 |

# Corruption has come down due to schemes: PM

DC CORRESPONDENT
NEW DELHI, SEPT 26

In his monthly Mann ki baat address on Sunday, Prime Minister Narendra Modi said corruption has reduced very significantly by measures such as depositing money directly into the "Jan Dhan" bank accounts off the poor, adding that through the world's largest health assurance scheme — Ayushman Bharat scheme, more than two and a half crore economically weaker sections of society have got free treatment up to ₹5 lakh in hospital.

The PM devoted much of

poor; eases their life. You are aware of the campaign that the country started regarding Jandhan accounts. Today, because of this the rightful money of the poor is getting credited directly into their accounts and because of this, obstacles like corruption have reduced very significantly."

Modi further said, "It is true that technology can help a lot in economic cleanliness. It is matter of delight for us that even in villages, the common person is getting connected in the direction of digital transactions through fintech UPI... its prevalence has begun increasing

## Work in Progress



# Come, make in India: Modi woos global vaccine manufacturers

TIMES NEWS NETWORK

PM Narendra Modi on Saturday made an important effort to put India on the front-line of the global fight against Covid-19, by inviting global vaccine manufacturers to "come and make vaccines in India".

"I, today, invite vaccine manufacture around the world — come, make vaccines in India," PM Modi said while addressing the 76th session of the UN General Assembly.

"I want to give this information to UNGA that India has developed the world's first



The Indian community greets PM Modi in New York on Saturday

siderable goodwill when the Modi government launched "Vaccine Maitri" initiative to

for those above 12 years of age, Pune-based biotechnology firm Gennova Biopharma-

# US Prez backs India's UNSC permanent seat

Press Trust of India
letters@hindustantimes.com

WASHINGTON: US President Joe Biden has reiterated America's support for India's permanent membership on a reformed United Nations Security Council (UNSC) and its entry into the Nuclear Suppliers Group (NSG) during his first in-person bilateral meeting with Prime Minister Narendra Modi at the White House.

President Biden, in his talks with Prime Minister Modi,




# PM returns after 20 meetings in 3-day US visit



PM Narendra Modi at Palam airport on Sunday PHOTO: PTI

PRESS TRUST OF INDIA
New Delhi, 26 September

Prime Minister Narendra Modi, who returned to India from the US on Sunday, attended 20 meetings during his 65-hour visit, government sources said.

He also had four long meetings in flights with officials on the way to and back from the US, they added.

Sharing details, sources said Modi had two meetings in flight on Wednesday on the way to the US and three in the hotel upon his arrival.

On September 23, he had five meetings with as many CEOs followed by talks with US Vice President Kamala Harris and bilateral interactions with his Japanese and Australian counterparts Yoshihide Suga and Scott Morrison, respectively. He also chaired three internal meetings.

He had a bilateral meeting with US President Joe Biden the next day and then attended the Quad meet. Sources said Modi also held four internal meetings on September 24.

As Modi left the US for India on September 25, he held two meetings in the flight back, sources said.

Modi, who landed at the Palam airport, was given a warm welcome by BJP leaders, including party chief JP Nadda.

Modi, who walked for nearly two kilometres meeting party workers and the people lined up along the road outside the airport, thanked them for welcoming him.

Citing Modi's meetings with US President Joe Biden and Vice-President Kamala Harris, besides his participation in the Quad meet and address at the UNGA, Nadda said the Prime Minister put across strongly and frankly global issues and also India's views over threats like terrorism and expansionism.

MODI'S MANN KI BAAT

# 'Turn to khadi on Gandhi Jayanti, break all records'

OUR BUREAU
New Delhi, September 26

Prime Minister Narendra Modi on Sunday urged people to go in for record purchases of Khadi products on Mahatma Gandhi's birth anniversary on October 2.

In his address at the 81st episode of *Mann Ki Baat*, Modi called for collective efforts to maintain the tradition of remembering rivers and suggested that a "river festival" be celebrated at least once a year across the country. On the occasion of 'World Rivers Day' today, Modi highlighted the importance of rivers.

**Push for khadi**

Modi made a big push for Khadi, ahead of Mahatma Gandhi's birthday and stressed the need to further strengthen the vocal for local programme.

"Before Bapu's birthday, we should break all records in purchasing Khadi, we should be vocal for local. With upcoming festivals, make sure all your



Prime Minister Narendra Modi

purchases are Khadi," Modi said.

He said that Bapu (Mahatma Gandhi) was a proponent of cleanliness and had made cleanliness a mass movement and associated it with the dream of independence.

"Today, the production of Khadi and handloom has increased manifold and its demand has also increased," he added.

**Economic cleanliness**

Modi also drew attention of people to 'economic cleanliness'. He talked of popularity of technology like UPI.

"In the last one month (August), there have been over 350 crore UPI transactions. In this way, we can see how fintech has gone up considerably. Now, on an average over ₹6-lakh crore worth transactions are being put through UPI. It is true that technology can help in financial cleanliness. Nowadays, people in the villages are able to transfer money through UPI," he said.

Modi said that Covid has taught all to pay attention to healthcare and natural products. He spoke of an aloe vera field in Jharkhand run by women and how sanitiser companies are flocking to them.

## Digital Health Mission launch today

OUR BUREAU
New Delhi, September 26

Prime Minister Narendra Modi will launch the Pradhan Mantri Digital Health Mission (PM-DHM) on Monday at 11 am via video conferencing.

Currently, PM-DHM is being implemented in pilot phase in six UTs.

"Based on the foundations laid down in the form of Jan Dhan, Aadhaar and Mobile (JAM) trinity and other digital initiatives of the government, PM-DHM will create a seamless online platform through the provision of a wide-range of data, information and infrastructure services, duly leveraging open, interoperable, standards-based digital systems while ensuring the security, confidentiality and privacy of health-related personal information. The Mission will enable access and exchange of longitudinal health records of citizens with their consent," a release said.

RNI No. :
DELODI/2020/78831
October: 16-31, 2021

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110001 On 13-17 advance Fortnightly, (Publishing Date October 6, 2021, Pages-48)



# ଆଜାଦ ହିନ୍ଦ

ଆମ ସ୍ୱାଧୀନତା ସଂଗ୍ରାମ ପଥରେ ଏପରି କେତେକ ମାଇଲଖୁଣ୍ଟ ରହିଛି ଯାହାକୁ ଆମେ ଭୁଲି ଯାଇଥିଲୁ। ଆଜାଦ ହିନ୍ଦ ନାମରେ ସ୍ୱାଧୀନ ଭାରତର ପ୍ରଥମ ସରକାର ଗଠନ ଏହିପରି ଏକ ଐତିହାସିକ ଘଟଣା ଯାହାକୁ ଅଣଦେଖା କରାଯାଇଥିଲା। ଦେଶ ସ୍ୱାଧୀନତାର ୪ ବର୍ଷ ପୂର୍ବରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅକ୍ଟୋବର ୨୧, ୧୯୪୩ରେ ପ୍ରଥମ ସ୍ୱାଧୀନ ସରକାର ପ୍ରତିଷ୍ଠା କରିଥିଲେ। ସେତେବେଳେ ୯ଟି ରାଷ୍ଟ୍ର ଏହି ସରକାରକୁ ମାନ୍ୟତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୮ରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରି ଆଜାଦ ହିନ୍ଦ ସରକାରଙ୍କ ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଲାଲକିଲାରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ।

“ ଭାରତର ସ୍ଥିତି ଜାହିର କରିଥିବା ପ୍ରଥମ ବ୍ୟକ୍ତି ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଜଣେ ଭାରତୀୟର ଦୃଷ୍ଟି ନେଇ ଦେଖିବା ଲାଗି ଭାରତର ଜନସାଧାରଣଙ୍କୁ ଶିକ୍ଷା ଦେବାରେ ସେ ଥିଲେ ପ୍ରଥମ ବ୍ୟକ୍ତି ।-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

**Editor:**
**Jaideep Bhatnagar**, Principal Director General, Press Information Bureau, New Delhi

**Published & Printed by: Satyendra Prakash**, Principal Director General, BOC on behalf of Bureau of Outreach and Communication

**Published from**
**Room No-278, Bureau of Outreach and Communication, 2nd Floor, Soochna Bhawan, New Delhi -110003**

**Printed at** Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003

Odia Vol. 2 Issue 8